

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani


website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୩ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 23 September 2024
Vol.No. 35 ■ No.255 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଆତଙ୍କବାଦ ପ୍ରସଙ୍ଗରେ କଂଗ୍ରେସ ଏବଂ ଫାରୁକ୍ ଅବଦୁଲ୍ଲାଙ୍କୁ ଶାହାଙ୍କ ଟାର୍ଗେଟ



ଶ୍ରୀନଗର, ୨୨/୯ : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ରବିବାର ଦିନ ଜମ୍ମୁକଶ୍ମୀରର ନୋଶେରାରେ ପହଞ୍ଚି ବିଜେପି ପ୍ରାର୍ଥୀ ରବିନ୍ଦ୍ର ରାଇନାଙ୍କ ସମର୍ଥନରେ ପ୍ରଚାର କରିଛନ୍ତି। ସାଧାରଣ ସଭାରେ ସେ ଆତଙ୍କବାଦ ପ୍ରସଙ୍ଗରେ କଂଗ୍ରେସ ଏବଂ ଫାରୁକ୍ ଅବଦୁଲ୍ଲାଙ୍କୁ ଟାର୍ଗେଟ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆତଙ୍କବାଦ ବର୍ତ୍ତମାନ ଶେଷ ନିଶ୍ୱାସ ଗଣନା କରୁଛି ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଶାହା କହିଛନ୍ତି, ଯଦି ଲୋକମାନେ ରାଇନାଙ୍କୁ ସମର୍ଥନ କରି ଭୋଟ୍ ଦିଅନ୍ତି ଏବଂ ତାଙ୍କୁ ବିଜୟୀ କରାନ୍ତି, ତେବେ ଆମେ ନୋଶେରା ଉପତ୍ୟକାରେ ବିକାଶର ଏକ ନୂତନ ଉଦାହରଣ ସୃଷ୍ଟି କରିବୁ। ଆତଙ୍କବାଦ ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ଜମ୍ମୁକଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା ଏବଂ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, 'ଅବଦୁଲ୍ଲା ସାହେବ ଆପଣ ଚିନ୍ତା କରନ୍ତୁ ନାହିଁ, ନିର୍ବାଚନ ସରିବା ପରେ ଆମେ ଏକ ଶ୍ୱେତପତ୍ର ଆଣିବାକୁ ଯାଉଛୁ, ଯାହା କଂଗ୍ରେସ, ତୁମେ ଏବଂ ମୁଫତି ପରିବାରକୁ ସମ୍ପୂର୍ଣ୍ଣ ରୂପେ ପ୍ରକାଶ କରିବ। ଏଠାକୁ କିଏ ଆତଙ୍କବାଦ ଆଣିଥିଲା ? କାହାର ପ୍ରେରଣାରେ ଏହା ଘଟିଲା ? ସେତେବେଳେ କାହାର ସରକାର କେନ୍ଦ୍ରରେ ଥିଲେ ଏବଂ କାହାର ଶାସନ ଏଠାରେ ଥିଲା ? ଆତଙ୍କବାଦୀଙ୍କ ସହ କିଏ ବିରିୟାନି ଖାଇଲା ? ଆମେ ଏହି ସମସ୍ତ ତଥ୍ୟ ପ୍ରକାଶ କରିବୁ । ଅମିତ ଶାହା ଆହୁରି କହିଛନ୍ତି, 'ନିକଟରେ କଂଗ୍ରେସର ପୂର୍ବତନ ଗୃହମନ୍ତ୍ରୀ ସିନ୍ଦେ କହିଥିଲେ ଯେ ସେ ପୂର୍ବରୁ ଲାଲ ଚୌକ ଯିବାକୁ ଭୟ କରୁଥିଲେ। କୌଣସି ଅସୁବିଧା ନାହିଁ ସିନ୍ଦେ ସାର୍ । ବର୍ତ୍ତମାନ ମୁଁ ଗୃହମନ୍ତ୍ରୀ, ମୁଁ ଆପଣଙ୍କୁ କହୁଛି ନାତି ନାତୁଣୀଙ୍କ ସହ ଲାଲ ଚୌକକୁ ଯାଆନ୍ତୁ, କେହି ଆପଣଙ୍କର କିଛି କରିପାରିବେ ନାହିଁ । କଂଗ୍ରେସକୁ ନେଇ ଅମିତ ଶାହା କହିଛନ୍ତି, 'ଏହି ଦଳ ଘାଟିରେ ଆତଙ୍କବାଦକୁ ପୁନଃ ପ୍ରତିଷ୍ଠା କରିବାକୁ ଚାହୁଁଛି। ଉପତ୍ୟକାର ଲୋକମାନେ ଆଜି ଶାନ୍ତିରେ ଶୋଇଛନ୍ତି। ଚାରିଆଡେ ଶାନ୍ତିର ପବନ ପ୍ରବାହିତ ହେଉଛି, କିନ୍ତୁ ଉପତ୍ୟକାରେ ଆତଙ୍କବାଦକୁ ଫେରାଇ ଆଣିବାକୁ ଚାହୁଁଥିବା କଂଗ୍ରେସର ମାନସିକତାକୁ ଦେଖନ୍ତୁ, କିନ୍ତୁ ମୁଁ ଏହା ସ୍ପଷ୍ଟ କରିବାକୁ ଚାହୁଁଛି ଯେପର୍ଯ୍ୟନ୍ତ କେନ୍ଦ୍ରରେ ନରେନ୍ଦ୍ର ମୋଦୀ ସରକାର ଅଛନ୍ତି, କଂଗ୍ରେସର ଏହି ସ୍ୱପ୍ନ ଦେଖିବ। ପୂରଣ ହେବ ନାହିଁ।

# ସରିଲା ଶ୍ରୀମନ୍ଦିର ରତ୍ନ ଭଣ୍ଡାରର ରାଡର ସର୍ଭେ



ପୁରୀ, ୨୨/୯ (ନି.ପ୍ର): ଶେଷ ହେଲା ଶ୍ରୀମନ୍ଦିର ରତ୍ନ ଭଣ୍ଡାରର ରାଡର ସର୍ଭେ। ଦୁଇ ଦିନ କାଳ ୩ଟି ଆଣ୍ଟିନା ମାଧ୍ୟମରେ ସର୍ଭେ କରି ଡାଟା ଜେନେରେଟ୍ କରିଛି ଘଏଜଓ ଟିମ୍। ଚୂଡାନ୍ତ ରିପୋର୍ଟ ଆସିବା ପରେ ଦୂର ହେବ ରତ୍ନ ଭଣ୍ଡାର ଗୁପ୍ତ ସୁଡ଼ଙ୍ଗ ଓ ଗୁପ୍ତ କୋଠରୀ ସଂଶୟ। ୭ଟି ଷ୍ଟେଜରେ ସଂଗ୍ରହ ହୋଇଥିବା ସର୍ଭେ ଡାଟାକୁ ଲାବ୍‌ରେ ତର୍ଜମା କରାଯିବା ପରେ ମିଳିବ ପ୍ରକୃତ ତଥ୍ୟ। ରତ୍ନ ଭଣ୍ଡାର ଚଟାଣ ତଳେ କ'ଣ ରହିଛି ସେ ନେଇ ଖୁବ୍ ଶୀଘ୍ର ଚୁଡାନ୍ତ ରିପୋର୍ଟ ଦେବ ଘଏଜଓ ଟିମ୍। ଇଲେକ୍ଟ୍ରି ମ୍ୟାଗ୍ନେଟିକ୍ ୱେଭ୍ ମାଧ୍ୟମରେ ଡାଟା ସଂଗ୍ରହ କରାଯାଇଛି। ଡାଟା ଇମେଜ କ୍ୱାଲିଟିକୁ ଲାବ୍‌ରେ ଆସେମ୍ବଲ୍ କରାଯିବା ପରେ ଚୁଡାନ୍ତ ରିପୋର୍ଟ

▶▶ପୃଷ୍ଠା ୭

# ଆଠ ନକ୍ସଲଙ୍କ ଆତ୍ମସମର୍ପଣ

ବିଜାପୁର/ରାୟପୁର, ୨୨/୯ (ନି.ପ୍ର): ଆତଙ୍କର ରାସ୍ତା ଛାଡି ଶନିବାର ବିଳମ୍ବିତ ରାତିରେ ଆଠ ଜଣ ନକ୍ସଲ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କ ମଧ୍ୟରେ ୮ ଲକ୍ଷ ଟଙ୍କାର ଇନାମ ଘୋଷଣା ହୋଇଥିବା ପ୍ଲାଟୁନ ନମ୍ବର ୧୨ର କମାଣ୍ଡର, ୨ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିବା ପ୍ଲାଟୁନ ନମ୍ବର ୨ର ପାର୍ଟି ସଦସ୍ୟା ,ଏକ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା ହୋଇଥିବା ଜନତାନା ସରକାର ସଭାପତି ସହିତ ପ୍ରାୟ ୧୧ ଲକ୍ଷ ଟଙ୍କା ଘୋଷଣା ହୋଇଥିବା ତିନି ନକ୍ସଲଙ୍କ ସହ ୮ ଜଣ ମାଓବାଦୀ ଅନ୍ତର୍ଭୁକ୍ତ ଅଛନ୍ତି । ଏବେ ସୁଦ୍ଧା ବିଜାପୁରରେ ଚଳିତ ବର୍ଷ ୧୭୮ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ପୋଲିସ ଅଧିକାରୀ କହିଛନ୍ତି ମାଓବାଦୀଙ୍କ ଭେଦଭାବପୂର୍ଣ୍ଣ ନୀତି , ସେମାନଙ୍କୁ ଅବହେଳା ଏବଂ ମାଓବାଦୀଙ୍କ ଜୀବନଶୈଳୀ ଏବଂ ବିଚାରଧାରାରେ କ୍ଷୁବ୍ଧ ହୋଇ ଏବଂ ଛତିଶଗଡ ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତିରେ ପ୍ରଭାବିତ ହୋଇ ସେମାନେ ଆତ୍ମସମର୍ପଣ କରିଛନ୍ତି।

# 'ସୁଭଦ୍ରା' ପାଇଁ ଅଙ୍ଗନୱାଡ଼ି ଦିଦିଙ୍କୁ ମାଡ଼: ୩ ଜଣଙ୍କୁ ବାନ୍ଧିଲା ପୁଲିସ୍




ବାଲିଆପାଳ, ୨୨/୯ (ନି.ପ୍ର): ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା 'ସୁଭଦ୍ରା' ପାଇଁ ଶୋଭାଯାତ୍ରା କରିବାରୁ ବାଲେଶ୍ୱର ଜିଲ୍ଲାରେ ଅଙ୍ଗନୱାଡ଼ି ଦିଦିଙ୍କୁ ମାଡ଼ ହୋଇଥିଲା। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କେତେକ ମହିଳା ନେତ୍ରୀ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ଆଜି ୩ ଜଣ ମହିଳାଙ୍କୁ ଗିରଫ କରିଛି। ମାଡ଼ ମାରିଥିବା ଅନ୍ୟ ମହିଳାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ବାଲିଆପାଳ ବ୍ଲକ୍ କୁଣ୍ଡୁଳି ପଞ୍ଚାୟତ ମହାପଦା ଅଙ୍ଗନୱାଡ଼ି ଦିଦି ଉର୍ମିଳା ସାମଲ 'ସୁଭଦ୍ରା' ଯୋଜନା ପାଇଁ ଗାଁରେ ଶୋଭାଯାତ୍ରା କରିଥିଲେ। ସେହି ସମୟରେ ଗାଁର ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ମହିଳାମାନେ ଅଙ୍ଗନୱାଡ଼ି ଦିଦି ଉର୍ମିଳା ସାମଲଙ୍କୁ ବିରୋଧ କରିଥିଲେ। ତା'ପରଠାରୁ ଗାଁର କିଛି ମହିଳାଙ୍କ ସହିତ ଅଙ୍ଗନୱାଡ଼ି ଦିଦିଙ୍କର ତିକ୍ତତା ଲାଗି ରହିଥିଲା। ତେବେ ୧୯ ତାରିଖରେ

▶▶ପୃଷ୍ଠା ୭

# ବନ୍ଦ ପାଇଁ ବୈଠକ ଡାକିଥିଲା ବିଜେଡି: ନେତାକର୍ମୀ କଲେ ହଙ୍ଗାମା




ଭୁବନେଶ୍ୱର, ୨୨/୯ (ନି.ପ୍ର): ବିଜୁ ଜନତା ଦଳ (ବିଜେଡି) ଦିନକ ପରେ ଅର୍ଥାତ ଆସନ୍ତା ୨୪ ତାରିଖରେ ରାଜଧାନୀ ଭୁବନେଶ୍ୱରରେ ୬ ଘଣ୍ଟିଆ ବନ୍ଦ ଡାକରା ଦେଇଛି। ଏଥି ପାଇଁ ଆଜି ଡକାଯାଇଥିବା ପ୍ରସ୍ତୁତି ବୈଠକରେ ଦଳୀୟ କର୍ମୀମାନେ ହଙ୍ଗାମା କରିଛନ୍ତି। ଆଜି ଅପରାହ୍ନରେ 'ଶଙ୍ଖ ଭବନ'ରେ ଦୁଇ ଜଣ କାଉନ୍‌ସିଲରଙ୍କୁ ବିରୋଧ କରି ଅନ୍ୟ କାଉନ୍‌ସିଲର ଓ କର୍ମକର୍ତ୍ତାମାନେ ବୈଠକରୁ ଉଠି ଆସି ହୋ-ହଲ୍ଲା କରିଛନ୍ତି। 'ଶଙ୍ଖ ଭବନ'ରେ

▶▶ପୃଷ୍ଠା ୭

# ଏୟାରପୋର୍ଟ ନାଁରେ ମାଲକାନଗିରିବାସୀଙ୍କୁ ଭୂଆଁ ବୁଲାଇଥିଲେ ନବୀନ !




ଭୁବନେଶ୍ୱର, ୨୨/୯ (ନି.ପ୍ର): ସାଧାରଣ ନିର୍ବାଚନର ପୂର୍ବରୁ ଲୋକାର୍ପିତ ହୋଇଥିଲା ମାଲକାନଗିରି ଏୟାରପୋର୍ଟ। ଆଉ ଲୋକାର୍ପଣ କରିଥିଲେ ସେତେବେଳର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଖାଲି ଉଦ୍‌ଘାଟନ କରିନଥିଲେ, ଏୟାରପୋର୍ଟରେ ବଣ୍ଡା ଜନଜାତୀର ଲୋକଙ୍କ ସହିତ ଫଟୋ ପୋଜ୍ ମଧ ଦେଇଥିଲେ। ଏୟାରପୋର୍ଟ ଲୋକାର୍ପଣ ହେବାର ୭ ମାସ ପରେ ସାମ୍ନାକୁ ଆସିଲା ସତ। ଆଉ ସତ ଖୋଲିଲା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟର ତଥ୍ୟ। ଆରଟିଆଇ ମାଧ୍ୟମରେ ଉଏଉଇଠାରୁ ମିଳିଥିବା ତଥ୍ୟ ଅନୁସାରେ ମାଲକାନଗିରି ବିମାନବନ୍ଦର ପାଇଁ ବେସାମରିକ ବିମାନ ଚଳାଚଳ ମହା ନିର୍ଦ୍ଦେଶାଳୟର ଅନୁମତି ନାହିଁ। ଖାଲି ସେତିକି ନୁହେଁ, ମାଲକାନଗିରିରେ

▶▶ପୃଷ୍ଠା ୭

# ପ୍ରତ୍ୟାଶା ରାୟ ପାଇବେ 'ଏକଲବ୍ୟ' ପୁରସ୍କାର



ଭୁବନେଶ୍ୱର, ୨୨/୯ (ନି.ପ୍ର): ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସନ୍ତରଣକାରୀ ପ୍ରତ୍ୟାଶା ରାୟଙ୍କୁ ମିଳିବ ୨୦୨୪ ମସିହାର ସମ୍ମାଜନକ 'ଏକଲବ୍ୟ ପୁରସ୍କାର'। ଆଜି ଅନୁଷ୍ଠିତ ଏକଲବ୍ୟ ପୁରସ୍କାର ଜୁରୀ କମିଟି ବୈଠକରେ ସର୍ବସମ୍ମତି କ୍ରମେ ତାଙ୍କ ଘୋଷଣା କରାଯାଇଛି। ଆଗାମୀ

▶▶ପୃଷ୍ଠା ୭

# ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି: ମୟୂରଭଞ୍ଜ ଗସ୍ତ ବାତିଲ୍



ଭୁବନେଶ୍ୱର, ୨୨/୯ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟରରେ ଦେଖାଦେଲା ଯାନ୍ତ୍ରିକ ତ୍ରୁଟି। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମୟୂରଭଞ୍ଜ ଗସ୍ତ ବାତିଲ୍ ହୋଇଛି। ସେ କାରକେଟ୍‌ରେ ସଡ଼କ ପଥରେ କେନ୍ଦୁଝରରୁ ରାଜଧାନୀ ଭୁବନେଶ୍ୱର ଅଭିମୁଖେ ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନି ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇଥିଲେ। ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆଜି ମୁଖ୍ୟମନ୍ତ୍ରୀଙ୍କର ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଯିବାରେ ଥିଲା। ତେଣୁ ନିର୍ଦ୍ଧାରିତ ସମୟରେ ଆଜି ଅପରାହ୍ନ ପ୍ରାୟ ୩ଟା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦୁଝର ସାଂସଦ ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ ତେଲକୋଇ ବିଧାୟକ ଡକ୍ଟର ଫକୀର ମୋହନ ନାଏକ ରାଇସୁଆଁ ଏୟାର ଷ୍ଟ୍ରିପ୍‌ରେ ପହଞ୍ଚି ଥିଲେ। ଠିକ୍ ସେତିକି ବେଳେ ପ୍ରବଳ ବର୍ଷା ହୋଇଥିଲା। ଯେଉଁଥିପାଇଁ

▶▶ପୃଷ୍ଠା ୭

# ଟ୍ରେନ୍ ଦୁର୍ଘଟଣା ଷଡ଼ଯନ୍ତ୍ର: ଟ୍ରାକ୍‌ରୁ ମିଳିଲା ଗ୍ୟାସ୍ ସିଲିଣ୍ଡର



ନୂଆଦିଲ୍ଲୀ, ୨୨/୯ : ପୁଣି ଥରେ ଟ୍ରେନ୍ ଦୁର୍ଘଟଣା ଘଟାଇବାକୁ ହୋଇଛି ଷଡ଼ଯନ୍ତ୍ର। ପଥର ଖଣ୍ଡ, କାଠ ଓ ଲୁହା ପ୍ଲେଟ୍ ଏବେ ଟ୍ରାକ୍‌ରୁ ମିଳିଲା ଗ୍ୟାସ୍ ସିଲିଣ୍ଡର। ପୁଣି ଉତ୍ତରପ୍ରଦେଶରେ ଦେଖିବାକୁ ମିଳିଛି ଏଭଳି କିଛି ଦୃଶ୍ୟ। ତେବେ କୌଣସି ଅଘଟଣ ଘଟିବା ପୂର୍ବରୁ ଟ୍ରେନ୍ ଅଟକି ଯାଇଛି। ଫଳରେ ଦୁର୍ଘଟଣା ଷଡ଼ଯନ୍ତ୍ର ବିଫଳ ହୋଇଛି। କାନପୁର ଦେହାତ ଜିଲ୍ଲାର ପ୍ରେମପୁର ରେଳ ଷ୍ଟେସନ ଟ୍ରାକ୍ ଉପରେ ରଖାଯାଇଥିଲା ଗ୍ୟାସ୍ ସିଲିଣ୍ଡର। କିଛି ଦୁର୍ବୃତ୍ତ ଟ୍ରେନ୍ ଦୁର୍ଘଟଣା ଘଟାଇବାକୁ ଏଭଳି ଷଡ଼ଯନ୍ତ୍ର ରଚିଥିଲେ। ଆଜି ସକାଳ ୬ଟାରେ ଏହି ଘଟଣା ସାମ୍ନାକୁ ଆସିଥିଲା। ଉତ୍ତରପ୍ରଦେଶ ପ୍ରେମପୁର ଷ୍ଟେସନ ରେଳ ଧାରଣାରୁ ଉକ୍ତ ଗ୍ୟାସ୍ ସିଲିଣ୍ଡର ଜବତ ହୋଇଛି। କାନପୁରରୁ ଏକ ମାଲ୍‌ବାହୀ ଟ୍ରେନ୍ ପ୍ରୟାଗରାଜ ଯାଉଥିବା ବେଳେ ଲୋକ ପାଇଲଟଙ୍କ ନଜରରେ ଟ୍ରାକ୍ ?ରେ ଥିବା ସିଲିଣ୍ଡର ଉପରେ ପଡ଼ିଥିଲା। ସେ ସଙ୍ଗେ ସଙ୍ଗେ ଟ୍ରେନ୍‌ଟିକୁ ଅଟକାଇ ଦେଇଥିଲେ। ଫଳରେ ବଡ଼ ଅଘଟଣ ଟଳି ଯାଇଛି। ଏହା ପରେ ସେ ସମସ୍ତ ସଂପୃକ୍ତ ବିଭାଗକୁ ଏ ବିଷୟରେ ଜଣାଇଥିଲେ। ଏହାପରେ ରେଳବାଇ ଓଙଡ,

▶▶ପୃଷ୍ଠା ୭

# ନ୍ୟୁୟର୍କରେ ଓଡ଼ିଆଙ୍କୁ ଭେଟିଲେ ମୋଦି



ନୂଆଦିଲ୍ଲୀ, ୨୨/୯ : ନ୍ୟୁୟର୍କରେ ଓଡ଼ିଆଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନ୍ୟୁୟର୍କରେ ପହଞ୍ଚିବା ପରେ ଏକ ହୋଟେଲରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ ଓଡ଼ିଶା ସୋସାଇଟି ସଦସ୍ୟ ଓ ପ୍ରବାସୀ ଭାରତୀୟମାନଙ୍କୁ ଭେଟିଛନ୍ତି ପ୍ରଧାନମନ୍ତ୍ରୀ । ପାରମ୍ପାରିକ ନାଚଗୀତର ତାଳେତାଳେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଛନ୍ତି ପ୍ରବାସୀ ଭାରତୀୟମାନେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅତି ନିକଟରେ ପାଇ ପ୍ରବାସୀ ଭାରତୀୟମାନେ ପିଏମଙ୍କ ସହ ସେଲଫି ନେବା ସହ ଖୁସି ପ୍ରକାଶ କରିଛନ୍ତି । ଆଜି ପ୍ରଧାନମନ୍ତ୍ରୀ ମୋଦି ନ୍ୟୁୟର୍କରେ ଭାରତୀୟ ସମୁଦାୟକୁ ସମ୍ବୋଧନ କରିବା କାର୍ଯ୍ୟକ୍ରମ ରହିଛି । ଭାରତୀୟ ସମୟ ରାତି ସାଢ଼େ ୯ଟାରେ ନ୍ୟୁୟର୍କରେ ପ୍ରବାସୀ ଭାରତୀୟଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେବେ ପିଏମ୍ ମୋଦି । ସେପଟେ ଭାରତରୁ ଚୋରା ଚାଲାଣ ହୋଇଥିବା ମୂଲ୍ୟବାନ ପୁରୁଣା ସାମଗ୍ରୀ ଫେରାଇଲା ଆମେରିକା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ବେଳେ ୨୯୭ ଚୋରା ସାମଗ୍ରୀକୁ ଭାରତକୁ ହସ୍ତାନ୍ତର କରାଯାଇଛି । ଗତ ୨୦୧୪ ମସିହାରୁ ବର୍ତ୍ତମାନ ସୁଦ୍ଧା ଭାରତକୁ ଫେରିଛି ଚୋରା ଚାଲାଣ ହୋଇଥିବା ୬୪୦ ମୂଲ୍ୟବାନ ସାମଗ୍ରୀ । ଏହା ଭିତରେ ଆମେରିକାରୁ ଆସିଛି ୫୭୮ଟି । ସେହିପରି ବାଇଡେନ୍ ଦମ୍ପତିଙ୍କୁ ଉପହାର ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଆମେରିକା ରାଷ୍ଟ୍ରପତି ବାଇଡେନଙ୍କୁ ରୂପାରେ ତିଆରି ଏକ ପ୍ରାଚୀନ ଟ୍ରେନ୍ ମଡେଲ୍ ଉପହାର ଦେଇଛନ୍ତି । ମହାରାଷ୍ଟ୍ରର କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ବିରଳ କଳାକୃତି । ଏହି ରୁପା ଟ୍ରେନ୍ ମଡେଲ୍ ୯୨.୫% ରୁପାରେ ନିର୍ମିତ ହୋଇଛି । ସେହିପରି ପ୍ରଧାନମନ୍ତ୍ରୀ ଆମେରିକାର ଫାଷ୍ଟ ଲେଡି ଜିଲ୍ ବାଇଡେନଙ୍କୁ ଜମ୍ମୁ କାଶ୍ମୀରର ପ୍ରସିଦ୍ଧ ପାଶମିନା ସାଲ୍ ଉପହାର ଦେଇଛନ୍ତି ।

# ଜାତୀୟ ସେବା ଯୋଜନା ତରଫରୁ ଅଧିଗ୍ରହଣ ସମାବେଶ

ମାଲକାନଗିରି, ୨୨/୦୯ (ନି.ପ୍ର): ଜାତୀୟ ସେବା ଯୋଜନା ତରଫରୁ ମାଲକାନଗିରି ମହାବିଦ୍ୟାଳୟର ଉଭୟ ବାଳକ ଏବଂ ବାଳିକା ବିଭାଗ ତରଫରୁ ଏକ ଅଧିଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କୁ ଅବଗତ କରାଇଥିଲେ । ମୁଖ୍ୟବକ୍ତା ଭାବେ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ତଥା ଯୁବ ରେଡ଼କ୍ରସର ଜିଲ୍ଲା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଦେଶ ଓ ସମାଜ ପ୍ରତି ସେବା ମନୋଭାବ ଆଣିବା ପାଇଁ ସଂକଳ୍ପବଦ୍ଧ କରାଇଥିଲେ। ସଭାକୁ ଗୌତମ କୁମାର ନାୟକ (ପି.ଓ) ବାଳକ ବିଭାଗର ସଭା ପରିଚାଳନା କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ, ତା ସହିତ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ ନାମ ପଞ୍ଜିକରଣ, ଜାତୀୟ ସେବାର ଆରମ୍ଭ, ଲୋଗୋ ର ଅର୍ଥ,ସ୍ୱେଚ୍ଛାସେବୀଙ୍କ ଦାୟିତ୍ୱ ଓ କର୍ତବ୍ୟ ଉପରେ ଆଲୋକପାତ କରାଇଥିଲେ। ଏହି ସଭାରେ ଦୁଇ ଶହରୁ ଉର୍ଦ୍ଧ୍ୱ ବାଳକ ଓ ବାଳିକା ବିଭାଗର ସମସ୍ତ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ସଭା ପରିଶେଷରେ ପ୍ରେମରେଖା ଭତ୍ରା (ପି.ଓ) ବାଳିକା ବିଭାଗର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ ।

# ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଫୁଟବଲ ଟୁର୍ଣ୍ଣାମେଂଟ

ବଲାଙ୍ଗିର, ୨୨/୦୯ (ନି.ପ୍ର): ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଆଜି ୪ ଗୋଟି କ୍ୱାଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି । ଟାଉନ ହାଇସ୍କୁଲ ପଡିଆରେ ସିସିଏଫ୍ଏ ବଲାଙ୍ଗିର ୨-୦ ଗୋଲରେ ୱାଇଏସ୍ଏଫ୍ଏ ମନହୀରାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି । ଅତିଥି ଭାବେ ସଦର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗୋଲାପ ବାଗ ଯୋଗ ଦେଇଥିବା ବେଳେ ଖେଳାଳି ଚୟନ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଓ ପୂର୍ବତନ ଖେଳାଳି ଲୋକନାଥ ନେପାକ ମଂଚାସିନ ଥିଲେ । ଖେଳକୁ ଅବଦୁଲ ମୁଜିବ, ସଞ୍ଜନ କୁଦେଇ, ବିକି ବିଶି ଓ ସୁଶାନ୍ତ ନାଗ ରେଫରି ଭାବେ ପରିଚାଳନା କରିଥିଲେ । ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ବିଏନ୍ଏଏ ଜରାସିଂହା ବନାମ ରାଇଜିଂ ଷ୍ଟାର ଟିଟିଲାଗଡ ଖେଳ ୧-୧ ଗୋଲରେ ଡ୍ର ହୋଇଥିଲା । ଟ୍ରାଇବ୍ରେକର ୪-୨ ଗୋଲରେ ଜରାସିଂହା ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ଅତିଥି ଭାବେ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, କାଉନସିଲ ସଦସ୍ୟ ଜୟରାମ ମିଶ୍ର ଓ ପୂର୍ବତନ ଖେଳାଳି ସୁନିଲ ଚନ୍ଦ୍ର ବିଶ୍ୱାଲ ଯୋଗ ଦେଇଥିଲେ । ଖେଳକୁ ସୁଧାଂଶୁ ସେଠ, ଜଳନ୍ଧର ସାହୁ, ସୁରେଶ ନାଏକ ଓ ନିଶାରକାନ୍ତ ନାଗ ରେଫରି ଭାବେ ପରିଚାଳନା କରିଥିଲେ । ଖୁଜେନପାଲି ପଡିଆରେ କେଏଫ୍ସି କଂଟାବାଞ୍ଜି ୧-୦ ଗୋଲରେ ସ୍ୱୋର୍ଟ୍ସ ହଷ୍ଟେଲକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି । ଅତିଥି ଭାବେ ବଲାଙ୍ଗିର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଖୁଜେନପାଲି ସରପଂଚ ରଂଜିତା ପାଣିଗ୍ରାହୀ ଓ ସମିତି ସଭ୍ୟା ସୂର୍ଯ୍ୟକାନ୍ତି ସାହୁ ଯୋଗ ଦେଇଥିଲେ । କ୍ରୀଡା ସଂସଦର କୃଷ୍ଣ ଚନ୍ଦ୍ର ମିଶ୍ର, ପୂର୍ବତନ ବିଧାୟକ ରମାକାନ୍ତ ସେଠ ଓ ସଂସଦର ସଦସ୍ୟ ସୁଧିର ଚନ୍ଦ୍ର ପଣ୍ଡା ମଂଚାସିନ ଥିଲେ । ଚୁଡାପାଲି ହାଇସ୍କୁଲ ପଡିଆରେ ରିଜର୍ଭ ପୋଲିସ ୩-୧ ଗୋଲରେ ଜିୱାଇଡିସି ନକଟାସରକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି । ଅତିଥି ଭାବେ କ୍ରୀଡା ସଂସଦର ଯୁଗ୍ମ ସଂପାଦକ ଶତୃଘନ ସିଂ, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା ଓ ସଦସ୍ୟ ଶରତ କୁମାର ନନ୍ଦ ଯୋଗ ଦେଇଥିଲେ । ୨୨ ତାରିଖ ରବିବାର ସିସିଏଫ୍ଏ ବଲାଙ୍ଗିର ବନାମ ବିଏନ୍ଏଏ ଜରାସିଂହା ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ଗାନ୍ଧୀ ଷ୍ଟାଡିୟମରେ ହେବ ବୋଲି କ୍ରୀଡା ସଂସଦ ପକ୍ଷରୁ ଫୁଟବଲ ସଂପାଦକ ହେମନ୍ତ କୁମାର ବେହେରା ସୂଚନା ଜଣାଇଛନ୍ତି ।

# ଆରଏସପି ସମ୍ପ୍ରସାରଣ ମାମଲା : ଲୋକେ ଯାଗା ଛାଡିବାକୁ ନାରାଜ, ପ୍ରକଳ୍ପ କାର୍ଯ୍ୟକୁ ନେଇ ଉଠିଲାଣି ପ୍ରଶ୍ନ

ରାଉରକେଲା, ୨୨/୦୯ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ସଂପ୍ରସାରଣ ମାମାଲାରେ ମୁଖ୍ୟମନ୍ତ୍ରୀ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି କହିଥିବା ବେଳେ ଏଥିଲାଗି ଆବଶ୍ୟକ ହେଉଥିବା ଦୁଇଟି ରେଳ ଲାଇନ ଲାଗି ଆବଶ୍ୟକ ହେଉଥିବା ଯାଗା ଭିତରୁ ଅନେକ ଯାଗା ଜବରଦଖଲ ଭିତରେ ରହିଛି, କାରଖାନା ଲାଗି ଆବଶ୍ୟକ ହେଉଥିବା ଯାଗା ଭିତରୁ ପ୍ରାୟ ୭୦ ଭାଗ ଯାଗା ଜବରଦଖଲ ହୋଇ ରହିଛି, ଏସବୁକୁ ଖାଲି କରିବାକୁ ଯାଉଥିବା ଆରଏସପି ବାବୁ ମାନଙ୍କୁ ସିଧା ସଳଖ ଜବରଦଖଲ କାରୀ ମାନେ ଶୁଣାଉଛନ୍ତି, ଜାନ ଚଲିଯାଏ ମଗର ଜମିନ ନେହିଁ ଛୋଡେଙ୍ଗେ । ଏତିକି ଭିତରେ ରାଜ୍ୟ ସରକାରଙ୍କର ସହଯୋଗ କଣ ହେଉଛି ତାହା ଜଣାପଡୁନଥିବା ବେଳେ ସ୍ଥାନୀୟ ବିଧାୟକଙ୍କ ଭୂମିକା କଣ ହେବ ତାକୁ ଲୋକ ଚାହିଁ ବସିଛନ୍ତି । ତେବେ ବରକାନୀ- ଡୁମେରତା ଦେଇ ଏକ ରେଳ ଲାଇନ ବନ୍ଧମୁଣ୍ଡା ପାଖରେ ଆସି ତାହା ପ୍ଲାଂଟ ଭିତରକୁ ଜିବ, ସେହିଭଳି ଦୁଇଟି ଲାଇନ ପ୍ରଥମେ ଦରକାର ଯେଉଁଥିରେ ସମସ୍ତ ପ୍ରକାର ମାଲପତ୍ର ଆଏସପିକୁ ଆସିବ, କିନ୍ତୁ ଏହି ଅଁଚଳରେ ପ୍ରାୟ ୫୦୦ରୁ ଅଧିକ ଜବରଦଖଲ ହୋଇ ରହିଥିବା ଦେଖାଯାଇଛି । କିଏ ଛାତ ଘର କରିଛି ତ ଆଉ କିଏ ଦୋକାନ, ମଦ ଭାଟୀ, ଚୋରା ଲୁହା କାରବାର ତ ଆଉ କିଏ ଘର କରି ଭଡା ମଧ୍ୟ ଦେଇଛି, ତାଙ୍କ ଭିତରେ ଆଏସପି କର୍ମଚାରୀ ଓ ରେଳ ବିଭଗ କର୍ମଚାରୀ ମଧ୍ୟ ରହିଛନ୍ତି । ତେବେ ଏମାନଙ୍କୁ ବୁଝା ସୁଝା କରିବାକୁ ଆରଏସପିର ଜୁନିଅର ଅଧିକାରୀ ମାନେ ଯାଉଥିବା ବେଳେ ସେମାନେ ସିଧା ଶୁଣାଇ ଦେଉଛନ୍ତି ଜାଗା ଛାଡିବୁନି, କିଛି କହୁଛନ୍ତି କ୍ଷତିପୂରଣ ମିଳିଲେ ଦେଖିବୁ, ଥଇଥାନ ଆବଶ୍ୟକ । ତେବେ ଏହି ଜବରଦଖଲକାରୀ ମାନେ କିଏ କେଉଁଠାରୁ ଆସିଲେ, ଏଭଳି ଜବରଦଖଲ ହେଉଥିବା ବେଳେ ଆରଏସପିର ଲ୍ୟାଣ୍ଡ ଗାର୍ଡ ବିଭାଗ କରୁଥିଲା କଣ ବୋଲି ସାଧାରଣରେ ପ୍ରଶ୍ନ ହେଉଛି । ତେବେ ଦୁର୍ଗାପୁର, ଭିଲାଇ ଭଳି ଯାଗାରେ ଏହି ଆଧୁନୀକରଣ ଆରାମରେ ଆରମ୍ଭ ହୋଇ ଚାଲିଥିବା ବେଳେ ବିଗତ ବିଜେଡି ସରକାର ଏଥିରେ ସହଯୋଗ କଲାନି ବୋଲି ୩୦ ହଜାର କୋଟୀ ଟଙ୍କା ଫେରିଯାଇଥିଲା, ତେବେ ରାଜ୍ୟରେ ବିଜେପି ସରକାର ଆସିବା ପରେ ଏହି ସଂପ୍ରଶାରଣର ଆଶା ଦେଖାଦେଇଛି । ତେବେ ଏହି ଜବରଦଖଲ ଖାଲି ନୁହେଁ, କାରଖାନା ହେବାକୁ ଥିବା ହନୁମାନ ବାଟିକା ଓ ବନ୍ଧ ମୁଣ୍ଡା ଅଁଚଳର ଅନେକ ଯାଗା ବର୍ତମାନ ଜବରଦଖଲ କାରୀଙ୍କ କବଜାରେ ରହିଛି । ତେବେ ଏଭଳି ମହା ଜବର ଦଖଲକୁ ଆରଏସପି ଖାଲି କରିପାରି କାରଖାନା ଆରମ୍ଭ କରିପାରିବ ତାହା ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏ ତ ହେଉଛି ଖାଲି ପଡିଥିବା ଯାଗାର କଥା, ଏଠି ଆରଏସପି ର ନିଜସ୍ୱ ଘର ଗୁଡିକ ମଧ୍ୟ ଜବର ଦଖଲ ହୋଇ ରହିଛି, ଏଠି ଦଖଲକାରୀଙ୍କ ମଧ୍ୟରେ ଅନେକ ସଙ୍ଗଠନ, ବ୍ୟକ୍ତି ବିଶେଷ ଓ ଅପରାଧୀ ମଧ୍ୟ ରହିଛନ୍ତି, କିଏ ଆରଏସପି ସହର ପ୍ରଶାସନ ବିଭାଗ କର୍ମଚାରୀ ଓ ଅଧିକାରୀଙ୍କୁ ଧରି ରହିଲାଣି ତ ଆଉ କିଏ କୋର୍ଟରେ ରହିତାଦେଶ ଆଣି ରହିଲାଣି କିଛି ନହେଲେ ଏଭଳି ସମସ୍ୟାର ସମାଧାନ ଲାଗି କିଛି ଲୋକ ସାମ୍ବାଦିକ ମଧ୍ୟ ହୋଇଯାଉଥିବା ଦେଖାଯାଉଛି ଓ ଆରଏସପିର ଢିଲା ବ୍ୟବସ୍ଥା ଭିତରେ ସେମାନଙ୍କୁ ମଧ୍ୟ ଡକାଯାଇ ସମ୍ମାନର ସହ ଆପ୍ୟାୟିତ ମଧ୍ୟ କରାଯାଉଛି । ଏଭଳି ସମସ୍ୟା ଲାଗି କିଛି ବଡ ବଡିଆ ବାବୁଙ୍କର ନିସ୍କ୍ରିୟତା, ତଳିଆ କର୍ମଚାରୀ ମାନଙ୍କର ନୀରବତା, ଦୁର୍ନିତୀ ଖୋର ମନୋଭାବ ଓ ଆରଏସପି ବରିଷ୍ଠ ଅଧିକାରୀଙ୍କ ଭିତିରେ ଦାୟିତ୍ୱବୋଧତାର ଅଭାବ ହିଁ ମୁଖ୍ୟତଃ ଦାୟୀ ବୋଲି କୁହାଯାଉଛି । ଏହି ଜବର ଦଖଲକାରୀଙ୍କୁ ହଟାଇବା କଷ୍ଟକର ବୋଲି ଏଥିଲାଗି ପ୍ରଶ୍ନ ହେଉଛି ଯେ, ଆରଏସପିର ଅନ୍ୟ ଏକ ଆଧୁନୀକରଣ ବେଳେ ବନ୍ଧମୁଣ୍ଡା ଡିଜେଲ କଲୋନୀ ପାଖରେ ଯେଉଁ ଜବରଦଖଲ ହୋଇଛି ତାକୁ ହଟାଇବା ଲାଗି ଅନେକ ଦିନ ପ୍ରଶାସନ ନେଲା କିନ୍ତୁ ଜବରଦଖଲ ହଟି ପାରିଲା ନାହିଁ, ଆଜି ଯାଏ ସେ ଜବର ଦଖଲ ସେମିତି ରହି ଅଧିକ ସଶକ୍ତ ହୋଇଛି । ତେବେ ଏହି ସମସ୍ୟାର ସମାଧାନ ଲାଗି ରାଜ୍ୟ ସରକାର ଆଗଭର ହୋଇ ଆରଏସପି ସହ ଆଗକୁ ଆସିପାରିଲେ କିଛିଟା କାମ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି ।

# କୋଡିଏରୁ ଅଧିକ ବ୍ୟାଚର ପ୍ରତିନିଧିମାନଙ୍କୁ ନେଇ ସ୍ଥାୟୀ ପୂର୍ବତନ ବିଦ୍ୟାର୍ଥି ପରିଷଦ ଗଠନ ପାଇଁ ପ୍ରାକ ବୈଠକ

ବାଲେଶ୍ୱର, ୨୨/୦୯ (ନି.ପ୍ର): ବାଲେଶ୍ୱର, ସଦରବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆଞ୍ଚଳିକ ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟର କୋଡିଏରୁ ଅଧିକ ପୂ୍ର୍ବତନ ବ୍ୟାଚର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଦ୍ୟାଳୟର ପୂର୍ବତନ ଛାତ୍ର ନବକୃଷ୍ଣ ଆଚାର୍ଯ୍ୟ ଓ ସୁଧାକର ସେଠୀଙ୍କ ଆହ୍ୱାନକ୍ରମେ ଆଭାସୀ ମାଧ୍ୟମରେ ସ୍ଥାୟୀ ପୂର୍ବତନ ବିଦ୍ୟାର୍ଥୀ ପରିଷଦ ଗଠନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଦୀର୍ଘ ଦେଢ଼ଘଣ୍ଟା ଧରି ଆୟୋଜିତ ସଭାରେ ୧୯୮୬ମସିହା ବ୍ୟାଚର ଛାତ୍ର ଲବ୍ଧପ୍ରତିଷ୍ଠିତ ସାହିତ୍ୟିକ ଇଂ ଶ୍ରୀନିବାସ ସେଠୀ ସଭାପତିତ୍ୱ କରିଥିବା ବେଳେ,ପ୍ରଶାନ୍ତ ପଟେଲ ,ସବ୍ୟସାଚୀ ପ୍ରଧାନ ସଂଯୋଜନା କରିଥିଲେ।ବୈଠକରେ ଶୁଭ୍ରଜିତ ମହାନ୍ତି, ଡାକ୍ତର ଅକ୍ଷୟ ଆଚାର୍ଯ୍ୟ, ସନତ କୁମାର ପରିଡା,ଆରତୀ ପରିଡା,ସୁଚିସ୍ମିତା ନାୟକ, ସରୋଜକୁମାର ବେହେରା,ମଞ୍ଜୁଳା ଆଚାର୍ଯ୍ୟ, ନବକୃଷ୍ଣ ଆଚାର୍ଯ୍ୟ, ସୁଧାକର ସେଠୀ,ବିରୁପାକ୍ଷ ମହାପାତ୍ର, ସାବ୍ୟସାଚୀ ପ୍ରଧାନ, ତପନ କୁମାର ସାହୁ, ଇଂ ଶରତ କୁମାର ମହାନ୍ତି, ସରୋଜ କୁମାର ବେହେରା, ପ୍ରଶାନ୍ତ ପଟେଲ, ମନୋଜ କୁମାର ରାଉତ, ଜନ୍ମେଜୟ ଜେନା, ତପନ ଆଚାର୍ଯ୍ୟ, ସିଦ୍ଧାର୍ଥ ସୌରଭ ମହାନ୍ତି, ରାକେଶ ପାତ୍ର,ଆଲୋକ ବେହେରା, ଦେବୀ ପ୍ରସାଦ ରାଉତ ପ୍ରମୁଖ ଉପସ୍ଥିତ ରହି ବହୁମୁଲ୍ୟ ମତ ବ୍ୟକ୍ତ କରିଥିଲେ। ସର୍ବସମ୍ମତିକ୍ରମେ ୨୯.୦୯. ୨୦୨୪ ରିଖ ରବିବାର ଅପରାହ୍ନରେ ବିଦ୍ୟାଳୟ ପରିସରରେ ଦିବା ୩ଘଟିକାରେ ସାଧାରଣ ବୈଠକ ଅନୁଷ୍ଠିତ ହେବବୋଲି ସଭାପତି ଶ୍ରୀ ସେଠୀ ସୂଚନା ଦେଇଛନ୍ତି। ସବୁ ବ୍ୟାଚର ବହୁଳ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଯୋଗଦାନ କରି ବୈଠକୁ ସଫଳ କରିବାକୁ ଅନୁରୋଧ କରିଛନ୍ତି। ଏଥିସହିତ ଆଗାମୀ ୨୦୨୫କୁ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ବର୍ଷ ପଡୁଥିବାରୁ ସେବିଷୟରେ ବିଷଦ ଆଲୋଚନା କରିବାକୁ ଆସନ୍ତା ହେବାକୁ ଥିବା ୨୯ତାରିଖ ବୈଠକରେ ସ୍ଥିର ହୋଇଥିବାର ସୂଚନା ମଧ୍ୟ ଦେଇଛନ୍ତି।

# ଅର୍ବାନ ହାଟର ବିକାଶ ମେଳା ଚଳଚଂଚଳ

ପୁରୀ, ୨୨/୦୯ (ନି.ପ୍ର): ସରକାରଙ୍କ ୧୦୦ ଦିନ ପୂର୍ତି ଅବସରରେ ୧୯ ସେପଟ୍ମେରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଅର୍ବାନ ହାଟ ଠାରେ ଉଦଘାଟିତ ହୋଇଥିଲା ବିକାଶ ମେଳା। ଓରମାସ ପକ୍ଷରୁ ଆୟୋଜିତ ଏହି ମେଳାରେ ବିଭିନ୍ନ ବିଭାଗ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ୭୦ଟି ଷ୍ଟଲ ଲାଗିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସହ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଆଇନ, ପୂର୍ତ ଓ ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ଏହି ବିକାଶ ମେଳାକୁ ପରିଦର୍ଶନ କରି ଥିଲେ। ଓରମାସ ର ନିର୍ଦ୍ଦେଶକ ତଥା ସିଇଓ ଗୁହା ପୁନମ ତାପସ କୁମାର, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳ ମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ଉପ ଜିଲ୍ଲାପାଳ ଗୋପୀନାଥ କୁଅଁର,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ପ୍ରମୁଖ ସମସ୍ତ କାର୍ଯ୍ୟ ର ତଦାରଖ ଓ ତତ୍ତ୍ୱାବଧାନ କରିଥିଲେ। ମେଳା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ।ପ୍ରତ୍ୟହ ସକାଳ ୧୦ ଟାରୁ ରାତି ୯ଟା ପର୍ଯ୍ୟନ୍ତ ମେଳା ଖୋଲା ରହୁଛି।ଏହି ମେଳାରେ ପଂଚାୟତିରାଜ ଓ ପାନୀୟ ଜଳ, ସ୍ୱାସ୍ଥ୍ୟ, ବିଦ୍ୟାଳୟ ଓ ଗଣଶିକ୍ଷା, ସୂଚନା ଓ ଲୋକ ସମ୍ପର୍କ, ପର୍ଯ୍ୟଟନ, ଶିଶୁ ସୁରକ୍ଷା, ଶିଳ୍ପ କେନ୍ଦ୍ର, ସାମାଜିକ ସୁରକ୍ଷା, ସାମାଜ କଲ୍ୟାଣ, କୃଷି, ମତ୍ସ୍ୟ ଓ ପଶୁ ସମ୍ପଳ,ୟୁକୋ ବ୍ୟାଙ୍କ ସହ ମିଶନ ଶକ୍ତି ର ଷ୍ଟଲ ଖୋଲା ଯାଇଛି।ଏହି ମେଳାକୁ ସାଧାରଣ ଲୋକ, ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ପ୍ରମୁଖ ପରିଦର୍ଶନ କରିବା ସହ ବିଭିନ୍ନ ସାମଗ୍ରୀ କ୍ରୟ କରିବାର ଦେଖା ଯାଉଛି।

# ବଲାଙ୍ଗିର ଭୁଲିଆ ସମାଜ କେନ୍ଦ୍ର ବୋର୍ଡର ନୂତନ କର୍ମକର୍ତ୍ତା ଚୟନ

ବଲାଙ୍ଗିର, ୨୨/୦୯ (ନି.ପ୍ର): ବଲାଙ୍ଗିର ଲାଲଟିକ୍ରା ସ୍ଥିତ ଭୂଲିଆ ଧର୍ମଶାଳା ଠାରେ ଭୂଲିଆ ମେହେର ସମାଜ ବଲାଙ୍ଗିର ତରଫରୁ ବଲାଙ୍ଗିର କେନ୍ଦ୍ର ବୋର୍ଡ ପୁନର୍ଗଠନ ସମ୍ବନ୍ଧୀୟ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭୁଲିଆ ସମାଜ କେନ୍ଦ୍ର ବୋର୍ଡ ବଲାଙ୍ଗିରର ସଭାପତି ହରେକୃଷ୍ଣ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ତଥା ପର୍ଯବେକ୍ଷକ ରୂପେ ନିଖିଳ ଓଡିଶା ଭୁଲିଆ ସମାଜର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମେହେର, ଭୂଲିଆ ମେହେର ସମାଜ ବଲାଙ୍ଗିରର ସଂପାଦକ ବାସୁଦେବ ମେହେର, ମୁଖ୍ୟ ଉପଦେଷ୍ଟା ଅମର ସିଂ ମେହେର, କାର୍ଯ୍ୟକାରୀ ସଭାପତି ନିମାଇଁ ଚରଣ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ନିଖିଳ ଓଡିଶା ଭୁଲିଆ ସମାଜର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମେହେର ଭୁଲିଆ ସମାଜର ସଂସ୍କୃତି, ଇତିହାସ, ପରଂପରା, ସମାଜ ସଂଗଠନ, ସମାଜ ସଂସ୍କାର ଉପରେ ଆଲୋକପାତ କରିଥିଲେ । ଭୁଲିଆ ସମାଜ କେନ୍ଦ୍ର ବୋର୍ଡ ବଲାଙ୍ଗିରର କାର୍ଯ୍ୟକର୍ତା ଏବଂ ତାର ଅନ୍ତର୍ଗତ ୯ଟି ଆଂଚଳିକ ବୋର୍ଡର ସଭାପତି ଓ ସଂପାଦକ ତଥା ମନୋନୀତ ସଦସ୍ୟମାନେ ଉପସ୍ଥିତରେ ସର୍ବସମ୍ମତି କ୍ରମେ ଭୁଲିଆ ସମାଜ କେନ୍ଦ୍ର ବୋର୍ଡ ବଲାଙ୍ଗିରର ସଭାପତି ଭାବେ ଡା. ଲମ୍ବୋଦାର ମେହେର, କାର୍ଯ୍ୟକାରୀ ସଭାପତି ନିମାଇଁ ଚରଣ ମେହେର, ଉପ-ସଭାପତି ପ୍ରଫୁଲ୍ଲ ମେହେର ଏବଂ ଗଙ୍ଗାଧର ମେହେର, ସଂପାଦକ ବାସୁଦେବ ମେହେର, ସହ-ସଂପାଦକ ନବୀନ ମେହେର ଏବଂ ଶଶାଙ୍କ ଶେଖର ମେହେର, କୋଷାଧ୍ୟକ୍ଷ ରାଧେଶ୍ୟାମ ମେହେର, ଯୁଗ୍ମ-କୋଷାଧ୍ୟକ୍ଷ ଦେବକାନ୍ତ ମେହେର, ସଂଯୋଜକ ଭାବେ ଶୈଳେନ୍ଦୁ ମେହେରଙ୍କୁ ଚୟନ କରଯାଇଥିଲା । ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ରୂପେ ଅମର ସିଂ ମେହେର, ଅଚ୍ୟୁତାନନ୍ଦ ମେହେର, ହରେକୃଷ୍ଣ ମେହେର, ତେଜରାଜ ମେହେର, ଅର୍ଜୁନ ମେହେର, ସରୋଜ ମେହେର, ଶିବପ୍ରସାଦ ମେହେର, ନୀଳକଣ୍ଠ ମେହେର, ଲିଙ୍ଗରାଜ ମେହେର, ଡାକ୍ତର ମେହେର, ଶଙ୍କର ମେହେର, କୃଷ୍ଣଚନ୍ଦ୍ର ମେହେର, ନୀଳକଣ୍ଠ ମେହେର ପ୍ରମୁଖଙ୍କୁ ମନୋନୟନ କରଯାଇଥିଲା । ଏହି ଅବସରରେ ବଲାଙ୍ଗିର କେନ୍ଦ୍ର ବୋର୍ଡର ସଭାପତି ହରେକୃଷ୍ଣ ମେହେରଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା ।

କାର୍ଯ୍ୟକ୍ରମଟିକୁ କେନ୍ଦ୍ର ବୋର୍ଡ ଯୁଗ୍ମ କୋଷାଧ୍ୟକ୍ଷ ଦେବକାନ୍ତ ମେହେର ପରିଚାଳନା କରିଥିଲେ ଏବଂ ବଲାଙ୍ଗିର ଭୂଲିଆ ଧର୍ମଶାଳାର ପରିଚାଳନା କମିଟି ଅଧ୍ୟକ୍ଷ ପୂର୍ଣଚନ୍ଦ୍ର ମେହେର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୪୬ତମ ଫେସବୁକ କବିତା ଆସରରେ ସାରସ୍ୱତ ସାଧକ ଶୁଭେନ୍ଦୁ ମୋହନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି




ବାଲେଶ୍ୱର, ୨୨/୦୯ (ନି.ପ୍ର): ନୋସି ଉତ୍କଳା ମୁକ୍ତମଞ୍ଚରେ ନୋସି କଲଚ୍ୟୁରାଲ ଏକାଡେମି ଦ୍ୱାରା ୪୭ତମ ଫେସବୁକ କବିତା ଆସର ଆୟୋଜନ କରାଯିବା ସହ ଦିବଙ୍ଗତ ସାରସ୍ୱତ ସାଧକ ଶୁଭେନ୍ଦୁ ମୋହନ ଦାସଙ୍କୁ କବିମାନେ କବିତାରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । 'ଶବ୍ଦ ସବୁ ହଜିଯାଏ' ର କବି ଶୁଭେନ୍ଦୁ ମୋହନ ଦାସଙ୍କ ଫୋଟ ଚିତ୍ର ରେ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଥିବାବେଳେ ଦିବଙ୍ଗତ ସାରସ୍ୱତ ସାଧକଙ୍କ ଉଦ୍ଦେଶ୍ୟରେ କବିତା ଆସର ସମର୍ପିତ କରି ଶୋକାତୁର କବିମାନେ କବିତାର ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଉକ୍ତ କବିତା ପାଠ ଉତ୍ସବକୁ ଶିଳ୍ପୀ କେଶୁଦାସ ପରିଚାଳନା କରି କବିମାନଙ୍କୁ ମଞ୍ଚ ଆହ୍ୱାନ ସହ ପରିଚୟ କରିଥିବାବେଳେ କବିତା ଆସରକୁ କବି ଗଗନ କୁମାର ସେଠୀ ସଂଯୋଜନା କରିଥିଲେ। ଦିବଙ୍ଗତ ଦାସଙ୍କ ଛାତ୍ର ବିଜୟ କୁମାର ଆଚାର୍ଯ୍ୟ ତାଙ୍କ ଆଦର୍ଶ ଶିକ୍ଷକତା ବିଷୟରେ କହିଥିବା ବେଳେ ବିଦେଶରେ ଥିବା ଅନ୍ୟ ଜଣେ ଛାତ୍ର କବି ଡା ରବିନାରାୟଣ ଦାଶଙ୍କ ଲିଖିତ କବିତା ପାଠ କରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। କବି ପ୍ରଭାତ କୁମାର ଆଚାର୍ଯ୍ୟ,ପ୍ରଭାକର ସାହୁ, ପ୍ରବୀର କୁମାର କମିଳା, ଅଜିମ ବାଲେଶ୍ୱରୀ, ସୁବ୍ରତା ମହାନ୍ତି, ତୃପ୍ତି ରାଣୀ ପାତ୍ର, ଦେବାଶିଷ ସିଂହ, କୃଷ୍ଣା ପ୍ରଧାନ, ଶାନ୍ତିଲତା ପଣ୍ଡା ପ୍ରମୁଖ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ରୁଦ୍ର ପ୍ରସାଦ ବଳ ଧନ୍ୟବାଦ ପ୍ରଦାନ କରିଥିଲେ। ଏହା କାର୍ଯ୍ୟକ୍ରମକୁ ନୋସିର କର୍ମକର୍ତ୍ତା ପ୍ରଶାନ୍ତ ବେହେରା, ସୁନାରାମ ସିଂ, ରାଘବ ବିଶ୍ୱାଳ, ଶଶାଙ୍କ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ରେଳ ବିକାଶ କ୍ଷେତ୍ରରେ ବଲାଙ୍ଗିର ଜିଲ୍ଲାକୁ ଅବହେଳା

ବଲାଙ୍ଗିର, ୨୨/୦୯ (ନି.ପ୍ର): ଚଳିତ ବର୍ଷ ରେଳ ବଜେଟରେ ବଲାଙ୍ଗିର ଜିଲ୍ଲାକୁ ଅବହେଳା କରାଯାଇଥିବା ଅତ୍ୟନ୍ତ ନିନ୍ଦନୀୟ । ସୂଚନାଯୋଗ୍ୟ ଖୋର୍ଦ୍ଧା ରୋଡରୁ ବଲାଙ୍ଗିର ଦେଇ ରାୟପୁର ରେଳ କଳ୍ପ ୧୯୪୫ ମସିହାରେ ଚୁଡାନ୍ତ ହୋଇଥିଲା । ପରବର୍ତ୍ତି କାଳରେ ଉକ୍ତ ପ୍ରକଳ୍ପ ଖୋର୍ଦ୍ଧା ରୋଡ ଠାରୁ ବଲାଙ୍ଗିର ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସଂପାଦିତ ହୋଇଆସୁଅଛି । ଇତି ମଧ୍ୟରେ ବଲାଙ୍ଗିର ଠାରୁ ରାୟପୁର କୁ ସଂଯୋଗ କରିବା ପାଇଁ ଲାଠୋର ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଚୁଡାନ୍ତ ହୋଇ ସାରିଥିଲେ ମଧ୍ୟ ଚଳିତ ରେଳ ବଜେଟରେ ଉକ୍ତ ପ୍ରକଳ୍ପ ପାଇଁ ଅର୍ଥର ବ୍ୟବସ୍ଥା କରାଯାଇନଥିବା ଅତ୍ୟନ୍ତ କ୍ଷୋଭର ବିଷୟ । ଏହି ପ୍ରକଳ୍ପ ଦ୍ୱାରା ପବିତ୍ର ତୀର୍ଥ ସ୍ଥଳ ହରିଶଙ୍କରକୁ ପର୍ଯ୍ୟଟକମାନେ ଆସି ପାରିବେ ଏବଂ ଖୋର୍ଦ୍ଧା ରୋଡରୁ ରାୟପୁରକୁ ପ୍ରାୟ ୩୦୦ କିଲୋମିଟର ଦୂରତ୍ୱ କମିଯିବା ସହ ଆଦିବାସୀ ବହୁଳ ମରୁଡି ପ୍ରବଳ ଅଂଚଳର ଶ୍ରମିକମାନଙ୍କୁ କାମଧନ୍ଦା ମଧ୍ୟ ମିଳିପାରିବ । ଏହା ବ୍ୟତିତ ଆମ ଅଂଚଳରୁ ସିଧାସଳଖ ଦିଲ୍ଲୀ ଦେଇ ଜାମ୍ମୁ-କାଶ୍ମିରକୁ ଯିବା ପାଇଁ ଟ୍ରେନ ସେବା ନାହିଁ । ଏଥିପାଇଁ ସମ୍ବଲପୁର ଠାରୁ ଜାମ୍ମୁ ତାୱିକୁ ଚାଲୁଥିବା ଟ୍ରେନକୁ ଟିଟିଲାଗଡ ପର୍ଯ୍ୟନ୍ତ ସଂପ୍ରସାରଣ କରାଯିବା ନିମନ୍ତେ ଦିର୍ଘ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରାୟ ୧୦ଟି ଜିଲ୍ଲାର ଜନସାଧାରଣଙ୍କୁ ନିରାଶ କରାଯାଉଅଛି । ସୁତରାଂ ବଲାଙ୍ଗିର ଠାରୁ ପାଟଣାଗଡ - ଲାଠୋର ପର୍ଯ୍ୟନ୍ତ ରେଳ ଲାଇନ ନିର୍ମାଣ କାର୍ଯ୍ୟ ନିମନ୍ତେ ଚଳିତ ବର୍ଷର ବଜେଟରେ ବ୍ୟବସ୍ଥା କରାନଯାଇ ନିର୍ମାଣ କାର୍ଯ୍ୟ ଯଥାଶିଘ୍ର ଆରମ୍ଭ କରାଯିବା ଏବଂ ସମ୍ବଲପୁର ଠାରୁ ଜାମ୍ମୁ ତାୱିକୁ ଚାଲୁଥିବା ଟ୍ରେନକୁ ଟିଟିଲାଗଡ ପର୍ଯ୍ୟନ୍ତ ସଂପ୍ରସାରଣ କରାଯିବା ନିମନ୍ତେ ସିଭିଲ ସୋସାଇଟି ସଭାପତି ତଥା ପୂର୍ବତନ ଜେଡ୍ଆରୟୁସିସି ସଦସ୍ୟ ନିଳମଣି ମିଶ୍ର ବିଭାଗୀୟ ମନ୍ତ୍ରୀ ଏବଂ ପାଟଣାଗଡ ବିଧାୟକ ତଥା ଉ-ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

# ଫକୀରମୋହନ ସାହିତ୍ୟ ପରିଷଦର ରତ୍ନୋତ୍ସବ ଉଦ୍‌ଯାପିତ




ବାଲେଶ୍ୱର, ୨୨/୦୯ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦର ୭୫ବର୍ଷ ପୂର୍ତ୍ତି ଅବସରରେ ବର୍ଷବ୍ୟାପି ପାଳିତ ହେଉଥିବା ରତ୍ନୋତ୍ସବର ଉଦ୍‌ଯାପନୀ ସମାରୋହ ଶନିବାର ସନ୍ଧ୍ୟାରେ କବିତୀର୍ଥ ଶାନ୍ତିକାନନଠାରେ ମହା ସମାରୋହରେ ପାଳିତ ହୋଇଯାଇଛି। ପରଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏକ ମନୋଜ୍ଞ ଉତ୍ସବକୁ ବାଲେଶ୍ୱର ସଦରର ମାନ୍ୟବର ବିଧାୟକ ମାନସ କୁମାର ଦତ୍ତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପରିଷଦର କାର୍ଯ୍ୟଶୈଳୀକୁ ପ୍ରଶଂସା କରିଥିଲେ ଓ ପ୍ରେକ୍ଷାଳୟକୁ ଶୀତତାପ ନିୟନ୍ତ୍ରିତ କରିବା ଦିଗରେ ଆଶୁ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦେଇ ଫକୀରମୋହନଙ୍କ 'ରେବତୀ' ଗଳ୍ପ ଆଧାରରେ ଫକୀରମୋହନ ନାରୀଶିକ୍ଷା ପାଇଁ ଦେଖିଥିବା ସ୍ୱପ୍ନ ଆଜି ସାକାର ହୋଇଛି ବୋଲି ମନ୍ତବ୍ୟ ଦେଇଥିଲେ। ବରେଣ୍ୟ ଅତିଥି ଭାବେ ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଯୋଗଦାନ କରି ଫକୀରମୋହନଙ୍କ ପ୍ରତି ନିଜର ଶ୍ରଦ୍ଧା ନିବେଦନ କରିବା ସହିତ ଫକୀରମୋହନ ସାହିତ୍ୟ ପରିଷଦର ପାଠାଗାରର ଉନ୍ନତିକରଣ, ସଦସ୍ୟମାନଙ୍କ ସୁବିଧା ପାଇଁ ଏକ ହାଇବ୍ରିଡ୍ ଶୌଚାଳୟ ନିର୍ମାଣକାର୍ଯ୍ୟ ଯଥାଶୀଘ୍ର କରାଇବେ ବୋଲି କଥା ଦେଇଥିଲେ। ଅନ୍ୟତମ ବରେଣ୍ୟ ଅତିଥି ତଥା ବର୍ଷିୟାନ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଫକୀରମୋହନ ସାହିତ୍ୟ ପରିଷଦର ଐତିହ୍ୟ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ହରିଶ୍ଚନ୍ଦ୍ର ବେହେରା, ଡ. ଶିରୀଶ ଚନ୍ଦ୍ର ଜେନା ଓ ଡ. ସୁବାସ ଚନ୍ଦ୍ର ପାତ୍ର ପରିଷଦର ସଦସ୍ୟମାନଙ୍କ ସାହିତ୍ୟମନସ୍କତା ଓ ପରିଷଦ ପ୍ରତି ଅଙ୍ଗୀକାରବଦ୍ଧତାକୁ ଉଚ୍ଚ ପ୍ରଶଂସା କରିଥିଲେ। ସଂପାଦକ ଦୀପକ ବୋଷ ପ୍ରାକ୍‌ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ 'ରତ୍ନଶ୍ରୀ' ଗ୍ରନ୍ଥ ଅତିଥିମାନଙ୍କଦ୍ୱାରା ଉନ୍ମୋଚିତ ହୋଇଥିଲା। ହଳଧର ପଣ୍ଡାଙ୍କ ରଚିତ 'ନଟୁ' ପୁସ୍ତକ ମଧ୍ୟ ଲୋକାର୍ପିତ ହୋଇଥିଲା। ଡ. ନଗେନ୍ଦ୍ରନାଥ ମହାପାତ୍ର, ଜୟନ୍ତୀ ଜେନା, ହଳଧର ପଣ୍ଡା, ନରେଶ କୁମାର ଲେଙ୍କା, ରବିକୁମାର ପାଣିଗ୍ରାହୀ ଓ ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତିଙ୍କୁ ରତ୍ନୋତ୍ସବ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହିତ ପରିଷଦର ସମସ୍ତ ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଚୁକୁନ୍ଦ ଗୁମ୍ଫା



ଗୁଜୁରାଟ ପ୍ରଦେଶର ଜୁନାଗଡ଼ ସହର ନିକଟରେ ଦୃଶ୍ୟମାନ ହେଉଥିବା ଗୀରନାର କ୍ଷେତ୍ର ମଧ୍ୟରେ, ଗୀରନାର ପର୍ବତ ପାଦଦେଶରେ, ଏକ ସୁଦୃଶ୍ୟ ଗୁମ୍ଫା ରହିଛି। ତାହାକୁ ମୁଚୁକୁନ୍ଦ ଗୁମ୍ଫା କୁହାଯାଏ। ଏହି ଗୁମ୍ଫାର ଉଲ୍ଲେଖ ବିଭିନ୍ନ ପୁରାଣରେ ମିଳେ। ପୁରାଣ ଅନୁସାରେ, ପୁଣ୍ୟଭୂମି ମଥୁରାମଣ୍ଡଳ ଥିଲା ଶ୍ରୀକୃଷ୍ଣଙ୍କର ଜନ୍ମଭୂମି। କିନ୍ତୁ ତାଙ୍କର କର୍ମଭୂମି ଥିଲା ଦ୍ୱାରକାମଣ୍ଡଳ। ତାହାର ସାଂପ୍ରତିକ ନାମ ଗୁଜୁରାଟ। ଏହା ଗୁର୍ଜର ସଂପ୍ରଦାୟଙ୍କର ବାସଭୂମି। ଶ୍ରୀକୃଷ୍ଣଙ୍କ ଦ୍ୱାରା ପ୍ରତିଷ୍ଠିତ ନୂତନ ରାଜ୍ୟ। ଏଣୁ ପ୍ରାୟ ଗୁଜୁରାଟର ବିଭିନ୍ନ ଅଞ୍ଚଳରେ କୃଷ୍ଣଙ୍କ ସ୍ମୃତିକୁ ଅବଲମ୍ବନ କରି ଗଢ଼ି ଉଠିଛି ଅନେକ ଧର୍ମକ୍ଷେତ୍ର। ସେଥି ମଧ୍ୟରୁ ଗୀରନାର କ୍ଷେତ୍ର ଓ ଦ୍ୱାରକା କ୍ଷେତ୍ର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। 'ଭାଗବତ'ର ବର୍ଣ୍ଣନା ଅନୁଯାୟୀ, ତ୍ରେତୟା ଯୁଗରେ ସୂର୍ଯ୍ୟବଂଶରେ ମୁଚୁକୁନ୍ଦ ନାମରେ ଜଣେ ରାଜା ଥିଲେ। ଏକଦା ଦେବତା ଓ ଅସୁରମାନଙ୍କ ମଧ୍ୟରେ ଘୋର ସମର ହେଲା। ଦେବତାମାନେ ଅସୁରଙ୍କ ଦ୍ୱାରା ପରାଜିତ ହେବାରୁ ସେମାନେ ମହାରାଜ ମୁଚୁକୁନ୍ଦଙ୍କର ଶରଣଭିକ୍ଷା କଲେ। ଧର୍ମାତ୍ମା ମୁଚୁକୁନ୍ଦ ଦେବତାମାନଙ୍କୁ ସହାୟତା କରିବାପାଇଁ ଅସୁରମାନଙ୍କ ସହିତ ଘୋର ସଂଗ୍ରାମରେ ରତ ରହିଲେ। ଏ ଭିତରେ ଅନେକ ବର୍ଷ ବିତିଗଲା। କାର୍ତ୍ତିକେୟ ଜନ୍ମଲାଭ କରି ଦେବସେନାପତି ଦାୟିତ୍ୱ ନେଲା ପରେ, ମୁଚୁକୁନ୍ଦଙ୍କର କାର୍ଯ୍ୟ ଶେଷ ହେଲା। ସେତେବେଳକୁ ପୃଥିବୀରେ ତ୍ରେତୟା ଯୁଗ ସରି ଦ୍ୱାପର ଯୁଗ ଆରମ୍ଭ ହୋଇଥାଏ। ଦେବତାମାନେ କୃତଜ୍ଞତାବଶତଃ ମୁଚୁକୁନ୍ଦଙ୍କୁ ଜଣାଇଲେ ଯେ ଏ ଭିତରେ ଅନେକ ସମୟ ବିତି ଯାଇଥିବାରୁ ତାଙ୍କର ଆତ୍ମୀୟସ୍ୱଜନ ଆଉ କେହି ପୃଥିବୀରେ ନାହାନ୍ତି। ତେଣୁ ବର୍ତ୍ତମାନ ସେ ନିଜ ଇଚ୍ଛା ଅନୁସାରେ ଦେବତାଙ୍କଠାରୁ କୌଣସି ବର ମାଗିନେଇ ପୃଥିବୀଲୋକକୁ ଯାଆନ୍ତୁ। ଏସବୁ ଶୁଣି ଦୁଃଖୀ ଓ କ୍ଲାନ୍ତ ମୁଚୁକୁନ୍ଦ ଦେବତାମାନଙ୍କୁ ନିଜର କ୍ଲାନ୍ତି ଦୂର କରିବା ନିମନ୍ତେ ନିରବରେ ଶୋଇବା ପାଇଁ ଏକ ନିର୍ଜନ ସ୍ଥାନ ମାଗିଲେ। ଏବଂ ଏହି ବର ମଧ ମାଗିଲେ ଯେ ମୋର ନିଦ୍ରାରେ ବ୍ୟାଘାତ କରି କେହି ଯଦି ମୋତେ ଉଠାଇବ, ସେ ପୋଡ଼ି ପାଉଁଶ ହୋଇଯିବ। ଦେବତାଙ୍କ ନିର୍ଦ୍ଦେଶରେ ମୁଚୁକୁନ୍ଦ ଗୀରନାର ଗିରିର ଏହି ଗୁମ୍ଫାରେ ଆସି ଶୟନ କଲେ। ଗୁଜୁରାଟ ପ୍ରଦେଶର ଜୁନାଗଡ଼ ସହର ନିକଟରେ ଦୃଶ୍ୟମାନ ହେଉଥିବା ଗୀରନାର କ୍ଷେତ୍ର ମଧ୍ୟରେ, ଗୀରନାର ପର୍ବତ ପାଦଦେଶରେ, ଏକ ସୁଦୃଶ୍ୟ ଗୁମ୍ଫା ରହିଛି। ତାହାକୁ ମୁଚୁକୁନ୍ଦ ଗୁମ୍ଫା କୁହାଯାଏ। ଦ୍ୱାପର ଯୁଗର ଶେଷଭାଗ। କୃଷ୍ଣ ଜନ୍ମଗ୍ରହଣ କଲେ ଏବଂ କଂସ ବଧ କଲେ। କଂସ ମଲାପରେ ଜରାସନ୍ଧ ବାରମ୍ବାର ମଥୁରା ଆକ୍ରମଣ କଲା। କିନ୍ତୁ ବାରମ୍ବାର ପରାହତ ହେବାରୁ କାଳଯବନ ନାମକ ଦୁର୍ଦ୍ଦାନ୍ତ ଯବନ ସହିତ ମିତ୍ରତା କରି ତାକୁ ମଥୁରା ଆକ୍ରମଣ କରିବାକୁ ପ୍ରେରିତ କଲା। କାରଣ କାଳଯବନ ବର ପାଇଥିଲା ଯେ ସମ୍ମୁଖ ସମରରେ ତାକୁ କେହି ପରାସ୍ତ କରିପାରିବେ ନାହିଁ। ଶ୍ରୀକୃଷ୍ଣ ଏହା ଜାଣି ରଥରୁ ଓହ୍ଲାଇ ଦଉଡ଼ିବାକୁ ଲାଗିଲେ। ଏହା ଦେଖି କାଳଯବନ କୃଷ୍ଣଙ୍କର ଅନୁଧାବନ କଲା। କୃଷ୍ଣ ମୁଚୁକୁନ୍ଦ ଶୋଇଥିବା ଅନ୍ଧକାର ଗୁମ୍ଫା ମଧ୍ୟକୁ ପ୍ରବେଶ କଲେ। ତାଙ୍କ ପଛେ ପଛେ କାଳଯବନ ପ୍ରବେଶ କରି ଅନ୍ଧକାର ମଧ୍ୟରେ ମୁଚୁକୁନ୍ଦଙ୍କୁ ଶ୍ରୀକୃଷ୍ଣ ଭାବି ଆକ୍ରମଣ କଲା। ନିଦ ଭାଙ୍ଗିଯିବାରୁ କ୍ରୋଧିତ ହୋଇ ମୁଚୁକୁନ୍ଦ କାଳଯବନ ଉପରେ ଦୃଷ୍ଟିପାତ କରିବାରୁ କାଳଯବନ ପୋଡ଼ି ପାଉଁଶ ହୋଇଗଲା।

# ଏବେ ଦେଖିବାକୁ ମିଳୁଛି ହାଇଡ୍ରା ଫେସିଆଲ୍‌ର ଚାହିଦା, ଜାଣନ୍ତୁ କ'ଣ ଏହାର ଫାଇଦା



ଆଜିକାଲିର ଆଧୁନିକା ତରୁଣୀ ଓ ମହିଳାମାନେ ଉଜ୍ଜ୍ୱଳ, ମସୃଣ ତ୍ୱଚା ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ମୁହଁରୁ କଳା, ଧଳା ଦାଗ ଦୂର କରିବା, ଓପନ୍‌ପୋରସ ଟ୍ରିଟ୍‌ମେଣ୍ଟ, ଆଖି ତଳୁ କଳାଦାଗ ଦୂର ପାଇଁ ଅଣ୍ଡର ଆଇ ଟ୍ରିଟ୍‌ମେଣ୍ଟ, କଳା ଓଠକୁ ସୁନ୍ଦର କରିବାକୁ ଲିପ୍ ଲାଇଟ୍‌ନିଂ ଟ୍ରିଟ୍‌ମେଣ୍ଟ, ତ୍ୱଚାକୁ ଦାଗମୁକ୍ତ ଓ ଉଜ୍ଜ୍ୱଳ କରିବାକୁ ସ୍କିନ୍ ଗ୍ଲୋ ଟ୍ରିଟ୍‌ମେଣ୍ଟ ଆଦି ଏବେ ସହରର ବିଭିନ୍ନ ପାର୍ଲରଗୁଡ଼ିକରେ କରାଯାଉଛି। ଏଥିସହ ତ୍ୱଚାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବାକୁ ଏବେ ହାଇଡ୍ରା ଫେସିଆଲ, ମେଡିକାଲ୍ ଗ୍ରେଡ୍ ଫେସିଆଲ୍, କେମିକାଲ୍ ପିଲ୍, ଏଲଇଡି ଲାଇଟ୍ ଥେରାପି ଇତ୍ୟାଦି ବିୟୁଟି ଟ୍ରିଟ୍‌ମେଣ୍ଟ କରୁଛନ୍ତି। ତେବେ ଏସବୁ ଭିତରୁ ହାଇଡ୍ରା ଫେସିଆଲ୍‌ର ଚାହିଦା ବଢୁଛି। ଏହି ଫେସିଆଲ୍‌ରେ ବୈଦ୍ୟୁତିକ ସୌନ୍ଦର୍ଯ୍ୟ ଉପକରଣ ସାହାଯ୍ୟରେ ଚେହେରାରୁ ମୃତ କୋଷଗୁଡ଼ିକୁ ବାହାର କରାଯାଇଥାଏ। ଚର୍ମ ଭିତରେ ଆଣ୍ଟିଅକ୍ସିଡାଣ୍ଟ ସେରମ୍ ଭର୍ତ୍ତି କରାଯାଇଥାଏ। ଯେଉଁଥିପାଇଁ ଚର୍ମର ଚମକ ଫେରି ଆସେ। ଏହାଦ୍ୱାରା କୌଣସି ପାର୍ଶ୍ୱପ୍ରତିକ୍ରିୟା ଦେଖାଦିଏ ନାହିଁ। ଏହି ଫେସିଆଲ୍ ଦ୍ୱାରା ମୁହଁରୁ କଳାଦାଗ, ବାର୍ଦ୍ଧକ୍ୟ, ତ୍ୱଚାର କୁଞ୍ଚନ, ମୁଖବ୍ରଣ, ଆକ୍‌ନେ ଆଦି ସମସ୍ୟାର ସମାଧାନ ହୋଇଥାଏ। ସମ୍ପୂର୍ଣ୍ଣ ମେସିନ୍ ସାହାଯ୍ୟରେ ଏହି ଫେସିଆଲ୍ କରାଯାଇଥାଏ। ଏଥିରେ ଏଲଇଡି ମାସ୍କ ବ୍ୟବହାର କରାଯାଏ ଏବଂ ପରେ ବିଭିନ୍ନ ସେରମ୍, କ୍ରିମ୍ ଆଦି ଲଗାଯାଏ। ମସାଜ୍, କ୍ଲିନ୍‌ଜିଙ୍ଗ୍, ସ୍କ୍ରବିଙ୍ଗ୍, ଆଖି ଓ ନାକ ତଳ ସଫା ପାଇଁ ସୁପରସୋନିକ୍ ମେସିନ୍ ବ୍ୟବହାର କରାଯାଏ। 'ହେୟାର ହାକର' ପାର୍ଲରର କର୍ମଚାରୀ ଦୟାନନ୍ଦ ଠାକୁର କୁହନ୍ତି, ତାଙ୍କ ପାର୍ଲର ୯ ମାସ ହେଲାଣି ଏହି ଫେସିଆଲ୍ ଆରମ୍ଭ ହୋଇଛି। ଗ୍ରାହକଙ୍କ ରୁଚି ଅନୁଯାୟୀ ଓ ତ୍ୱଚା ଅନୁଯାୟୀ ଆମେ ଫେସିଆଲ୍ କିଟ୍ ବ୍ୟବହାର କରିଥାଉ। ଏହାର ଦାମ୍ ୩୫୦୦ରୁ ଆରମ୍ଭ ହୋଇ ୫୦୦୦ ପର୍ଯ୍ୟନ୍ତ ରହିଛି। ଡ଼୩+, ଲାଲୁସା ଓ ମେଟ୍ ଫେସିଆଲ୍‌ର ଚାହିଦା ଅଧିକ ରହିଛି। ପ୍ରତି ୨୦ ଦିନରେ ଥରେ ହାଇଡ୍ରା ଫେସିଆଲ୍ କରିବାଦ୍ୱାରା ମୁହଁର ମୃତ ଚର୍ମକୋଷଗୁଡ଼ିକ ନଷ୍ଟ ହୋଇ ଚର୍ମରେ ଆର୍ଦ୍ରତା ଭରିଥାଏ।



ଏଥିରେ ଆମକୁ ହାତ ମାରିବାକୁ ପଡ଼ି ନ ଥାଏ। ସମ୍ପୂର୍ଣ୍ଣ କାର୍ଯ୍ୟ ମେସିନ୍ ହିଁ କରିଥାଏ। ତ୍ୱଚାରେ ଚର୍ମର ଆବଶ୍ୟକତା ଅନୁଯାୟୀ ମେସିନ୍‌ଟି ତା'ର କାର୍ଯ୍ୟ କରିଥାଏ। ସେଥିପାଇଁ ଆଜିକାଲି ଅଧିକାଂଶ ମହିଳା ଏହି ଫେସିଆଲ୍‌କୁ ପସନ୍ଦ କରୁଛନ୍ତି ବୋଲି ଶ୍ରୀ ଠାକୁର କହିଛନ୍ତି।

# ଏହି କ୍ଷେତ୍ରରେ ଅତ୍ୟଧିକ କଲରା ଖାଇବା ମନା

ପାଟିକୁ ପିତା, ହେଲେ ଦେହ ପାଇଁ ଭାରି ହିତ। ଏଭଳି ଏକ ପରିବା ହେଉଛି କଲରା। କଲରା ପିତା ହେଲେ ବି ଭାରି ସ୍ୱାଦିଷ୍ଟ। କଲରା ଖାଇବାର ମଜା ଯିଏ ଜାଣିଛନ୍ତି ସେମାନଙ୍କର ଏହି ପରିବା ପ୍ରିୟ ପରିବା ଭିତରେ ଗଣା ହୋଇଯାଏ। ଏହାକୁ ଆପଣ କଞ୍ଚା ବି ଜୁସ୍ କରି ପିଇପାରିବେ। କଲରା ଖାଇବା ଦ୍ୱାରା ବିଭିନ୍ନ ପ୍ରକାରର ଚର୍ମ ରୋଗ ଦୂର ହୋଇଥାଏ। ମୁହଁ ବ୍ରଣରୁ ନେଇ ଯାଦୁ, କାଛୁ, କୁଣ୍ଡିଆ ଆଦି ସମସ୍ୟାକୁ କଲରା ଖାଇବା ଦ୍ୱାରା ନିୟନ୍ତ୍ରଣରେ ରଖାଯାଇପାରେ। କଲରାରେ ବହୁ ଗୁରୁତ୍ୱପୂର୍ଣ୍ଣ ନ୍ୟୁଟ୍ରିଏଣ୍ଟସ୍ ରହିଛି। ଏହାକୁ ଖାଇବା ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣରେ ରଖାଯାଇପାରେ। ମଧୁମେହ ରୋଗୀଙ୍କ ପାଇଁ କଲରା ଔଷଧ ପରି କାମ କରେ। କର୍କଟ ସହ ଲଢ଼ିବା ପରି ରୋଗ ପ୍ରତିରୋଧକ ଶକ୍ତି ରହିଛି କଲରା ଭିତରେ। ଏଥିରେ କୋଲେଷ୍ଟ୍ରଲ୍ ସ୍ତର ବି ନିୟନ୍ତ୍ରଣରେ ରହେ। ଓଜନ ହ୍ରାସ ସହ ତ୍ୱଚାକୁ ଯୁବା ରଖିବାକୁ ଚାହୁଁଥିଲେ ମଧ ଆପଣ କଲରା ଖାଇବା ଅଭ୍ୟାସ ରଖନ୍ତୁ। ଏକ ଗୁରୁତ୍ୱପୂର୍ଣ୍ଣ କଥା ଜାଣିରଖନ୍ତୁ। ଆପଣ ଯଦି ମଧୁମେହ ରୋଗୀ ତେବେ କଲରା ଏକ ସୀମା ମଧ୍ୟରେ ଖାଇବେ। ମଧୁମେହ ରୋଗୀ ଔଷଧ ଖାଉଥିବା ହେତୁ କଲରା ଖାଇଲେ ରକ୍ତରେ ଶର୍କରା ପରିମାଣ ଅତ୍ୟନ୍ତ କମ୍ ହୋଇ ଯାଇପାରେ। ଅସ୍ତ୍ରୋପଚାର ପରେ ମଧ କଲରା ଖାଇଲେ ଆପଣ ଅସୁବିଧାରେ ପଡ଼ିପାରନ୍ତି। ଏହି ସମୟରେ ବି ରକ୍ତରେ ଶର୍କରା ପରିମାଣ କମ୍ ହେବାର ସମ୍ଭାବନା ରହିଛି।



# ପ୍ରତି ପାଞ୍ଚରେ ଜଣେ ମହିଳା ଭୋଗୁଛନ୍ତି ଆଡେନୋମାୟସିସ୍



**ଆଡେନୋମାୟସିସ୍ ଥିବା ମହିଳାଙ୍କର ମାଇଓମେଟ୍ରିଅମ୍ ସ୍ଥାନରେ ଭୁଲ୍‌ରେ ଏଣ୍ଡୋମେଟ୍ରିଅମ୍ ପରି କୋଷ ରହିଥାଏ। ଏହି କୋଷୀୟ ବ୍ୟତିକ୍ରମ ଯନ୍ତ୍ରଣାର କାରଣ ହୋଇଥାଏ। ଆଗେ ଗର୍ଭାଶୟକୁ ଅସ୍ତ୍ରୋପଚାର ଦ୍ୱାରା କାଢ଼ି ତାହାର ଜୀବନ୍ତ କୋଷ ପରୀକ୍ଷଣ ପରେ ଆଡେନୋମାୟସିସ୍ ରହିଥିବା କଥା ଜଣାପଡୁଥିଲା।**

ଅନେକ ସମୟରେ ମହିଳାମାନେ ସେମାନଙ୍କ ତଳିପେଟରେ ଭୀଷଣ ଯନ୍ତ୍ରଣା ହେଉଥିବା କଥା ପ୍ରକାଶ କରିଥା'ନ୍ତି। ତାହା ଏପରି ଅସହ୍ୟ ହୋଇଥାଏ ଯେ, କୌଣସି କାମ କରିବା ତ ଦୂରର କଥା, ବସିବା ମଧ କଷ୍ଟକର ହୋଇପଡ଼େ। ପ୍ରତି ପାଞ୍ଚ ଜଣରେ ପ୍ରାୟ ଜଣେ ମହିଳା ଏହାକୁ ଅଙ୍ଗେ ନିଭାଉଥିବା ବେଳେ ଏ ବାବଦରେ ଖୁବ୍ କମ୍ ମୁହଁ ଖୋଲିଥା'ନ୍ତି। ତେବେ ଏପରି ଯନ୍ତ୍ରଣା ଭୋଗୁଥିବା ମହିଳାମାନେ 'ଆଡେନୋମାୟସିସ୍' ନାମକ ଏକ ଅଳ୍ପ ଜଣାଶୁଣା ରୋଗରେ ପୀଡ଼ିତ ଯାହା ଗର୍ଭାଶୟକୁ ପ୍ରଭାବିତ କରୁଥିବା ଏକ ଦୀର୍ଘସ୍ଥାୟୀ ଅବସ୍ଥା। ଏହାଦ୍ୱାରା ଅନିୟମିତ ମାସିକ ଋତୁସ୍ରାବ ସହ ଭୀଷଣ ରକ୍ତସ୍ରାବ ଏବଂ ତଳିପେଟ ଯନ୍ତ୍ରଣା ପରି ଲକ୍ଷଣ ଦେଖାଦେଇଥାଏ। ଏହା ମଧ ମହିଳାଙ୍କର ପ୍ରଜନନ କ୍ଷମତାକୁ ପ୍ରଭାବିତ କରିଥାଏ। 'ଆଡେନୋମାୟସିସ୍'ରେ ପୀଡ଼ିତ ଥିବା ମହିଳାମାନେ କୌଣସି ସମୟରେ ଗର୍ଭବତୀ ହେଲେ, ସେମାନଙ୍କ ଠାରେ ଗର୍ଭପାତ, ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରସବ ଏବଂ ପ୍ରସବ ପରେ ଭୀଷଣ ରକ୍ତସ୍ରାବର ଆଶଙ୍କା ଅଧିକ ରହିଥାଏ। ସୂଚନାଯୋଗ୍ୟ, ଗର୍ଭାଶୟ ଭିତରେ ଦୁଇଟି ପ୍ରମୁଖ ସ୍ତର ରହିଛି। ତାହାର ଅନ୍ତଃସ୍ତରଟି ହେଉଛି ଏଣ୍ଡୋମେଟ୍ରିଅମ୍, ଯେଉଁଠି ଶୁକ୍ରାଣୁ ଓ ଡିମ୍ବାଣୁ ମିଶି ଭ୍ରୁଣ ସୃଷ୍ଟି ହୋଇଥାଏ। ଗର୍ଭଧାରଣ ନ ହୋଇଥିଲା ଯାଏ ଏହା ପ୍ରାଞ୍ଜଳ ହୋଇ ରହିଥାଏ। ଅନ୍ୟ ମାଂସଳ ସ୍ତରଟି ହେଉଛି ମାଇଓମେଟ୍ରିଅମ୍ ଯାହା ଗର୍ଭଧାରଣ ବେଳେ ସମ୍ପ୍ରସାରିତ ହୋଇଥାଏ। ତେବେ ଆଡେନୋମାୟସିସ୍ ଥିବା ମହିଳାଙ୍କର ମାଇଓମେଟ୍ରିଅମ୍ ସ୍ଥାନରେ ଭୁଲ୍‌ରେ ଏଣ୍ଡୋମେଟ୍ରିଅମ୍ ପରି କୋଷ ରହିଥାଏ। ଏହି କୋଷୀୟ ବ୍ୟତିକ୍ରମ ଯନ୍ତ୍ରଣାର କାରଣ ହୋଇଥାଏ। ଆଗେ ଗର୍ଭାଶୟକୁ ଅସ୍ତ୍ରୋପଚାର ଦ୍ୱାରା କାଢ଼ି ତାହାର ଜୀବନ୍ତ କୋଷ ପରୀକ୍ଷଣ ପରେ ଆଡେନୋମାୟସିସ୍ ରହିଥିବା କଥା ଜଣାପଡୁଥିଲା। ଏବେ କିନ୍ତୁ ଏମ୍‌ଆରଆଇ ଓ ତଳିପେଟ ଅଲ୍‌ଟ୍ରାସାଉଣ୍ଡ୍ ଦ୍ୱାରା ବିଶେଷଜ୍ଞ ଡାକ୍ତରମାନେ ତାହା ଠଉରେଇ ପାରୁଛନ୍ତି। ମାତ୍ର ପୀଡ଼ିତାମାନେ ନିରବ ରହି ଆସୁଥିବାରୁ ଏହାର ଉପଶମ ପାଇଁ କୌଣସି ନିଶ୍ଚିତ ଉପଚାର ବାହାରି ପାରିନାହିଁ। କେବଳ ଅସ୍ତ୍ରୋପଚାର ଦ୍ୱାରା ଗର୍ଭାଶୟ କାଢ଼ିଦେବା ହିଁ ବର୍ତ୍ତମାନ ସୁଦ୍ଧା ଏକମାତ୍ର ସମାଧାନ ବୋଲି ଧରି ନିଆଯାଇଛି। ତେବେ ଏହାର ଚିକିତ୍ସା ଦିଗରେ ଗବେଷଣା ଜାରି ରହିଛି।

# ଡେରିରେ ଉଠିବା ଭଲ ଲକ୍ଷଣ

ବଡ଼ି ଭୋରରୁ ଉଠି ନିତ୍ୟକର୍ମ ସାରିବା ଲାଗି ଆମେ ସର୍ବଦା ପିଲାମାନଙ୍କୁ ଉପଦେଶ ଦେଉ। ତେବେ ସକାଳୁ ସକାଳୁ ଶଯ୍ୟା ଛାଡ଼ିପାରୁନଥିବା ବ୍ୟକ୍ତିଙ୍କ ପାଇଁ ଏକ ଭଲ ଖବର ଆଣିଛନ୍ତି ଆମେରିକାର ମାସାଚ୍ୟୁସେଟ୍‌ସ ଜେନେରାଲ ହସ୍ପିଟାଲ୍‌ର ଦଳେ ଗବେଷକ। ସେମାନେ ଚଳାଇଥିବା ଅନୁଧ୍ୟାନ ଅନୁଯାୟୀ, ଯେଉଁମାନେ ସକାଳେ ଶୀଘ୍ର ଉଠିଥା'ନ୍ତି ସେମାନଙ୍କ ଠାରେ 'ଆନୋରେକ୍ସିଆ ନର୍ଭୋସା' ନାମକ ଏକ ପ୍ରକାର ଖାଦ୍ୟ ବିକାର ଦେଖାଦେବାର ଆଶଙ୍କା ଅଧିକ ଥାଏ। ଏଥି ସହିତ ନିଦ୍ରାହୀନତା (ଇନ୍‌ସୋମ୍ନିଆ) ସହିତ ଆନୋରେକ୍ସିଆ ନର୍ଭୋସା ମଧ୍ୟରେ ଥିବା ସଂଯୋଗ ବାବଦରେ ମଧ ଗବେଷକମାନେ ଜାଣିପାରିଛନ୍ତି। ପୂର୍ବ ଗବେଷଣାରୁ ଖାଦ୍ୟ ବିଶୃଙ୍ଖଳା ଓ ଶରୀରର ଆଭ୍ୟନ୍ତରୀଣ ଘଣ୍ଟା ବା 'ସିର୍କାଡିଆନ୍ କ୍ଲକ୍' ମଧ୍ୟରେ ସଂଯୋଗ ଥିବା କଥା ସ୍ପଷ୍ଟ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଏହି ସିର୍କାଡିଆନ୍ କ୍ଲକ୍ ହିଁ ଶରୀରର ନିଦ୍ରା ସମେତ ଅନେକ ଜୈବିକ କ୍ରିୟାକୁ ନିୟନ୍ତ୍ରଣ କରିଥାଏ। ଗବେଷକମାନେ ଆନୋରେକ୍ସିଆ ନର୍ଭୋସା ସହ ଜଡ଼ିତ ଗୁଣସୂତ୍ର ଓ ମର୍ନିଂ କ୍ରୋନୋଟାଇପ୍ (ରାତିରେ ଶୀଘ୍ର ଶୋଇ ସକାଳେ ଶୀଘ୍ର ଉଠିବା) ସହ ଜଡ଼ିତ ଗୁଣସୂତ୍ର ମଧ୍ୟରେ ଏକ ଦ୍ୱିପାକ୍ଷିକ ସମ୍ପର୍କର ସନ୍ଧାନ କରିପାରିଛନ୍ତି। ତାହାକୁ ବିଶ୍ଲେଷଣ କଲା ପରେ ଇନ୍‌ସୋମ୍ନିଆ ସହ ଜଡ଼ିତ ଗୁଣସୂତ୍ର ମଧ ଏଥିରେ ସଂପୃକ୍ତ ଥିବା ଜଣାପଡ଼ିଥିଲା। ବର୍ତ୍ତମାନ ସୁଦ୍ଧା ଆନୋରେକ୍ସିଆ ନର୍ଭୋସା ପରି ରୋଗର କାରଣ ସଠିକ୍ ଭାବେ ଜଣାପଡ଼ିନଥିବା ବେଳେ ଏହାର ଚିକିତ୍ସା ମଧ ସୀମିତ। ସେହିପରି ବିଭିନ୍ନ ପ୍ରକାର ମାନସିକ ରୋଗରେ ମୃତ୍ୟୁବରଣ କରୁଥିବା ରୋଗୀଙ୍କ ମଧ୍ୟରେ ଆନୋରେକ୍ସିଆ ନର୍ଭୋସା ରୋଗୀଙ୍କ ସଂଖ୍ୟା ଦ୍ୱିତୀୟ ସର୍ବାଧିକ। ତେଣୁ, କେହି ଯଦି ସ୍ୱତଃପ୍ରବୃତ୍ତ ଭାବେ ସକାଳେ ବିଳମ୍ବରେ ଉଠୁଛି, ତେବେ ତାହାକୁ ପରୋକ୍ଷରେ ଏକ ସୁସ୍ଥ ଅବସ୍ଥା ବୋଲି ଭାବିବାକୁ ପଡ଼ିବ।



# ମାନସନନ୍ଦିନୀ ସରଯୂ ନଦୀ

'ଅଧ୍ୟାତ୍ମ ରାମାୟଣ'ରେ ଉଲ୍ଲିଖିତ ଏହି ଉକ୍ତି ଯେଉଁ ନଦୀ ସଂପର୍କରେ କୁହାଯାଇଛି, ସେହି ନଦୀ ହେଉଛି ଲୋକପାବନୀ ସରଯୂ, ସାରଦା, କାଳୀନଦୀ, ଘାଘରା ବା ଘର୍ଘରା। ଏହା ଉତ୍ତର ଭାରତରେ ପ୍ରବାହିତ ଏକ ନଦୀ। ଏହି ପୁଣ୍ୟତୋୟା ନଦୀର ଉଲ୍ଲେଖ 'ମହାଭାରତ', 'ରାମାୟଣ', 'ପଦ୍ମପୁରାଣ' ଓ ପାଣିନୀଙ୍କ 'ଅଷ୍ଟାଧ୍ୟାୟୀ' ଆଦିରେ ମଧ ଦେଖାଯାଏ। ଏହି ନଦୀର ଜନ୍ମ ସଂପର୍କରେ ଏକ ମଧୁମୟ କାହାଣୀର ଉଲ୍ଲେଖ ଅଛି। ଏକଦା ଶଙ୍ଖାସୁର ବଧ ପରେ ଶ୍ରୀବିଷ୍ଣୁଙ୍କ ଆନନ୍ଦାଶ୍ରୁ ତାଙ୍କ ନଖ କୋଣରେ ସଂଚିତ ହୋଇ ରହିଥିଲା। ଭଗୀରଥଙ୍କ ତପସ୍ୟାରେ ତାହା ଭାଗୀରଥି ହୋଇ ବିଷ୍ଣୁଙ୍କର ଦକ୍ଷିଣ ପାଦରୁ ବହିର୍ଗତ ହୋଇଥିଲା। ସେହିପରି, ଯେତେବେଳେ ମନୁ ଅଯୋଧ୍ୟାନଗରୀ ନିର୍ମାଣ କଲେ, ସେତେବେଳେ ଶୁଭକାରିଣୀ ସରଯୂନଦୀ ଭଗବାନ ବିଷ୍ଣୁଙ୍କର ବାମପାଦର ଅଙ୍ଗୁଷ୍ଠି କୋଣରୁ ନିର୍ଗତ ହୋଇ ଅଯୋଧ୍ୟା ଭୂମିକୁ ଧୌତ କଲା। ଅତଏବ ଅଯୋଧ୍ୟାର ସଂପୂର୍ଣ୍ଣ ଇତିହାସର ମୂକସାକ୍ଷୀ-ଦେବ ପାବନୀ ସରଯୂ। ସରଯୂ ଅର୍ଥ ସ୍ରୋତ। ଏହା ଘର୍ଘର ନାଦ କରି ହିମାଳୟର ପର୍ବତଶ୍ରେଣୀରୁ ନିର୍ଗତ ହେଉଥିବାରୁ ଏହାର ନାମ ଘର୍ଘରା। ମାନସରୋବରରୁ ଏହାର ଉତ୍ପତ୍ତି ହେତୁ 'ତୁଳସୀ ରାମାୟଣ'ରେ ଏହାକୁ 'ମାନସନନ୍ଦିନୀ' ନାମରେ ନାମିତ କରାଯାଇଛି। ପୁରାଣର ବର୍ଣ୍ଣନା ଅନୁସାରେ, କୋଶଳ ଦେଶ ନାମକ ଏକ ମହାନ ଧନଧାନ୍ୟପୂର୍ଣ୍ଣ ଦେଶ ସରଯୂ ନଦୀ ତୀରରେ ଥିଲା। ଏହି ନଦୀ ହିମାଳୟରୁ ବାହାରି ପ୍ରାୟ



**'ଅଧ୍ୟାତ୍ମ ରାମାୟଣ'ରେ ଉଲ୍ଲିଖିତ ଏହି ଉକ୍ତି ଯେଉଁ ନଦୀ ସଂପର୍କରେ କୁହାଯାଇଛି, ସେହି ନଦୀ ହେଉଛି ଲୋକପାବନୀ ସରଯୂ, ସାରଦା, କାଳୀନଦୀ, ଘାଘରା ବା ଘର୍ଘରା। ଏହା ଉତ୍ତର ଭାରତରେ ପ୍ରବାହିତ ଏକ ନଦୀ।**

୩୫୦ କିଲୋମିଟର ଅତିକ୍ରମ କରି ଚେରାନ ତୀର୍ଥରେ ଗଙ୍ଗା ସହିତ ମିଳିତ ହୋଇଛି। କଥିତ ଅଛି, ଏହି ତୀର୍ଥରେ ଦଶରଥଙ୍କର ପିତା ଅଜ ଦେହତ୍ୟାଗ କରିଥିଲେ। ପୁରାଣ ଅନୁସାରେ, ଏହି ନଦୀ ତୀରର ଘନ ଜଙ୍ଗଲରେ ସୂର୍ଯ୍ୟବଂଶୀ ରାଜାମାନେ ମୃଗୟା କରୁଥିଲେ। ଦଶରଥ ସେହି ମୃଗୟା କାଳରେ ଶବ୍ଦଭେଦୀ ବାଣ ପ୍ରୟୋଗ କରି, ଶ୍ରବଣକୁମାରଙ୍କୁ ବଧ କରି ଅଭିଶପ୍ତ ହୋଇଥିଲେ। ଏହି ନଦୀରେ ଦେହତ୍ୟାଗ କରି ଲକ୍ଷ୍ମଣ ଶେଷନାଗ ହୋଇ ପାତାଳପୁରୀ ଯାତ୍ରା କରିଥିଲେ। ଉର୍ମିଳା ମଧ ଏଠାରେ ଦେହତ୍ୟାଗ କରିଥିଲେ। ସ୍ୱୟଂ ରାମଚନ୍ଦ୍ର ସରଯୂ ନଦୀରେ ଦେହତ୍ୟାଗ କରି ବୈକୁଣ୍ଠ ଗମନ କରିଥିଲେ। ଏଣୁ ସରଯୂକୁ କୁହାଯାଏ ବୈକୁଣ୍ଠ ଗମନର ଦ୍ୱାର। ଏହି ନଦୀରେ ସ୍ନାନ କଲେ ବୈକୁଣ୍ଠରେ ସ୍ଥାନ ମିଳେ ବୋଲି ବିଶ୍ୱାସ କରାଯାଏ। 'ରାମକି ପୈଡ଼ି' ନାମରେ ସରଯୂ ନଦୀରେ ୨୫ଟି ଘାଟ ରହିଛି, ଯେଉଁଠି ଶ୍ରଦ୍ଧାଳୁମାନେ ସ୍ନାନ କରିଥାନ୍ତି। ଏସବୁ ସତ୍ତ୍ୱେ ସରଯୂକୁ ଶିବଙ୍କର ଅଭିଶାପ ଗ୍ରହଣ କରିବାକୁ ପଡ଼ିଥିଲା। ରାମଚନ୍ଦ୍ର ଏହି ନଦୀରେ ଦେହତ୍ୟାଗ କରିବାରୁ କ୍ରୋଧିତ ହୋଇ ଶିବ ସରଯୂକୁ ଅଭିଶାପ ଦେଇଥିଲେ- ତୋର ଜଳରେ ଯେ ଆଚମନ କରିବ ସେ ନର୍କଗାମୀ ହେବ। ଏଥିରେ ସରଯୂ ଦୁଃଖିତ ହେବାରୁ ଶିବ ତାକୁ ସେହି ଦଣ୍ଡରୁ ମୁକ୍ତ କରିଥିଲେ। ସରଯୂ ନଦୀ ଭାରତ ଓ ନେପାଳ ସୀମାରେ ପ୍ରବାହିତ ହୋଇ ଉତ୍ତର ପ୍ରଦେଶ ମଧ ଦେଇ ବିହାରର ସାରନ୍ ଜିଲ୍ଲାର ଚେରାନ୍ ଠାରେ ଗଙ୍ଗା ନଦୀରେ ମିଳିତ ହୋଇଛି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପଞ୍ଜୁରୀ ଭିତରେ ଶୁଆ...

ଗତ ସପ୍ତାହ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଜାମିନ ପ୍ରଦାନ କରିବା ସମୟରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସଂପର୍କରେ ସୁପ୍ରିମକୋର୍ଟ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହା ଏବେ ସରକାରଙ୍କୁ ଘେରିବା ଲାଗି ବିରୋଧୀଙ୍କୁ ଖୋରାକ ଯୋଗାଇଛି । ଯେଉଁ ଢଙ୍ଗ ଏବଂ ଯେଉଁ ସମୟରେ ସିବିଆଇ କେଜ୍ରିଓ୍ୱାଲଙ୍କୁ ଗିରଫ କଲା, ତାହାକୁ ନେଇ କୋର୍ଟ ପ୍ରଶ୍ନ ଉଠାଇବା ସହିତ ସଂସ୍ଥାର ନିରପେକ୍ଷତା ଉପରେ ମଧ ପ୍ରଶ୍ନଚିହ୍ନ ଲଗାଇଛନ୍ତି । କେଜ୍ରିଓ୍ୱାଲଙ୍କ ଜାମିନ ଆବେଦନ ଉପରେ ଶୁଣାଣି କରିଥିଲେ ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ । କ୍ରେଜିଓ୍ୱାଲଙ୍କୁ ଜାମିନ ମଞ୍ଜୁର କରି ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁ ସିବିଆଇ ଉପରେ ପ୍ରବଳ ବର୍ଷିଥିଲେ । ସେ କହିଥିଲେ ଯେ ଏହି ଦୁର୍ନୀତି ମାମଲାରେ ସିବିଆଇ କେଜ୍ରିଓ୍ୱାଲଙ୍କୁ ୨୨ ମାସ ଧରି ବିଭିନ୍ନ ସମୟରେ ପଚରାଉଚରା କରିଥିଲା । ଏପରିକି ୨୦୨୩ ମାର୍ଚ୍ଚରେ ମଧ ତାଙ୍କୁ ଜେରା କରିଥିଲା । କିନ୍ତୁ ଏହି ସମୟରେ ତାଙ୍କୁ ଗିରଫ କରିବାର ଆବଶ୍ୟକତା ମନେ କଲାନାହିଁ । ଯେତେବେଳେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଗିରଫଦାରୀ ମାମଲାରେ କେଜ୍ରିଓ୍ୱାଲଙ୍କୁ ଜାମିନ ମିଳିଲା, ସେତେବେଳେ ସିବିଆଇ ତାଙ୍କୁ ଗିରଫ କରିବା ଲାଗି ତତ୍ପର ହୋଇପଡ଼ିଲା । ତେଣୁ ସିବିଆଇର ଏଭଳି ଆଚରଣକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ନିଶ୍ଚୟ କାହାରି ଇସାରାରେ କାମ କରୁଛି ବୋଲି ପରୋକ୍ଷରେ ଇଙ୍ଗିତ କରିଥିଲେ । ସିବିଆଇକୁ ପଞ୍ଜୁରୀ ଭିତରେ ଶୁଆ ସହ ତୁଳନା କରାଯାଉଛି । ଦୀର୍ଘ ବର୍ଷ ଧରି ଲୋକମାନଙ୍କ ମଧ୍ୟରେ ଏହି ଧାରଣା ରହିଆସିଛି । ଏହି ଧାରଣାକୁ ସିବିଆଇ ଭୁଲ ପ୍ରମାଣ କରୁ । ସିବିଆଇ ନିଜକୁ ସବୁ ସନ୍ଦେହରୁ ମଧ ଊର୍ଦ୍ଧ୍ୱରେ ରଖୁ । ସୁପ୍ରିମକୋର୍ଟଙ୍କ ଏଭଳି ଟିପ୍ପଣୀ ପରେ ବିରୋଧୀ ଦଳ ସରକାରଙ୍କୁ ଘେରିବା ଆରମ୍ଭ କରିଛନ୍ତି । କହିଛନ୍ତି ଯେ କେନ୍ଦ୍ର ସରକାର ସିବିଆଇ ଏବଂ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ)ର ଦୁରୁପଯୋଗ କରି ଏହାକୁ ବିରୋଧୀଙ୍କୁ ହଇରାଣ କରିବା ଲାଗି ଅସ୍ତ୍ର ଭାବେ ବ୍ୟବହାର କରୁଛି । ସେମାନଙ୍କ ମତରେ ସୁପ୍ରିମ କୋର୍ଟଙ୍କ ମନ୍ତବ୍ୟରୁ ଏହା ସ୍ପଷ୍ଟ ହେଉଛି । ସିବିଆଇକୁ ପଞ୍ଜୁରୀ ଭିତେରେ ଶୁଆ ବୋଲି ସୁପ୍ରିମ କୋର୍ଟ ପ୍ରଥମ ଥର କହି ନାହାନ୍ତି। ୨୦୧୩ରେ କୋଇଲା ଦୁର୍ନୀତି ମାମଲାର ଶୁଣାଣି ବେଳେ ପ୍ରଥମ ଥର ଲାଗି ସୁପ୍ରିମକୋର୍ଟ ସିବିଆଇ ପ୍ରତି ଏଭଳି କଟୁ ମନ୍ତବ୍ୟ ଦେଇଥିଲେ। ଘରୋଇ କଂପାନୀଙ୍କୁ କୋଇଲା ଖଣି ଲାଇସେନ୍ସ ବଣ୍ଟନରେ ହୋଇଥିବା ଘୋଟାଲାର ତଦନ୍ତରେ ସିବିଆଇର ଆଚରଣକୁ ଦେଶର ସର୍ବୋଚ୍ଚ ଅଦାଲତ ନାପସନ୍ଦ କରିବା ସହିତ ଭୀଷଣ ବର୍ଷିଥିଲେ। ଜଷ୍ଟିସ ଆରଏମ୍ ଲୋଧାଙ୍କ ନେତୃତ୍ୱାଧୀନ ତିନି ଜଣିଆ ଖଣ୍ଡପୀଠ କହିଥିଲେ, 'ମାଲିକ ଭାଷା କହୁଛି ପଞ୍ଜୁରୀ ଭିତର ଶୁଆ' (କେଜ୍‌ଡ ପାରୋଟ୍ ସ୍ପିକିଙ୍ଗ ଇନ୍ ଇଟ୍ସ ମାଷ୍ଟର୍ସ ଭଏସ୍) । ସରକାରଙ୍କ ଇସାରାରେ ସିବିଆଇ ଏହାର ରିପୋର୍ଟ ବଦଳାଇଛି ବୋଲି ଉଲ୍ଲେଖ କରି ତଦନ୍ତକାରୀ ସଂସ୍ଥାକୁ ଏହାର ନିୟନ୍ତ୍ରଣରୁ ମୁକ୍ତ କରିବା ଲାଗି କୋର୍ଟ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଥିଲେ । ସୁପ୍ରିମକୋର୍ଟଙ୍କ ଏଭଳି ଭର୍ତ୍ସନା କେବଳ ସିବିଆଇର ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠାଇନଥିଲା । ସେତେବେଳେ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ନେତୃତ୍ୱାଧୀନ ୟୁପିଏ ସରକାରକୁ ଘେରିବା ଲାଗି ବିରୋଧୀଙ୍କୁ ଅସ୍ତ୍ର ମଧ ମିଳିଯାଇଥିଲା । ମୁଖ୍ୟ ବିରୋଧୀ ଦଳ ବିଜେପି ୟୁପିଏ ସରକାରକୁ ତୀବ୍ର ସମାଲୋଚନା କରି କହିଥିଲେ ଯେ ଏହି ପାର୍ଟି ସିବିଆଇକୁ ନେଇ ଯାହା କହୁଥିଲା, ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ତାହା ପ୍ରମାଣ କରିଛି । ସିବିଆଇ ଏହାର ଷ୍ଟାଟସ ରିପୋର୍ଟକୁ କାହିଁକି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କୁ ଦେଖାଇଥିଲା। ଏଥିରୁ ସ୍ପଷ୍ଟ ପ୍ରମାଣ ହେଉଛି ଯେ ସିବିଆଇ ସରକାରଙ୍କ ଇସାରାରେ କାମ କରୁଛି । ପ୍ରଧାନମନ୍ତ୍ରୀଙ୍କ ବିନା ଜ୍ଞାତସାରରେ ଏହା ହୋଇନଥିବ ବୋଲି ବିଜେପି କହିଥିଲା । ୨୦୧୪ରେ ବିଜେପି କ୍ଷମତାକୁ ଆସିବା ପରେ ଘଟଣାଚକ୍ର ବଦଳିଯାଇଛି । ସିବିଆଇକୁ ନେଇ ସେତେବେଳେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ବିରୋଧରେ ଯେଉଁ ଅଭିଯୋଗ ହେଉଥିଲା ଏବେ ଠିକ୍ ସେହି ଅଭିଯୋଗ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବିରୋଧରେ ଆସୁଛି । ଏନ୍‌ଡିଏ ସରକାର ସିବିଆଇ, ଇଡି ଏବଂ ଆୟକର ବିଭାଗର ବ୍ୟାପକ ଦୁରୁପଯୋଗ କରି ବିରୋଧୀଙ୍କୁ ହଇରାଣ କରୁଛି ବୋଲି ଅଭିଯୋଗ କରିଛନ୍ତି । ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ, ଉପମୁଖ୍ୟମନ୍ତ୍ରୀ ମନିଷ ସିଶୋଦିଆ, ଭାରତ ରାଷ୍ଟ୍ର ସମିତିର ନେତ୍ରୀ କେ, କବିତା, କଂଗ୍ରେସ ନେତା ପି. ଚିଦମ୍ବରମ ଓ ଡି. ଶିବକୁମାର ତଥା ଆପ୍ ନେତା ସଂଜୟ ସିଂହଙ୍କ ଭଳି ବିରୋଧୀ ଦଳର ନେତାମାନଙ୍କୁ ଯେଭଳି ଗିରଫ କରାଗଲା, ତାହା ବିରୋଧୀ ସ୍ୱରକୁ ଆହୁରି ଶାଣିତ କରିଛି । ବିରୋଧୀ ଦଳଙ୍କ ସ୍ୱରକୁ ଚାପିବା ଲାଗି କିମ୍ବା ବିଜେପି ସହ ହାତ ମିଳାଇବା ଲାଗି ଏହି ତନିଟି ସଂସ୍ଥାର ଆଖିବୁଜା ବ୍ୟବହାରା କରାଯାଉଥିବା ଅଭିଯୋଗ ଆଦୌ ଅମୂଳକ ନୁହେଁ। ବିଶେଷ କରି ନିର୍ବାଚନ ସମୟରେ ବିରୋଧୀଙ୍କୁ ଟାର୍ଗେଟ କରାଯାଉଛି । ଘରେ ଚଢ଼ଉ କରାଯାଉଛି ଏବଂ ଗିରଫ ବି କରାଯାଉଛି । ବିରୋଧୀ ଦଳରେ ଥିବା ବେଳେ ଯେଉଁ ନେତାମାନଙ୍କ ନାମରେ ଦୁର୍ନୀତି ଓ ଅପରାଧିକ ମାମଲା ଚାଲୁଥିଲା, ସେମାନେ ବିଜେପି ସହ ହାତ ମିଳାଇବା ପରେ ଅଭିଯୋଗମୁକ୍ତ ହୋଇଗଲେ ।

# ଓଡ଼ିଶାରେ ରଙ୍ଗମଞ୍ଚ ଓ କଳାବିକାଶ କେନ୍ଦ୍ର



### ନାଟ୍ୟସାରଥି ଅଭୟ କୁମାର ଦାସ

ଉତ୍କଳୀୟ ମଞ୍ଚର ପ୍ରାଚୀନତାର ନିଦର୍ଶନ ଆମେ ପାଇଥାଉ ଉଦୟଗିରିର ରାଣୀଗୁମ୍ଫାରେ ଥିବା ସମ୍ରାଟ ଖାରବେଳଙ୍କର ଏକ ଶିଳାଲିପି ଓ ଖୋଦିତ ଚିତ୍ରରୁ। ଖ୍ରୀଷ୍ଟିୟ ନବମ ଶତାବ୍ଦୀରୁ ଉତ୍କଳୀୟ ସଂସ୍କୃତ ରଙ୍ଗମଞ୍ଚ ବିକାଶର ନିଦର୍ଶନ ଆମେ ପାଇଥାଉ। ମୁରାରୀ ମିଶ୍ର ଅନର୍ଘ ରାଘବ ନାଟକ ଲେଖି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ତାହା ମଞ୍ଚସ୍ଥ କରିଥିଲେ। ଜାତିର କଳାସଂସ୍କୃତିର ପରିଚୟ ମିଳିଥାଏ ତାର ରଙ୍ଗମଞ୍ଚରୁ ସେଇଥିପାଇଁ କୁହାଯାଏ 'ଏ ନେସନ ଇଜି ନୋନ୍ ବାୟ ଇଟସ୍ ଥିଏଟର'। ନାଟ୍ୟ ଶାସ୍ତ୍ର ପ୍ରଣେତା ଭରତ ତିନି ପ୍ରକାର ମଞ୍ଚର ନିର୍ଦ୍ଦେଶ କରିଯାଇଛନ୍ତି। ସେଗୁଡ଼ିକ ହେଉଛି ବିକୃଷ୍ଟ, ଚର୍ତୁସ୍ର ଓ ତ୍ରସ୍ୟ। ଭାରତର ସର୍ବପ୍ରଥମ ରଙ୍ଗମଞ୍ଚ କଲିକତାରେ ୧୭୫୬ରେ ଗଢ଼ି ଉଠିଥିଲା। ଓଡ଼ିଶାରେ ରଙ୍ଗମଞ୍ଚର ଇତିହାସକୁ ତିନି ଭାଗରେ ବିଭକ୍ତ କରାଯାଇପାରେ। ତାହା ହେଉଛି ସ୍ଥାୟୀ, ଅସ୍ଥାୟୀ ଓ ସୌଖୁନୀର ରଙ୍ଗମଞ୍ଚ। ଓଡ଼ିଶାରେ ରଙ୍ଗମଞ୍ଚର ଇତିହାସ ଖୋଜିଲେ ୧୮୭୨ ମସିହାରେ କଟକ ମିଶନ ସ୍କୁଲରେ ଇଂରାଜୀ ନାଟକ ଅଭିନୀତ ହୋଇଥିବା ନେଇ ଉତ୍କଳ ଦୀପିକାରେ ବର୍ଣ୍ଣନା ହୋଇଛି। ତେବେ ୧୮୭୫-୭୬ ବେଳକୁ ଏଠାରେ ଏକ ଅସ୍ଥାୟୀ ମଞ୍ଚ ଗଠନ ହେବା ପରେ କଟକ ମ୍ୟୁନିସିପାଲଟି ହତାରେ ସର୍ବପ୍ରଥମେ ୧୮୭୬-୭୭ ସମୟରେ ବମ୍ବେର ପାର୍ସି ରିପନ ଓ ସାଙ୍ଗଲୀ ଥିଏଟର୍ସ ନାଟକ ପ୍ରଦର୍ଶନ କରିଥିଲେ। ତେବେ ୧୮୮୩ ବେଳକୁ ଧରାବାର ହିନ୍ଦୀ ଥିଏଟର୍ସ କମ୍ପାନୀ କଟକରେ ଏକ ରଙ୍ଗଶାଳା ନିର୍ମାଣ କରି ନାଟକ ଅଭିନୟ କରାଇଥିଲେ। ୧୮୮୧ରେ କାଞ୍ଚି କାବେରୀ ଓ ୧୮୮୨ରେ ମହୀଦାସ ବଜାରର ହାରାଧାନ ଘୋଷଙ୍କ ବାସଗୃହରେ ମଞ୍ଚସ୍ଥ ହୋଇଥିଲା ନାଟକ 'ବନମାଳା'। ସେହିପରି ୧୮୮୩ରେ କାଳୀପଦ ବନ୍ଦୋପାଧ୍ୟାୟଙ୍କ ଗୃହରେ 'କଳିକାଳ', ୧୮୮୪ରେ ପୁରୀ ହିନ୍ଦୁ ଥିଏଟରରେ ମଞ୍ଚସ୍ଥ ହୋଇଥିଲା ନାଟକ 'ରାମାଭିଷେକ', ୧୮୮୫ରେ ଶ୍ରୀପଞ୍ଚମୀ ତିଥିରେ କଟକ ଜିଲ୍ଲାର କୋଠପଦା ଗ୍ରାମରେ ଏକ ସ୍ଥାୟୀ ମଞ୍ଚ ପ୍ରତିଷ୍ଠା ହୋଇ 'କାଞ୍ଚି କାବେରୀ' ପ୍ରଦର୍ଶିତ ହୋଇଥିଲା।

ବାରବାଟୀ କିଲ୍ଲା ଠାରେ ୧୮୭୭ରେ ନାଟକ 'ଇଂରାଜୀ', ୧୮୮୯ରେ କଟକର ରଘୁନାଥପୁର ଠାରେ ନାରାୟଣ ମିଶ୍ରଙ୍କ 'ସୀତା ବନବାସ' ପ୍ରଦର୍ଶିତ ହୋଇଥିଲା। ୧୮୮୯ରେ କଟକରେ ନାଟକ 'ପ୍ରହ୍ଲାଦ', ୧୮୮୭ରେ ମଧୁସୂଦନ ଦାସଙ୍କ ଘରେ ବଙ୍ଗଳା ନାଟକ 'ହରିଶ୍ଚନ୍ଦ୍ର' ଅଭିନୀତ ହୋଇଥିଲା। ୧୮୭୫ରେ କଳା ଓ ସାଧନାର କ୍ଷେତ୍ର ମାହାଙ୍ଗା ଠାରେ ଜଗମୋହନ ଲାଲା ରାଧାକାନ୍ତ ରଙ୍ଗମଞ୍ଚ ପ୍ରତିଷ୍ଠା କରି ଓଡ଼ିଆ ଓ ବଙ୍ଗାଳୀ ନାଟକ ଅଭିନୀତ କରାଉଥିଲେ। ତେବେ ୧୮୮୭ ବେଳକୁ ମଧୁସୂଦନ ଦାସଙ୍କ ଘରେ ସ୍ଥାୟୀ ମଞ୍ଚ ଓ କଟକର ପ୍ରଖ୍ୟାତ ଜମିଦାର ଲକ୍ଷ୍ମୀନାରାୟଣ ଚୌଧୁରୀଙ୍କ ନିଜ ଘରେ ନାଟକ ପାଇଁ ରଙ୍ଗମଞ୍ଚ ତିଆରି କରିଥିଲେ। କଟକର ବିନୋଦବିହାରୀରେ ୧୮୯୮ରେ 'ବୀଣାପାଣୀ ଥିଏଟର' ପ୍ରତିଷ୍ଠା ହୋଇଥିଲା। ଦକ୍ଷିଣ ଓଡ଼ିଶାର ପ୍ରଥମ ସ୍ଥାୟୀ ମଞ୍ଚ ୧୮୯୭ରେ ପ୍ରତିଷ୍ଠା ହୋଇଥିଲା ଏହାର ନାମ ଥିଲା 'ପଦ୍ମନାଭ ରଙ୍ଗାଳୟ' ସେହିପରି ପରବର୍ତ୍ତୀ ସମୟରେ ୧୯୧୦ ବେଳକୁ ଜମିଦାର କୁଞ୍ଜବିହାରୀ ଘୋଷଙ୍କ ଉଦ୍ୟମରେ ବାସନ୍ତୀ ରଙ୍ଗମଞ୍ଚ, କଟକର ବାଙ୍କା ବଜାରର ରଜନୀକାନ୍ତ ବିଶ୍ୱାଳଙ୍କ ଉଦ୍ୟମରେ ୧୯୧୩ରେ 'ଉଷା ପେଣ୍ଡାଲ' ଓ ପୁରୀ ଜିଲ୍ଲାର ବନମାଳି ପତିଙ୍କ ଉଦ୍ୟମରେ ୧୯୧୧ ମସିହାରେ ବଲଙ୍ଗା ଠାରେ ପ୍ରତିଷ୍ଠିତ ହୁଏ ଓଡ଼ିଶାର ପ୍ରଥମ ବ୍ୟବସାୟିକ ରଙ୍ଗମଞ୍ଚ 'ରାଧାକୃଷ୍ଣ ଥିଏଟର'। ସେହିପରି ୧୯୩୫ରେ ବ୍ରହ୍ମପୁରର ସାରଥି ସାହୁଙ୍କ ପ୍ରଚେଷ୍ଟାରେ 'ସାରଥି ଥିଏଟର' ୧୯୩୫ ମସିହାରେ ଗଢ଼ି ଉଠିଥିବାବେଳେ ସୋମନାଥ ଦାସଙ୍କ ପ୍ରଚେଷ୍ଟାରେ ୧୯୩୩ରେ 'ଅନ୍ନପୂର୍ଣ୍ଣା ନାଟ୍ୟମଣ୍ଡଳୀ' ଓ ୧୯୪୫ରେ କଟକରେ 'ଅନ୍ନପୂର୍ଣ୍ଣ ବି ଗ୍ରୁପ' ମଞ୍ଚ ତିଆରି ହୁଏ। ଏହି ଅନ୍ନପୂର୍ଣ୍ଣା ଥିଏଟରଟି ୧୯୩୯ରେ ବଙ୍ଗଳା ନାଟ୍ୟକାର ଜଳନ୍ଧର ଚଟ୍ଟୋପାଧ୍ୟାୟଙ୍କ ନାଟକ 'ପିଡବ୍ଲୁଡ଼ି'ର ଓଡ଼ିଆ ଅନୁବାଦ ମଞ୍ଚସ୍ଥ କରିଥିଲେ।

୧୯୨୯ରେ କାଳୀଚରଣ ପଟ୍ଟନାୟକଙ୍କ 'ସାକ୍ଷୀଗୋପାଳ ନାଟ୍ୟ ସଂଘ', ୧୯୪୨ରେ କଟକ ମାଣିକଘୋଷ ବଜାରରେ 'ଭାରତୀୟ ଥିଏଟର', ୧୯୪୪ରେ 'ନ୍ୟୁ ଓଡ଼ିଶା ଥିଏଟର', ୧୯୪୧ରେ କଟକର ଧର୍ମଶାଳା ଠାରେ ଯୋଗୀନାଥ ପଣ୍ଡାଙ୍କ 'ଦୁର୍ଗାମଣି ଥିଏଟର', ୧୯୪୬ରେ ଜଗନ୍ନାଥ ମହାନ୍ତିଙ୍କ ପ୍ରଚେଷ୍ଟାରେ 'ଜଗନ୍ନାଥ ଥିଏଟର', ୧୯୪୬ରେ ବରଗଡ଼ର ଅପର୍ତ୍ତି ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ 'ନାଟ୍ୟ ମନ୍ଦିର', ୧୯୨୩ରେ ରଣପୁରରେ 'ରଣପୁର ରଙ୍ଗମଞ୍ଚ' ସେହିପରି କଟକର ବଡ଼େଇସାହିରେ 'ସୌଖିନୀ ରଙ୍ଗମଞ୍ଚ' ଭାବେ ୧୯୧୯ ମସିହାରେ 'ବୀଣାପାଣି କ୍ଲବ', ୧୯୨୨ରେ କାଠଗଡ଼ା ସାହିର 'ଉମାକାନ୍ତ ସମିତି', ୧୯୨୬ରେ 'ଅମଳା କ୍ଲବ', ୧୯୨୪ରେ 'ଜୁନୟର ଆମେଚର କ୍ଲବ', ୧୯୨୮ରେ 'ପିଡବ୍ଲ୍ୟୁଡି କ୍ଲବ' ପ୍ରମୁଖ। ତେବେ ୧୯୪୬-୪୭ ସମୟରେ କଟକରେ 'ରୂପଶ୍ରୀ ଥିଏଟର' ସୁରେନ୍ଦ୍ରନାଥ ଦାସଙ୍କ ପରିଚାଳନାରେ ଗଢ଼ି ଉଠିଥିଲା। ୧୯୫୩ ଅକ୍ଟୋବର ୧୬ ତାରିଖରେ ସେ ସମୟରେ ବେଶ ନାଁ କମେଇଥିବା ରଙ୍ଗମଞ୍ଚ ଭାବେ 'ଜନତା ରଙ୍ଗମଞ୍ଚ' ଗଢ଼ି ଉଠିଥିଲା। ସେହିପରି ୧୯୬୬ ଅପ୍ରେଲ ୧୮ ତାରିଖରେ 'କଳାଶ୍ରୀ ଥିଏଟର' ଗଢ଼ି ଉଠିଥିଲା। ଓଡ଼ିଶାର ସୌଖିନ ନାଟ୍ୟ ସଂସ୍ଥା ଗୁଡ଼ିକ ମଧ ନାଟକକୁ ବଞ୍ଚାଇ ରଖିବାକୁ ଉଦ୍ୟମ କରିଛନ୍ତି। ୧୯୬୪ରେ କଟକର 'ସୃଜନୀ', ୧୯୭୦ରେ ଭୁବନେଶ୍ୱରର 'ସଂକେତ', ୧୯୬୫ରେ ରାଉରକେଲାର 'ଲାଇଫ ଆଣ୍ଡ ରିଦିମ୍', ୧୯୬୮ର 'କଳିଙ୍ଗ କଳାପରିଷଦ' ଓ କଟକର 'ଫ୍ରେଣ୍ଡସ ୟୁନିୟନ ୟୁନାଇଟେଡ ଆର୍ଟିଷ୍ଟ' ପ୍ରମୁଖ। ଓଡ଼ିଆର ନାଟକ, ଲୋକନାଟକ ଆମ ଜନଜୀବନର ବାସ୍ତବ ଜୀବନ ଚିତ୍ର।

ହଜାର ବର୍ଷର ପ୍ରାଚୀନ ସହର କଟକରେ ନୃତ୍ୟ ସଙ୍ଗୀତର ପ୍ରମୁଖ ଅନୁଷ୍ଠାନଟି ହେଉଛି କଳାବିକାଶ କେନ୍ଦ୍ର। ଅନେକ ହୁଏତ ଜାଣିନଥିବେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାରେ ଭାରତୀୟ ନୃତ୍ୟ ସଙ୍ଗୀତକୁ କଳାପ୍ରେମୀଙ୍କ ନିକଟରେ ଆଦୃତ କରିବା ପାଇଁ ୧୯୫୨ ମସିହା ଅଗଷ୍ଟ ୧୦ ତାରିଖରେ ସର୍ବପ୍ରଥମେ ଓଡ଼ିଆ ବଜାରରେ ଗୋଟିଏ ଭଡ଼ା ଘରେ କଳାବିକାଶ କେନ୍ଦ୍ର ସ୍ଥାପିତ ହୋଇଥିଲା। ସେ ସମୟରେ ମାସିକ ଭଡ଼ା ଥିଲା ୨୫ଟଙ୍କା। ବିଧିବଦ୍ଧ ଭାବେ ଏହାର ପଞ୍ଜୀକରଣ ତଥା ସମ୍ବିଧାନ ତିଆରିର ପ୍ରସ୍ତୁତି କରିଥିଲେ ଗୋବିନ୍ଦ ଦାସ, ବାଙ୍କବିହାରୀ ଦାଶ, ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ। ଦିନକୁ ଦିନ ସଙ୍ଗୀତ ଓ କଳାର ଆଦର କରୁଥିବା ପିଲାମାନଙ୍କ ସଂଖ୍ୟା ବଢ଼ି ଚାଲିବାରୁ ଏହା ରାଣୀହାଟରେ ଅନ୍ୟ ଏକ ଭଡ଼ା ଘରକୁ ସ୍ଥାନାନ୍ତରିତ ହେଲା ଏବଂ ଏହାର ମାସିକ ଭଡା ରହିଲା ୨୫୦ ଟଙ୍କା। ଦୁଇମହଲା ବିଶିଷ୍ଟ ଏହି କୋଠା ଘରେ କଳାବିକାଶ କେନ୍ଦ୍ରର ଶିକ୍ଷାଦାନ କାର୍ଯ୍ୟକ୍ରମ ପରିଚାଳିତ ହେଲା। କଳାବିକାଶ କେନ୍ଦ୍ରର ମୂଳ ସଂସ୍ଥାପକ ବାବୁଲାଲ ଯୋଶୀ ୧୯୫୭ ମସିହାରେ ମିଶନ ରୋଡ଼ର ୟୁନିୟନ କ୍ଲବ ସନ୍ନିକଟ ସେ ସମୟରେ ଜଙ୍ଗଲିଆ ଜମି ଭାବେ ପରିଚିତ ଚଉଦଗୁଣ୍ଠ ଯାଗାକୁ ମାତ୍ର ଚାରିଶହ ଟଙ୍କାର ବିନିମୟ ମୁଦ୍ରା ଦ୍ୱାରା ହସ୍ତଗତ ହୋଇଥିଲା। ତତ୍କାଳୀନ କଳାପ୍ରେମୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ଏହି ସ୍ଥାନଟିକୁ ଲିଜ ସୂତ୍ରରେ ପ୍ରଦାନ କରିଥିଲେ। ସେ ସମୟରେ କଟକର ଜିଲ୍ଲାପାଳ ସର୍ଦ୍ଦାର ଅମର ସିଂହ। ୧୯୫୮ ଅଗଷ୍ଟ ୧୫ରେ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ତାଙ୍କ ନିଜସ୍ୱ ଲୋକାଲ ଡେଭଲପମେଣ୍ଟ ଫଣ୍ଡରୁ ଦଶ ହଜାର ଟଙ୍କା କଳାବିକାଶ କେନ୍ଦ୍ରର ଗୃହ ନିର୍ମାଣର ଶିଳାନ୍ୟାସ ପାଇଁ ପ୍ରଦାନ କରିଥିଲେ। ନ୍ୟାୟମୂର୍ତ୍ତି ହରିହର ମହାପାତ୍ରଙ୍କ ସହଯୋଗରେ ପ୍ରଖ୍ୟାତ ଡୁଗଲ କମ୍ପାନୀ ଚାରି ହଜାର ଟଙ୍କାର ଇଟା ସହଜଯୋଗ ସ୍ୱରୂପ ପ୍ରଦାନ କରିଥିଲେ। କଟକ କଳାବିକାଶ କେନ୍ଦ୍ରର ପ୍ରଥମ ସଭାପତି ଥିଲେ ଡକ୍ଟର ପ୍ରାଣକୃଷ୍ଣ ପରିଜା ଓ ପ୍ରଥମ ସମ୍ପାଦକ ଥିଲେ ବିଶ୍ୱନାଥ ରାଓ। ସେ ସମୟରେ ବର୍ତ୍ତମାନର ସୁବିଖ୍ୟାତ ନୃତ୍ୟଗୁରୁ ମାୟାଧର ରାଉତ ମାତ୍ର ପନ୍ଦର ଟଙ୍କା ଦରମା ବିନିମୟରେ ନୃତ୍ୟ ଶିକ୍ଷା ଦେଉଥିଲେ। କେଳୁଚରଣ ମହାପାତ୍ର ମଧ ମାସିକ କୋଡିଏ ଟଙ୍କା ଦରମାରେ ଶିକ୍ଷା ପ୍ରଦାନ କରୁଥିଲେ। ରାଖାଲ ଚନ୍ଦ୍ର ମହାନ୍ତି କେନ୍ଦ୍ରରେ ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ଶିକ୍ଷକ ହିସାବରେ ମଧ କର୍ତ୍ତବ୍ୟରତ ଥିଲେ। କେନ୍ଦ୍ରର ଅନ୍ୟତମ ଶିକ୍ଷକ ଭାବେ ବାଳକୃଷ୍ଣ ଦାଶ କାର୍ଯ୍ୟରତ ଥିଲେ। ସେ ସମୟରେ ଓଡ଼ିଶାର ଏକମାତ୍ର ଓ ପ୍ରମୁଖ ଅନୁଷ୍ଠାନ ଭାବେ କଳାବିକାଶ କେନ୍ଦ୍ର ଓଡ଼ିଶୀ ନୃତ୍ୟ ଓ ଗୀତର ବିଧିବଦ୍ଧ ଚାରିବର୍ଷିଆ ପାଠ୍ୟକ୍ରମ ତିଆରି କରିଥିଲା। ସର୍ବପ୍ରଥମେ ୧୯୫୩ରୁ ୧୯୫୪ ଶିକ୍ଷା ବର୍ଷରେ କବିଚନ୍ଦ୍ର ଡକ୍ଟର କାଳୀଚରଣ ପଟ୍ଟନାୟକ, ନୀଳମାଧବ ବୋଷ, ଦୟାନିଧି ଦାସ ଓ ଅନେକ ପ୍ରମୁଖ ଶିକ୍ଷା ଗୁରୁଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟ ଗୀତରେ ଚାରି ବର୍ଷିଆ ପାଠ୍ୟକ୍ରମ ପ୍ରବର୍ତ୍ତନ କରାଯାଇଥିଲା।

କଳାବିକାଶ କେନ୍ଦ୍ରର ସେ ସମୟର ବିଶେଷକରି ପ୍ରଥମ ପାଠ୍ୟକ୍ରମ ବ୍ୟାଚର କଥା ସମ୍ପର୍କରେ ଉଲ୍ଲେଖ କରୁଛୁ। ଆଜିର ପ୍ରସିଦ୍ଧ ସଂଗୀତ ସାଧକ ଭାବେ ସ୍ୱୀକୃତ ପାଇଥିବା ରାଖାଲ ଚନ୍ଦ୍ର ମହାନ୍ତି, ଭିକାରୀ ଚରଣ ବଳ, ଅର୍ଜୁନ ଚରଣ ସାମଲ, ରଘୁନାଥ ନନ୍ଦ, ଅକ୍ଷୟ ମହାନ୍ତି, ଡକ୍ଟର ମନୋରଞ୍ଜନ ପୃଷ୍ଟି, ନବୀନ ଚନ୍ଦ୍ର ପଟ୍ଟନାୟକ ଓ ଇନ୍ଦିରା ରାୟ ପ୍ରମୁଖ ହେଉଛନ୍ତି ପ୍ରମୁଖ ପାଠ୍ୟକ୍ରମର ଛାତ୍ରଛାତ୍ରୀ। ସେହିପରି କେନ୍ଦ୍ରର ପ୍ରଚେଷ୍ଟାରେ ମାୟାଧର ରାଉତଙ୍କୁ ଓ ନବଘନ ମିଶ୍ରଙ୍କୁ ତତ୍କାଳୀନ ମାନ୍ଦ୍ରାଜର କଳାକେନ୍ଦ୍ର ଓ ଲକ୍ଷ୍ନୌର ମରିସ କଲେଜକୁ ନୃତ୍ୟ ଓ ବେହେଲାରେ ଉଚ୍ଚଶିକ୍ଷା ପାଇଁ ପଠାଯାଇଥିଲା। ଶ୍ରୀମତୀ କୁମକୁମ ମହାନ୍ତି କଳାବିକାଶ କେନ୍ଦ୍ରର ଛାତ୍ରୀ। କଳାବିକାଶ କେନ୍ଦ୍ରରେ ଓଡ଼ିଶୀ ନୃତ୍ୟ, ଓଡ଼ିଶୀ କଣ୍ଠ ସଂଗୀତ, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ କଣ୍ଠ ସଂଗୀତ, ଭାଓଲିନ, ଗୀତାର, ତବଲା, ସୁଗମ ସଙ୍ଗୀତ ପରି ସାତଟି ବିଭାଗ ରହିଛି। ସେହିପରି ୧୯୮୪ ମସିହାରୁ ଚାରି କଳା ଶିକ୍ଷା ନିମିତ୍ତ ଚମ୍ପକ ଲାଲ ମେହେଟ୍ଟା ଚାରୁ କଳା କେନ୍ଦ୍ର ସ୍ଥାପିତ ହୋଇଛି। ଏସବୁ ପାଠ୍ୟକ୍ରମର ସମୟ ସୀମା ହେଉଛି ଛଅ ବର୍ଷ।

ସ୍ୱାଧୀନତା ପାଇବା ପରେ ଓଡ଼ିଶୀ ନୃତ୍ୟ ସଂଗୀତର ହଜିଯାଇଥିବା ଗୌରବକୁ ପୁଣି ଫେରାଇ ଆଣି ଓଡ଼ିଶାର ସାଂସ୍କୃତିକ ପୁର୍ନଜାଗରଣର ଏକ ଉତ୍କୃଷ୍ଟ ଗବେଷଣା କେନ୍ଦ୍ର ହେଉଛି କଳାବିକାଶ କେନ୍ଦ୍ର। ଏଠାରେ କର୍ମଜୀବୀ ମହିଳାଙ୍କ ରହଣି ପାଇଁ ତୃପ୍ତିଘୋଷ କର୍ମଜୀବୀ ମହିଳା ନିବାସ ରହିଛି। କେନ୍ଦ୍ରର ନୃତ୍ୟରେ ବିଶେଷ ପାରଦର୍ଶିତା ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ଉଚ୍ଚତର ତାଲିମ କାର୍ଯ୍ୟକ୍ରମ ଗ୍ରହଣ କେନ୍ଦ୍ର ରହିଛି ଏହି କେନ୍ଦ୍ର ତରଫରୁ ବିଭିନ୍ନ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଥାଏ। କଳାବିକାଶ କେନ୍ଦ୍ରରେ ଓଡ଼ିଶାର ପଲ୍ଲୀ ଅଞ୍ଚଳରେ ବ୍ୟବହୃତ ଓ ବିଶେଷ ପ୍ରକାର ବାଦ୍ୟ ଯନ୍ତ୍ର, ବେଶ ପୋଷକ ଅଳଙ୍କାର ଓ ଅନ୍ୟାନ୍ୟ ବୈଶିଷ୍ଟ୍ୟପୂର୍ଣ୍ଣ କଳା ସାମଗ୍ରୀର ଏକ ଛୋଟ ସଂଗ୍ରହାଳୟ ରହିଛି। କଳାବିକାଶ କେନ୍ଦ୍ର ଟ୍ରଷ୍ଟ ଅଧୀନରେ ଏକ ପରାମର୍ଶ ଦାତା କମିଟି ଦୈନନ୍ଦିନ ସମସ୍ତ କାର୍ଯ୍ୟ ପରିଚାଳନା କରିଥାଏ। କଳାବିକାଶ କେନ୍ଦ୍ରର ପ୍ରାଣ ପ୍ରତିଷ୍ଠାତା ବାବୁଲାଲ ଯୋଶୀଙ୍କ ସେପ୍ଟେମ୍ବର ୨୫, ୧୯୮୩ ମସିହାରେ ପରଲୋକ ହୋଇଥିଲା। ୧୯୧୮ ମଇ ୩୧ ତାରିଖରେ ଗୁଜୁରାଟର ମହୁଆରେ ଜନ୍ମ ନେଇଥିବା ଏହି କଳାପ୍ରେମୀ ବ୍ୟକ୍ତି ଜଣଙ୍କ ସର୍ବପ୍ରଥମେ ଓଡ଼ିଶାର ମୋହନ ଗୋସ୍ୱାମୀଙ୍କ ରାହାସ ଦଳ ଓ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟରର ନାଟକ ଦେଖି ଆକୃଷ୍ଟ ହୁଅନ୍ତି ଓଡ଼ିଶାରେ ଏକ କଳା ପ୍ରତିଷ୍ଠାନ ଗଠନ କରିବା ପାଇଁ। ତାଙ୍କରି ସତ୍ୟନିଷ୍ଠ ଓ ସଂକଳ୍ପପୂର୍ଣ୍ଣ ସାଧନା ପାଇଁ କଳାବିକାଶ କେନ୍ଦ୍ର ପ୍ରତିଷ୍ଠା ହୋଇପାରିଥିଲା। ତାଙ୍କ ସାଧନା ଏପରି ତୀବ୍ର ଥିଲା ଯେ ଯାହା ଏକ ଲେଖନୀ ଜଣାପଡ଼ିଛି ଏହି କଳାବିକାଶ କେନ୍ଦ୍ର ନିର୍ମାଣ ପାଇଁ ଅର୍ଥ ଓ ସମ୍ବଳର ଅଭାବ ଥିବାରୁ ସେ ଏକ ପ୍ରକାର ବଜ୍ର ଶପଥ ନେଇଥିଲେ ଯେ ଯେଉଁ ପର୍ଯ୍ୟନ୍ତ କେନ୍ଦ୍ରର ଗୃହ ନିର୍ମାଣ ନ ହୋଇଛି ସେ ପର୍ଯ୍ୟନ୍ତ ମୁଁ ଆଦୌ ଯୋତା ମାଡ଼ିବି ନାହିଁ କି ଗଦିରେ ଶୋଇବି ନାହିଁ ଏବଂ ପ୍ରତିଦିନ ଅନ୍ତତଃ ପକ୍ଷେ କେନ୍ଦ୍ରର ନିର୍ମାଣ ପାଇଁ ଶହେଟଙ୍କା ସହଯୋଗ ରାଶି ସଂଗ୍ରହ କରିବି। ଏହିପରି ଭାବରେ ସେ ସମର୍ପିତ ଭାବନା ନେଇ କଳାବିକାଶ କେନ୍ଦ୍ର ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ୧୯୬୧ ମସିହା ବେଳକୁ ରାଜସ୍ୱ ବିଭାଗର ସଚିବ ଥିବା ଏସ.କେ. ଘୋଷ ସହଯୋଗ ପ୍ରଦାନ କରି ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ସଦାଶିବ ତ୍ରିପାଠୀ ସରକାରୀ ଜାଗା ପାଇଁ ଲିଜ ସୂତ୍ର ନିମିତ୍ତ ସହଯୋଗ ରଖିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ତାଙ୍କ ପତ୍ନୀ ତୃପ୍ତୀ ଘୋଷ ଥିଲେ କଳାବିକାଶ କେନ୍ଦ୍ରର ଜଣେ ସଭ୍ୟା। କଳାବିକାଶ କେନ୍ଦ୍ର କେବଳ ଓଡ଼ିଶାର ନୃତ୍ୟ କଳା କେନ୍ଦ୍ରର ଏକ ପ୍ରମୁଖ କ୍ଷେତ୍ର ନହଁ ବରଂ ଏହା ବିଶ୍ୱର କଳା ଓ ଗୌରବ କୃତୀ କ୍ଷେତ୍ରର ଏକ ପ୍ରମୁଖ ଅନୁଷ୍ଠାନ।


ଗୋତରା, ମାହାଙ୍ଗା, କଟକ

ମୋ: ୯୪୩୭୧୪୨୭୧୭


# ପୁଲିସ ପ୍ରଶାସନ କେବେ ସାଧାରଣ ଜନତାଙ୍କ ଆସ୍ଥା ଭାଜନ ହେବେ ?



### ସୁବ୍ରତ କର

ସବୁଠୁ ବଡ଼ ଦୁଃଖର କଥା ଯେ ପ୍ରାୟ ସବୁ ରାଜ୍ୟରେ ମୁଖ୍ୟମନ୍ତ୍ରୀ ହେଉଛନ୍ତି ପୋଲିସ ମନ୍ତ୍ରୀ କାରଣ ଗୃହ ବିଭାଗର ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ପାଖରେ । ମୁଖ୍ୟମନ୍ତ୍ରୀ ହେଉଛନ୍ତି ରାଜ୍ୟର ସବୁ କ୍ଷମତାର ମୂଳ । କୌଣସି ପଦକ୍ଷେପ ନେବାକୁ ଚାହିଁଲେ ମୁଖ୍ୟମନ୍ତ୍ରୀଙ୍କୁ କାହାକୁ ନ ପଚାରିଲେ ମଧ ଚଳିବ । ସମାଜର ଭଲ, ଜନତାଙ୍କ ଭଲ ଏହାକୁ ଦୃଷ୍ଟି ଆଗରେ ରଖି ରାଜ୍ୟ ଶାସନ ଚଳାଇବା ଉଚିତ । ସେଥିରେ ଯେକୌଣସି ଅଫିସର ବଳି ପଡ଼ି ପାରନ୍ତି ସେ ଡି.ଜି ହୁଅନ୍ତୁ ବା ସି.ପି ହୁଅନ୍ତୁ । କିନ୍ତୁ ସତରେ କଣ ଏହା ହେଉଛି କି? ଏବେ ଆସିବା ଅଳ୍ପଦିନ ତଳେ ଘଟିଯାଇଥିବା ଘଟଣଶ ସବୁ ପ୍ରଥମେ ଘଟିଲା ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ଏବଂ କଲିକତା ସହରରେ ଆର.ଜି କର ମେଡିକାଲ କଲେଜରେ । ସେଠାରେ ମେଡିକାଲ ଛାତ୍ରୀଙ୍କୁ ଯୌନ ନିର୍ଯ୍ୟାତନା ମେଡିକାଲ କଲେଜ ନିର୍ଯ୍ୟାତନା ଦିଆହୋଇ ରାତି ଅଧିଆ ମାରି ଦେଇ କହିଥିଲେ ଏହା ଏକ ସୁଇସାଇଡ ଘଟଣା । ଛାତ୍ରୀଙ୍କ ମା, ବାପାଙ୍କୁ ମଧ ଜଣାଇ ଦିଆଯାଇଥିଲା ଡାକ୍ତରଖାନା ତରଫରୁ ଏବଂ ମୃତ ଦେହକୁ ତାଙ୍କର ମାଆ ବାପାଙ୍କୁ ହସ୍ତାନ୍ତର ନ କରି, ପୋଷ୍ଟର୍ମଟମ ରିପୋର୍ଟକୁ ଏପଟ ସେପଟ କରି ଦେହକୁ ଜୋର କରି ପୋଡ଼ି ଦିଆ ହୋଇଥିଲା । ସବୁଠୁ ବଡ଼ କଥା ହେଲା ଏହି ଘଟଣାକୁ ଏକ ସାଧାରଣ ଘଟଣା କହି ଚପେଇ ଦେବା ପାଇଁ ଚେଷ୍ଟା କରା ହୋଇଥିଲା । ଏହି ଘଟଣା ପଛରେ ସେହି କଲେଜର ଅଧ୍ୟାପକଙ୍କ ସହିତ ତାଙ୍କ ସାଙ୍ଗ ସାଥିମାନେ ଅତଃପ୍ରୋତ ଭାବରେ ଜଡ଼ିତ ଥିଲେ । ଆହୁରି ଆଶ୍ଚର୍ଯ୍ୟ କଥା ହେଲା ଏଥିରେ କଲିକତାର କମିଶନର ପୋଲିସ, ଡେପୁଟି କମିଶନର ଏବଂ ଥାନା ଦାୟିତ୍ୱରେ ଥିବା ବଡ଼ ବାବୁ ମଧ ଜଡ଼ିତ ଥିଲେ । ଏଇଥି ପାଇଁକବିଶନର ପୋଲିସ, ଡେପୁଟି କମିଶନରଙ୍କୁ ତାଙ୍କ ଜାଗାରୁ ହଟାଇ ଦିଆହେଲା ଏବଂ ଥାନା ବାବୁଙ୍କୁ ଜେଲ ପଠାଗଲା । ଏହି ଘଟଣାରେ ସଂପୃକ୍ତ ଆହୁରି ବହୁତ ବଡ଼ ବଡ଼ ବାବୁ ମାନଙ୍କ ହାତ ଅଛି । ଏପରିକି ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକଙ୍କ ମେଡିକାଲ କଲେଜର ସମୁଦାୟ ଦାୟିତ୍ୱରେ ଥିବା ନିର୍ଦ୍ଦେଶକ ମଧ ନିଜ ନିଜ ପଦରୁ ହଟିଲେ। ଘଟଣା ଏବେ ସୁପ୍ରିମକୋଟରେ ଏବଂ ଅନୁସନ୍ଧାନ ଏବେ ସି.ବି.ଆଇ ଦ୍ୱାରା । ଅପେକ୍ଷା କରିବା ଆଉ କଣ କଣ ଘଟଣାକୁ ଯାଉଛି ।

ଏପରି ଏକ ଘଟଣା ଆମ ରାଜ୍ୟରେ ମଧ ଚାରି ପାଞ୍ଚ ଦିନ ତଳେ ଘଟିଯାଇଛି। ଏଠି ମଧ ଏ ପର୍ଯ୍ୟନ୍ତ ଥାନାବାବୁ ଏବଂ ତାଙ୍କ ସୈନ୍ୟ ସାମନ୍ତ, ଏପରିକି ଡି.ସି ମଧ କିଛି ପରିମାଣରେ ଜଡ଼ିତ । ରାତି ଅଧରେ ଜଣେ ମହିଳା ତାଙ୍କ ସାଥୀ ସହିତ ଏକ ଆଦର୍ଶ ପୋଲିସ ଷ୍ଟେସନରେ ଏଫ.ଆଇ.ଆର ଦେବାକୁ ଯାଇ ବେଶ୍ ହଟହଟା ହୋଇଛନ୍ତି ଏବଂ ମହିଳା ଜଣକ ଯୌନ ଉତ୍ପୀଡ଼ନର ସ୍ୱୀକାର ହୋଇ ଶେଷରେ ଏମ୍ସରେ ଭର୍ତ୍ତି ହୋଇଛନ୍ତି । ଏଇଠି ମଧ୍ୟ ରାଜ୍ୟ ହାଇକୋର୍ଟର ନିର୍ଦ୍ଦେଶ ଏବଂ ଜାଣତରେ ସବୁ ପ୍ରକାର ଅନୁସନ୍ଧାନ ରାଜ୍ୟ କ୍ରାଇମବ୍ରାଞ୍ଚ କରୁଛନ୍ତି। ଏପରିକି ଆର୍ମି ଚିଫ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଏ ବିଷୟରେ ଜଣାଇଛନ୍ତି । ଏବେ ସମସ୍ତଙ୍କ ମନରେ ଗୋଟାଏ ପ୍ରଶ୍ନ ଏତେ ସବୁ ସ୍ତରର ଲୋକମାନଙ୍କ ସାଙ୍ଗରେ ପୋଲିସ ଏମିତି କରୁପାରୁଛି ତ ସାଧାରଣ ଜନତାଙ୍କ ସ୍ଥିତି ବେଶି ? ସରକାରଙ୍କ ବାହାଦୂର ପୋଲିସ ବାବୁମାନଙ୍କ ଗୋଟାଏ କଥା ଶିଖାନ୍ତୁ ପୋଲିସ ଷ୍ଟେସନକୁ ଯେଉଁମାନେ ଯାଉଛନ୍ତି ସମସ୍ତେ ଚୋର ଡକାୟତ ନୁହଁନ୍ତି ଏବଂ ନିଜ ନିଜ ଚିନ୍ତାଧାରାରେ ପରିବର୍ତ୍ତନ ଆଣନ୍ତୁ ।




## ତୁମେ କିଏ... ?

### ଭାବଗ୍ରାହୀ ମେହେର

ତୁମେ କିଏ ?
ସମୟ ସ୍ରୋତରେ ଆସିଥିବା
ମଣିଷ ଟିଏ...
ନା,ଭଗବାନଙ୍କ ଦେଇଥିବା
ସୁନ୍ଦର ଆଶୀର୍ବାଦ ଟିଏ ?

ତୁମେ କିଏ ?
କିଛି ସମୟ ମନ ଖୁସି କରୁଥିବା
ମଣିଷ ଟିଏ...
ନା,ଜୀବନକୁ ସୁନ୍ଦର କରି ଗଢିବାରେ
ସାହାଯ୍ୟ ହେବା ମଣିଷ ଟିଏ ?

ତୁମେ କିଏ ?
ଜୀବନର ମଞ୍ଚରେ ଆସିଥିବା ଅଳ୍ପ
ଦିନର
ନାୟିକା ଟିଏ...
ନା,ସୁଖ ସମୟରେ ଆସିଥିବା
ଭଗବାନଙ୍କ
ଉପହାର ଟିଏ ?

ତୁମେ କିଏ ?
ବିଚଳିତ ମନକୁ ସ୍ଥିରତା ଆଣିବାରେ
ସାହାଯ୍ୟ ହେଉଥିବା ଅସ୍ଥାୟୀ ମଣିଷ
ଟିଏ...
ନା,ଜୀବନରେ ଧର୍ଯ୍ୟ,ଶାନ୍ତି,କ୍ଷମା
ଭଳି ସୁଗୁଣ
ଭରି ଦେବା ସ୍ଥାୟୀ ମଣିଷ ଟିଏ ?

ତୁମେ କିଏ ?
କିଛି କ୍ଷଣ ପାଇଁ ହସ ଭରି ଦେଉଥିବା
ମଣିଷ ଟିଏ...
ନା, ଜୀବନର ହସି ଖୁସିର ପାହାଡ଼
ସାଜିଥିବା ମଣିଷ ଟିଏ ?

ତୁମେ କିଏ ?
ରାତ୍ରିର ଘନ ଅନ୍ଧକାର ରେ ଆସିଥିବା
କେବଳ ସୁସ୍ୱପ୍ନ ଟିଏ...
ନା, ଜୀବନର ସୁସ୍ୱପ୍ନର
ସମାହାର ସାଜି
ଆସିଥିବା ମଣିଷ ଟିଏ ?


କଁସିଲ, ବଙ୍ଗୋମୁଣ୍ଡା,ବଲାଙ୍ଗୀର
ସହକାରୀ ଶିକ୍ଷକ,ସରକାରୀ ବାଳିକା
ଉଚ୍ଚ ବିଦ୍ୟାଳୟ,କୋମନା


## ଅକାଳ ଜୀବନ ଦେଖିଲା ମନ

### ସୁଜିତ କୁମାର ଜେନା

ଏଇତ କଳି କାଳ ଯୁଗ,
ମନରେ ଆସେ ବିଳାଶ ଭୋଗ ।
ଭୋଗୀ ଭୋଗୀ ସେ ହେଲା ରୋଗୀ,
କାଳ ଅକାଳ ପରିତ୍ୟାଗୀ ।
ପରିବେଶରେ ନାହିଁ ନିତି,
ଅକାଳେ ଚାଲଇ ପ୍ରକୃତି ।
ପୋଥି ପୁରାଣେ ଥିଲା ଲେଖା,
ଘଟି ଚାଲିଛି ସବୁ ଅଦେଖା ।
ଅକାଳେ ନଦୀ ହେଲା ବଢ଼ି,
ଅକାଳେ ଆସିଲା କୁହୁଡ଼ି ।
ଅକାଳେ ଭୋଜନ କରିଲା,
ଅକାଳେ ସ୍ନାହାନ ହୋଇଲା ।
ଅକାଳେ କଲେ ଯେ ଶୟନ,
ଅକାଳେ ବରଷେ ଘନଘନ ।
ଅକାଳେ ରତି ଯେଣୁ ହେଲା,
ଗର୍ଭରେ ସନ୍ତାନ ମରିଲା ।
ରାତ୍ରିରେ କରିଲେ ଭୋଜନ,
କର୍କଟ ରୋଗ ନିମନ୍ତ୍ରଣ ।
ଆମିଷ ଭକ୍ଷଣ ସାର ହେଲା,
ବିରୁଦ୍ଧେ ଆହାରେ ମନ ହେଲା,
ନାଶ ହୋଇଲା ପରିବାର,
ତଥାପି ବଦଳିଲାନି ବିଚାର ।
ମିତାକୁ ପୁତ୍ର ଯେ ମାରିଲା,
ମାତା ତ କୁମାତା ହୋଇଲା
ଭାଇ ଭାଇରେ ପ୍ରିତି ନାହିଁ,
ପ୍ରକୃତ ବନ୍ଧୁ ମିଳୁ ନାହିଁ ।
ଅସହ୍ୟ ପୋଷାକ ପିନ୍ଧିଲେ,
ଅଶ୍ଳୀଳ ତାକୁ ପଚାରିଲେ ।
କଥା କଥାରେ ଛୁରୀ ମାଡ଼,
ମଣିଷ ମାରିବା ହେଲା ବଡ଼ ।
ରାଜନୀତିରେ ହେବ ବିଚାର,
ନିର୍ଦ୍ଦୋଷୀ ସବୁ ହେଲେ ଯେଚୋର ।
ଧର୍ମ ନାଶରେ ଅଧର୍ମ କଥା,
ଭିନ୍ନ ଗୋଷ୍ଠୀର ଭିନ୍ନ କଥା ।
ଧର୍ମ ସଂସ୍ଥାରେ ଝଡ଼ ହେଲା;
ଗୁରୁଙ୍କ କଥା ନରହିଲା ।
ନିଜେ ନାରୀଏଁ ନାରୀ ଦ୍ରୋହୀ,
ଅବୈଧ ସମ୍ପର୍କ ଅଗ୍ରଗାମୀ ।
ପୁରୁଷ ନିତି ଶୂନ୍ୟ ହେଲା,
ସମାଲୋଚନା ସାର ହେଲା ।
ରାଜନୀତିରେ ନାହିଁ ଯେ ନିତି
ମାରି ଖାଇବା ପ୍ରମୁଖ ନିତି ।
ଲୁଟିଲେ ସର୍ବେ ଅଗୋଚରେ,
ନିଜକୁ ଥୋକା ଦେଲେ ବାରେ ।
ଋଣ ସରରେ ବୁଡ଼ି ରହି,
ଅଶାନ୍ତି ବଢ଼େ ଧାଇଁ ଧାଇଁ ।
ଔଷଧ ଭେଜାଲ ହୋଇଲା,
ଔଷଧ ଖାଇ ରୋଗ ବଢ଼ିଲା ।
++++

ଏସବୁ ଦେଖି ଦେଖି ଭାଇ,
ମନରେ ଶାନ୍ତି ଜମା ନାହିଁ ।
ପଞ୍ଚାକ୍ଷରକୁ ଜପି ଜପି
ଦିନଟା ଯାଏ ଛପି ଛପି ।
ମାନବ ଧର୍ମ ସର୍ବୋପରି,
ଧର୍ମ ସଂକଟୁ ତାରିବେ ହରି ।
ଉଠ ହେ ଭାଇ ! ଡେରି ନ କର,
ନିଜକୁ ନିଜେ ବିଚାର କର,
ନିଜକୁ ଯଦି ସଜାଡ଼ି ଦେବା,
ରୋଗ ଦାଉରୁ ମୁକ୍ତି ପାଇବା
ଯୋଗ ସାଧନେ ବ୍ରତି ହେବା,
ଅଜ୍ଞାନ ଜ୍ଞାନକୁ ସୁଧାରି ଦେବା,
ସଅଳ ଉଠି ପାଇଟି ସାରି,
ଧ୍ୟାନରେ ଦେବା ମନକୁ ଭରି ।
ମନ ଶାନ୍ତିରେ ସୁସ୍ଥ ଶରୀର,
ବିଚାର ବୁଦ୍ଧି ସବୁ ସୁଧାର ।
ସାତ୍ତ୍ୱିକ ଭୋଜନ କରିବା,
ପରୋନକାରେ ମନ ରଖିବା ।
ପ୍ରଭୁ ଶରଣେ ରଖିବା ମନ,
ସୁଧାର ହେବ କର୍ମ ଚିତ୍ତ ଓ ମନ ।
କହିବା ସଦା ମିଠା ମିଠା କଥା,
କାହାରି ମନେ ନ ଦେବା ବ୍ୟାଧା ।
ପିତାମାତାଙ୍କୁ ଦେଖି ପିଲାଏଁ
ସଂସ୍କାରୀ ହେବେ ଆପଣା ଛାଏଁ ।
ଯେବେ ଆସିବ ବିନାଶ କାଳ,
ସଭିଏଁ ଯିବେ ପ୍ରଭୁଙ୍କ କୋଳ,
ସୁଖ ସଂସାର ମିଳିବ ତାକୁ,
ପ୍ରଭୁ ନାମକୁ ଧରେ ଶେଷକୁ ।
ଅକାଳ କଥା ମୋହ ବିଚାର,
ସେକାଳ ଏକାଳ କେତେ ଅନ୍ତର ।
ସେକାଳ କଥାକୁ ଛାଡ଼ିବା ନାହିଁ,
ଏକାଳ ଠାରୁ ବି ଦୂରେଇ ନାହିଁ ।
ସବୁ କାଳରେ ସେ ବଡ଼ ଠାକୁର
ଉଦ୍ଧାର କରନ୍ତି ଭକ୍ତି ଆପଣାର
ଆସ ଆମେ ସବୁ ସମର୍ପି ହେବା,
ପାଗଳା ପଣକୁ ସୁଧାରି ଦେବା ।


+ସୁନହଟ, ବାଲେଶ୍ୱର
ମୋ: ୯୮୬୧୦୪୨୫୫୩

# ମଙ୍ଗଳ ସୂତ୍ର

## ନୂତନ କୁମାର ବେହେରା



ଭାବି ଚାଲିଛି ଶୁଭ୍ରଜିତ୍, ତା' ଭାବନାର ଅନ୍ତ ନାହିଁ। ଆଜି ସେ ଏକା ଏକା ବଞ୍ଚିବାରେ ଅଭ୍ୟସ୍ତ ହୋଇ ଯାଇଛି। ପାଞ୍ଚ ବର୍ଷ ଆଗରୁ ଛାଡି ଆସିଥିବା ସେ ଅତୀତଟା ଏମିତି ଭାବେ ତାକୁ ଜାବୁଡି ଧରିବ, ତାହା ସେ କେବେ କଳ୍ପନା କରି ନ ଥିଲା ...କି ସ୍ୱପ୍ନ ମଧ ଦେଖି ନ ଥିଲା। କାରଣ ତନ୍ମୟୀ ତାକୁ ଛାଡପତ୍ର ଦେଇ ଚାଲି ଗଲା ପରେ ସେ ବଞ୍ଚିଛି କି ମରିଛି, ନିଜେ ସୁଦ୍ଧା ଜାଣେ ନା। ଖାଉଛି ପିଉଛି ଜୀଅନ୍ତା ଶବଟିଏ ହୋଇ ବଞ୍ଚିଛି। ମରୁଭୂମିର ବାଲି ସ୍ତୁପ ଉପରେ ନାଚୁଥିବା ମିଛ ମରୀଚିକା କଣ ତା ଜୀବନରେ ରଙ୍ଗ ଭରି ଦେଇପାରିବ?

ଏମିତି କେତେ କଣ ଭାବି ଚାଲିଛି ଶୁଭ୍ରଜିତ୍। ଦିନେ ଯୋଉ ତନ୍ମୟୀ ତା ପାଇଁ ସାରା ଦୁନିଆଁ ସାଥେ ଲଢେଇ କରି ଗୋଟା ପଣେ ନିଜର କରି ନେଇଥିଲା ତାକୁ, ଏମିତି ଭାବରେ ତାକୁ ଭତ୍ସନା କରି ମିଛ ସନ୍ଦେହରେ ଛାଡପତ୍ର ଦେଇ ଚାଲିଗଲା କେମିତି? ଯେଉଁ ଶୁଭ୍ରଜିତ୍ ପାଇଁ ବାପା ମାଆ ଭାଇଙ୍କ ପାଖରେ ସାତ ଦିନ ନିର୍ଜଳ ଉପବାସ କରି ତାଙ୍କୁ ରାଜି କରିଥିଲା ଆଉ ଶେଷରେ ବାଧ ହୋଇ ସେମାନେ ଉଭୟଙ୍କ ବାହାଘର ଅତି ଧୁମ୍ ଧାମ୍ କରିଦେଇଥିଲେ। ସେମାନେ ଯେତେ ବୁଝାଇଲେ ବି ସେ କିଛି ନ ବୁଝି ନିଜ ତରଫରୁ ଛାଡପତ୍ର ଦେଇଛି। ବିଚରା ଶୁଭ୍ରଜିତ୍ ମରିବାର ଉପକ୍ରମ କରି ମଧ ମରି ପାରିନି, ନିଜ ପରିବାର ବାପା ମାଆ ପାଇଁ କେବଳ ବଞ୍ଚିଛି, ତାର ଭଲ ପାଇ ବିବାହ କରିବା ଯଦି ଭୁଲ୍ ହେଲା, ସେଥିରେ ଅନ୍ୟ କାହାକୁ ଦାୟୀ କରିବ କାହିଁକି? ତାର ଅନ୍ତରାତ୍ମା ତାକୁ ବାରମ୍ବାର ଚେତାଇ ଦେଉଥାଏ, ଆରେ, ତନ୍ମୟୀ ତୋର ପ୍ରେମିକା, ତା ପରେ ତୋର ସ୍ତ୍ରୀ, ସେ ଏମିତି ଏକ ଭୁଲ୍ ନିଷ୍ପତ୍ତି ନେଇ ଚାଲିଗଲା ବୋଲି ତୁ ଦୁନିଆଁ ଛାଡି ଚାଲିଯିବୁ, ମଦ ପିଇ ମାତାଲ ହେବୁ, ବାପାମାଆ ଯେଉଁମାନେ ତୋତେ ଏଡୁଟିଏରୁ ଏଡେଟିଏ କରିଛନ୍ତି, ସଂସାର ଆଲୁଅ ଦେଖାଇ ମଣିଷ ପରି ମଣିଷ କରିଛନ୍ତି, ଏତେ ବଡ ପଦରେ ଅଧିଷ୍ଠିତ କରିଛନ୍ତି, ସେମାନଙ୍କ ଅପରାଧ କଣ ? ତାଙ୍କୁ ଉପେକ୍ଷା କରିବା କଣ ଠିକ୍ ? ତା ଛଡା ନିଜ ଶ୍ରମ ସାଧାନ ବଳରେ ଯେଉଁ ଉଚ୍ଚ ପଦର ଅଧିକାରୀ ହୋଇଛୁ, ତାର କଣ କିଛି ମୂଲ୍ୟ ନାହିଁ ? ତୋର ଦାୟିତ୍ୱ କର୍ତ୍ତବ୍ୟ ମନେ ପକା....., ଅନ୍ତରାତ୍ମାର ନିର୍ଦ୍ଦେଶ ଶୁଣି ଶୁଭ୍ରଜିତ୍ ସବୁ ସମ୍ଭାଳି ନେଇଛି ସତ କିନ୍ତୁ ଛାଡପତ୍ର ଦେଲା ପରେ ବି ,ଏ ପାଞ୍ଚ ବର୍ଷ ଜଳ ବିନା ମାଛ ପରି ଛଟପଟ ହେଉଛି ଖାଲି ନିଜ ଭିତରେ। ବଞ୍ଚିବାର ମୋହ ତାର ଆଉ ନାହିଁ, ବଞ୍ଚିଛି କେବଳ ଅନ୍ୟମାନଙ୍କୁ ମହକାଇବା ପାଇଁ। ଭିତରେ ଭିତରେ ଭାଙ୍ଗି ଯାଇଥିଲେ ବି ଉପରକୁ ଦୃଢ ହୋଇ ରହିଛି। ଏକ ସହିଷ୍ଣୁତାର ମହତ ପରିଚୟ ଦେଇ । ଏଇ ବିଶେଷ ଗୁଣ ପାଇଁ ବୋଧହୁଏ ଆଜି ସେ ଓ.ଏ.ଏସ୍. ଭଳି ଉଚ୍ଚ ପଦର ଅଧିକାରୀ।

ହଠାତ୍ ଡାକ୍ତରବାବୁଙ୍କ ଉପସ୍ଥିତ ଶୁଭ୍ରଜିତ୍‌ଙ୍କୁ ଭାବନାର ନିଦ୍ରାରୁ ଜାଗ୍ରତ କରିଦେଲା। ଇତସ୍ତତଃ ହୋଇ ପଡିଲେ ସେ। ସାନ୍ତ୍ୱନା ଦେଇ ଡକ୍ଟର୍ କହିଲେ, ବ୍ୟସ୍ତ ହେବାର କିଛି ନାହିଁ ସାର, ମ୍ୟାଡାମ୍ ବେଶ୍ ଠିକ୍ ଅଛନ୍ତି, ଆଉ କେଇ ଘଣ୍ଟା ଭିତରେ ସେନସ୍ ଫେରି ଆସିବ। ଆପଣ ଚାହିଁଲେ ଆଜି ହିଁ ମ୍ୟାଡାମ୍‌ଙ୍କୁ ସାଥିରେ ନେଇ ଯାଇପାରିବେ। ଏତିକ କହି ଡକ୍ଟର ଚାଲି ଗଲେ ।

ଏ କଣ ତନ୍ମୟୀ ପୁଣି ମୋ ସାଥିରେ, ନା ଅସମ୍ଭବ। ସେ ଦିନର ସେ ପବିତ୍ର ବନ୍ଧନ କି ମଧୁର ସମ୍ପର୍କ ଆଜି ଆଉ କିଛି ବି ନାହିଁ।

ଦୀର୍ଘ ପାଞ୍ଚ ବର୍ଷର ବ୍ୟବଧାନ ଭିତରେ ସେ ତନ୍ମୟୀଙ୍କୁ ବହୁତ ଖୋଜିଛି, ମାତ୍ରା ଏତେ ବଡ ଦୁନିଆଁରେ ଯା' ଠିକଣା ଥରେ ହଜିଯାଏ ତାକୁ ମନେ ମନେ ଭାବିହୁଏ ସତ ହେଲେ ଖୋଜିଲେ ମିଳେନା। ନୂଆ କରି ଏ ସହରକୁ ବଦଳି ହୋଇ ଆସିଲା ପରେ ଏଠି ତାଙ୍କର ଆଜିକୁ ପାଞ୍ଚ ଦିନ। ଅଫିସ୍ ଟୁର୍‌ରୁ ଫେରୁ ଫେରୁ ଦୁର୍ଘଟଣା ସ୍ଥାନରେ ଅଟକି ଯାଇଥିଲା ଶୁଭ୍ରଜିତ୍ ଆଉ ସେଇଠି ହିଁ ସେ ଆବିଷ୍କାର କରିଥିଲେ ତନ୍ମୟୀଙ୍କୁ, ମୁମୂର୍ଷୁ ଅବସ୍ଥାରେ ଚେତାଶୂନ୍ୟ ହୋଇ ପଡିଥିଲେ। ହଠାତ୍ ତନ୍ମୟୀଙ୍କୁ ଏ ଅବସ୍ଥାରେ ଦେଖି ସଙ୍ଗେ ସଙ୍ଗେ ନେଇ ଆସିଥିଲେ ଏଠିକାର ନାମୀ ନର୍ସିଂ ହୋମ୍‌କୁ।

ଶୁଭ୍ରଜିତ୍, ତନ୍ମୟୀଙ୍କର ତତ୍ତ୍ୱାବଧାନ କରିଛନ୍ତି ନିଜର ପତ୍ନୀ ଭାବରେ ନୁହେଁ , ଜଣେ ସଚେତନ ନାଗରିକ ଭାବେ ସେ କେବଳ ତାଙ୍କ କର୍ତ୍ତବ୍ୟ ତୁଲାଇଛନ୍ତି ।

ଏବେ ତନ୍ମୟୀଙ୍କ ସେନସ୍ ଫେରି ଆସିବ। ଆଖି ଖୋଲି ଶୁଭ୍ରଜିତ୍‌ଙ୍କୁ ଦେଖିଲେ କଣ ଭାବିବେ। କି ଉତ୍ତର ଦେବ ସେ। ବିଚଳିତ ହୋଇ ଉଠିଲା ଶୁଭ୍ରଜିତ୍। ବହୁ ପୂର୍ବରୁ ସେ ତ ତାଙ୍କ ଠିକଣା ଅନୁସନ୍ଧାନ କରି ଏ ଖବର ଜଣାଇ ଦେଇଛି। ଅଳ୍ପ ସମୟ ଭିତରେ ସେମାନେ ଆସି ଯିବେ। ତନ୍ମୟୀଙ୍କ ସ୍ୱାମୀ ମଧ ଆସିବି ପାରନ୍ତି। ଏବେ ବି ତନ୍ମୟୀ ସଜ ଫୁଟା ଗୋଲାପ ପରି ଝଟକୁଛନ୍ତି। ନା, ତାଙ୍କ ବିଷୟରେ ଆଉ କିଛି ଅଧିକ ଭାବିବା ତାର ଉଚିତ ନୁହେଁ। ଏବେ ସେ ଆଉ କାହାର.. ଗୋଟାଏ ଦୀର୍ଘଶ୍ୱାସ ପରେ ଆଗକୁ ପାଦ ବଢାଇ ଦ୍ୱାରା ଖୋଲୁ ଖୋଲୁ ଶୁଣାଗଲା, ଶୁଭ୍ର, ତୁମେ...

ପଛକୁ ଫେରି ଚାହିଁ ଦେଖିଲେ ତନ୍ମୟୀଙ୍କ ଚେତା ଫେରି ଆସିଛି ଆଉ ସେ ତାଙ୍କୁ ଆଖି ଠାରି ପାଖକୁ ଡାକୁଛନ୍ତି।

ଶୁଭ୍ରଜିତ୍ ଯନ୍ତ୍ରବତ୍ କିଂ କର୍ତ୍ତବ୍ୟ ବିମୁଢ ହୋଇ ଅଜାଣତରେ ତନ୍ମୟୀଙ୍କ ପାଖରେ ବସି ପଡିଲେ । ଆଖି ଆଖିର ଚାହାଁଣିରେ ଅନେକ ଅତୃପ୍ତ ଭାବନାର ଉତ୍ତଳ ତରଙ୍ଗ, ଓଠ ଥର ଥର। ପଦୁଟିଏ କଥା କାହା ପାଟିରୁ ସ୍ଫୁରୁ ନ ଥାଏ। ଦୁହେଁ ଏକ ଲୟରେ ଦୁହିଁଙ୍କୁ ଚାହିଁଥାନ୍ତି। ଯୁଗ ଯୁଗର ନିଦ୍ରା ଭାଙ୍ଗି ଏ ଚାରି ଆଖି ବୋଧହୁଏ ଜାଗି ଉଠିଛି। ନୀରବତା ଭିତରେ ଉଭୟ ଉଭୟଙ୍କୁ ନିଜ ଭିତରେ ଖୋଜି ପାଇଲେ। ବରଫ ପରି ଧିରେ ଧିରେ ତରଳି ଯାଉଥାଏ ତାଙ୍କର ମାନ ଅଭିମାନ, ଛାଡପତ୍ର ହୋଇଥିବା କଥା। ଉଭୟଙ୍କ ଆଖିରୁ ଝରି ପଡୁଥାଏ ଅମାନିଆଁ ଲୁହ ଧାର ଧାର... ।

ଅନେକ ସମୟ ପରେ ପ୍ରକୃତିସ୍ଥ ହୋଇ ଶୁଭ୍ରଜିତ୍ ତନ୍ମୟୀଙ୍କ ଆଡକୁ ଚାହିଁ ଦେଖିଲେ, ତାଙ୍କ ସୀମନ୍ତର ସିନ୍ଦୂର ଦାଉ ଦାଉ ଜଳୁଛି, ଗଳାରେ ଚହଟି ଉଠୁଛି ମଙ୍ଗଳସୂତ୍ର... ।

ତନ୍ମୟୀ ବୁଝିଗଲେ ଶୁଭ୍ରଙ୍କର ମନ ଗହନର କଥା। ଓଠ ଥରାଇ ଭ୍ରୁକୁଞ୍ଚନ କରି ଖନି ଖନି ଖଣ୍ଡ ବାକ୍ୟରେ କହି ଚାଲିଲେ, ଶୁଭ୍ର ଏ ତ ତୁମ ହାତର ଦିଆ ସିନ୍ଦୂର ,ଆଜି ଯାଏଁ ମୁଁ... ଆଉ ଏ ମଙ୍ଗଳସୂତ୍ର ବି ତୁମ ଉପହାର... ତୁମକୁ ସନ୍ଦେହ କରି ଦୂରେଇ ଯାଇଥିଲି, ଆଜି ତୁମେ ନ ଥିଲେ ଏ ଦୁନିଆଁରୁ... ।

ନା, ଚିହିଁକି ଉଠି ତନ୍ମୟୀଙ୍କ ମୁହିଁରେ ପାପୁଲି ରଖି ଶୁଭ୍ରଜିତ୍ କହିଲେ, ସେ ଅଶୁଭ କଥା ଆଉ କୁହନା। ତନ୍ମୟୀ କହି ଉଠିଲେ, ସତରେ ମୁଁ ତୁମ ଭଲ ପାଇବା ପାଇବାର ଯୋଗ୍ୟା ନୁହେଁ। ଛାଡପତ୍ର ଦେଲା ପରେ ବି ମୋ ପ୍ରତି ତୁମର ସେହି ଅନୁରାଗ, ଟିକେ ବି କମି ନାହିଁ। ମୁଁ ସିଷ୍ଟରଙ୍କଠାରୁ ଶୁଣିଛି। ମୋତେ ତୁମେ ମରଣ ମୁହଁରୁ ଫେରାଇ ଆଣିଛ।

ସେ କଥା ଆଉ କୁହ ନା, ତୁମେ ତୁମ ଭୁଲ୍ ସୁଧାରି ନେଇଛ। ତାହା ହିଁ ଆମ ପାଇଁ ଯଥେଷ୍ଟ। ସେ ସମୟ ହୁଏତ ଆମ ପାଇଁ ଠିକ୍ ନ ଥିଲା। ତୁମ ସିନ୍ଦୂର ଆଉ ମଙ୍ଗଳସୂତ୍ର ଆଜି ଛାଡପତ୍ରକୁ ଛିଡାଇ ଦେଇ ପୁଣି ଥରେ ଆମ ହୃଦୟକୁ ଯୋଡି ଦେଇଛି। ଏ ମଙ୍ଗଳସୂତ୍ର ଆମ ସମ୍ପର୍କକୁ ଏମିତି ବାନ୍ଧି ରଖିଥିବ ଜୀବନର ଶେଷ ଯାଏଁ...

କେବିନ୍ ଭିତରକୁ ତନ୍ମୟୀଙ୍କ ବାପା ମାଆ ଭାଇ ଭାଉଜ ପଶି ଆସିଲେ। ଦୁହିଁଙ୍କ ପୁନର୍ମିଳନ ଦେଖି ଖୁସିରେ ଆତ୍ମହରା ହୋଇ ଉଠିଲେ । ସମସ୍ତଙ୍କ ମୁହିଁରେ ଫୁଟି ଉଠିଲା ହୃଦୟଭରା ହସ। ସତେ କି ଅମାବାସ୍ୟାର ଘନ ଅନ୍ଧାରରେ ଉଇଁ ଆସିଲା ପୁନେଇଁ

ଚାନ୍ଦ ....ତାର ଚାନ୍ଦିନୀରେ ଝଲସୁଥିଲା ତନ୍ମୟୀ ଗଳାରେ ପିନ୍ଧିଥିବା ମଙ୍ଗଳ ସୂତ୍ର...।

+କୋହି,ବାରିପଦା,ମୟୂରଭଞ୍ଜ,
ମୋ: ୮୦୧୮୩୫୩୩୨୨

# ଶେଷ ଚିଠି ପ୍ରେମିକାର

## ରବୀନ୍ଦ୍ର କୁମାର ପାତ୍ର



ମୋର ନମସ୍କାର ନେବ, ମୋତେ ବି ଏକ ଅଭିଶପ୍ତ ଜୀବନରୁ ମୁକ୍ତି ପାଇଁ ଆଶ୍ରିବାଦ କରିବ। ତୁମର ଅଭାଗିନୀ ବର୍ଷା। ଆଶା ତୁମେ ଭଲରେ ଥିବ, ମୁଁ ବି ଏଠି ଭଲରେ ଅଛି। ତୁମେ ମୋତେ ଛାଡି ଯିବାର ଆଜକୁ ପ୍ରାୟ ଦଶ ବର୍ଷ ହେବ। ନା ଖବର ଅଛି ନା ଫୋନ ଅଛି ନା ଚିଠି ଅଛି। ମୁଁ କେମିତି ଅଛି ବଞ୍ଚିଛି କି ମରିଛି ତୁମ ପାଖରେ ହୁଏତ ଖବର ନ ଥିବ। ତୁମେ ଯଦି ମୋତେ ହୃଦୟର କେଉଁ କୋଣର ମୋତେ ମନେ ରଖିଥିବେ ମୋଏ ଶେଷ ଚିଠିଟିକୁ ପଢିବେ। ଆଉ କେବେ ଦେଖା ହେବ ନାହିଁ କି ମୋ ଖବର ବି ଚାହିଁଲେବି ଆଉ ପାଇଁବ ନାହିଁ।

ଗାଁ ଠାରୁ ଆରମ୍ଭ କରି ସହର ଯାଏ ଆଜି ବି ତୁମ ନାଁ ଆଉ ମୋ ନାଁରେ ଚର୍ଚ୍ଚା ସରି ନାହିଁ। ତୁମ ସିନା ଗାଁ ଛାଡି ପରିବାର ଧରି ନିଜ ରାସ୍ତା ବାଛି ନେଲ। ମୁଁ କିନ୍ତୁ ସେଇ ଅଳିଆ ଗଦାର ପଛା ଅଳିଆ ହୋଇ ପଡିରହିଛି। ନିନ୍ଦା ଅପନିନ୍ଦା ଆଉ ଲୋକ ହସାକୁ ସହି ଜୀବନ ଜିଉଛି। ଆଉ କେତେ ଦିନ ଏମିତି ସହିବି, ମୁଁ ତ ରକ୍ତ ମାଂସର ମଣିଷ, ମୋର ବି ସହିବାର ଏକ ସିମା ଅଛି ଆଉ କେତେ ଦିନ ଏମିତି ସହିବି କୁହ ତ। ଯେଉଁ ଅପେକ୍ଷା ଅନ୍ତ ପରେ କିଛି ପାଇଁବାର ସମ୍ଭାବନା ନାହିଁ କାହିଁ କି ସେ ଅପେକ୍ଷା କରିବି। ସ୍କୁଲ ଜୀବନରୁ ଆଜି ଯାଏ ତୁମକୁ ଭଲ ପାଇଁ କଣ ପାଇଲି? ଖାଲି ପ୍ରତିଶୃତି, ପ୍ରତାରଣା, ଆଉ ବଞ୍ଚିବାର ଏକ ନିଷ୍ଠିର ଜୀବନ। ସବୁକୁ ସହି ତୁମକୁ ପାଇବାକୁ ଚାହିଁ ଥିଲି। ହେଲେ ହେଲା କଣ। ତୁମେ ବି ମୋ ପାଖରୁ ସବୁ ନେଇ ଦେଲ କଣ? ଅପେକ୍ଷା ଅପେକ୍ଷା ଶେଷରେ ଏତେ ଦିନ ଯାଏ ଅପେକ୍ଷା କରି ମୋର ଧର୍ଯ୍ୟ ହରାଇ ବସିଛି। ଏକ ନିଷ୍ଠୁର ନିଷ୍ପତି ନେଇଛି। ହୁଏତ ତୁମ ପାଇଁ କିଛି ଫରକ ନ ପଡିପାରେ। ତଥାପି ମୁଁ ତୁମକୁ ନିଜର ଭାବି ଏ ନିଷ୍ପତି ବିଷୟରେ ଏ ଚିଠି ମାଧମରେ ଜାଣଉଛି।

ଗାଁ ମନ୍ଦିରରେ ମାଙ୍କୁ ସାକ୍ଷୀ ରଖି ମୋତେ ସିନ୍ଦୁର ଦେଇଥିଲ। ସାତ ଜନ୍ମ ପାଇଁ ଜୀବନ ସାଥିଟିଏ କରି ମୋତେ ଅନେକ ସ୍ୱପ୍ନ ବି ଦେଇ ଥିଲ। କିନ୍ତୁ ସେ ବିହାଘର ମିଛି ମିଛି ହୋଇ ରହିଗଲା। ତୁମେ ବିଦେଶରେ ଅନ୍ୟ ଏକ ବିଦେଶିନୀକୁ ବିବାହ କରି ସେଠି ସଂସାର ବସେଇଲ। ମୋ ସିନ୍ଦୁର ଶଙ୍ଖା ତୁମ ପାଇଁ ଏକ ଖେଳଣ। ହୋଇଗଲା। ମୁଁ କିନ୍ତୁ ତୁମକୁ ପ୍ରତିବାଦ କରିନି।

କାହିଁକି ଜାଣିଛ ମୁଁ ଚାହେଁ ତୁମର ଖୁସି। ତୁମ ଭଲରେ ରୁହ। ମୋ ଠାରୁ ଯଦି ତୁମକୁ କିଏ ଅଧିକ ଭଲ ପାଇବା ଦେଇ ପାରିବ ତୁମଠାରୁ ମୁଁ ଅଧିକ ଖୁସି ହେବି ଏ କଥା ଭାବି ତୁମ ବିବାହ ଘରେ ମୁଁ ମନ ଦୁଃଖ କରି ନ ଥିଲି। ଖାଲି ଟିକେ ମନ ଉଣା କରିଥିଲି। ତୁମେ କିନ୍ତୁ କଣ କଲ। ବିଭାଘର ପରଠାରୁ କେବେ ଫୋନ କରିଛ ନା ଖବର ରଖିଛ ମୋର। ମୁଁ କେମିତି ଚଳୁଛି, କଣ ଖାଉଛି ଆଉ ବଂଚିଛି କି ମରିଛି। ଏଇ କଥା ମୋତେ ବହୁତ ବାଧିଛି, ତୁମର ମୋର ସମ୍ପର୍କ କିଏ ବା ନ ଜାଣେ। ଏ ସବୁ ଜାଣି ସାରିବା ପରେ କିଏ ବା ମୋତେ ବିଭାହ କରିବ। ମୋତେ ନିଜର କରିବ। ମୋ ଚିନ୍ତାରେ ମୋ ବୁଢା ମାଆ ବାପା ଦୁହେଁ ଆର ପାରିକି ଚାଲିଗଲେ। ମୁଁ ଏକୁଟିଆ ହେଇଗଲି। ଜିଇବାର ସବୁ ରାସ୍ତା ଯେତେବେଳେ ମୋ ପାଇଁ ବନ୍ଦ ହୋଇଗଲା ସେତେବେଳେ ମୁଁ ବା ଆଉ କଣ କରି ପାରିଥାନ୍ତି। ବାଧ୍ୟ ହୋଇ ଗାଁ ଛାଡି ଏକ ଅନାଥ ଆଶମରେ ରହିଲି। ସେଠି ମୋର ବୟସ ଆଉ ରୂପ ପାଇଁ ମୁଁ ଅନ୍ୟ ପୁରୁଷଙ୍କ ପାଖରେ ଲୋଭନୀୟ ହୋଇ ପଡିଲି। ଯେତେବେଳେ ବଂଚିବାର ସବୁ ରାସ୍ତା ମୋ ପାଇଁ ବନ୍ଦ ହୋଇ ଗଲା ସେତେବେଳେ ଆଉ କଣ କରିଥାନ୍ତି, ବାଛି ନେଲି ଶେଷ ରାସ୍ତା ଶେଷ ଠିକଣା ଯେଉଁଠି ଆଉ ଗଲେ ଫେରିବାର ନାହିଁ। ସେହି ଠିକଣାକୁ ବାଛି ନେଇଛି। ଯେବେ ତୁମେ ସେ ଠିକଣାକୁ ଆସିବ ମୁଁ ତୁମକୁ ଅପେକ୍ଷା କରିଥିବି। ଦେଖା ହେବ, କଥା ହେବା ସାଇତି ରଖିଥିବା ସ୍ମୃତି ସବୁ ତୁମ ପାଦ ତଳେ ଅଜାଡି ଦେବୀ। ଇତି ତୁମର ହତଭାଗିନୀ ବର୍ଷା। ଏକ ଲମ୍ବା ନିଶ୍ୱାସ ଛାଡି ବିବେକ ଚିଠିଟିକୁ ଭାଙ୍ଗିଦେଲେ। ଆଉ ଭୋ ଭୋ ହୋଇ କାନ୍ଦି ଉଠିଲେ। ବର୍ଷା ତୁମ ପ୍ରତି କରିଥିବା ଅନ୍ୟାୟ ଆଉ ଅବିଚାର ମୋତେ କେବେ ଜୀବନରେ ଶାନ୍ତି ଦେବ ନାହିଁ। ମୁଁ କେବେ ଖୁସିରେ ରହି ପାରିବି ନାହିଁ। ସବୁ ବେଳେ ଆଉ ସବୁସମୟରେ ତୁମେ ମୋ ହୃଦୟରେ ରହିବ। ସମୟ ଆଉ ପରିସ୍ଥିତି ପାଖରେ ମୁଁ ହାରିଯାଇ ତୁମକୁ ବିବାହ କରି ପାରିଲି ନାହିଁ। ତୁମେ ମୋତେ ଅଭିଶାପ ଦେବ ନାହିଁ। କୁନ୍ତୁ ଆଜି ବି ତୁମ କଥା ଭାବି ରାତି ଅଧରେ ଏକୁଟିଆ କାନ୍ଦେ। ମନେ ମନେ ନିଦରେ ତୁମ କଥା ଭାବି ଗୁଣୁ ଗୁଣୁ ହୁଏ। ତୁମେ ଭଲ କରିଛ ଯାହା କରିଛ। ତୁମ ଆତ୍ମାର ସଦଗତି କାମନା କରୁଛି। ଯେଉଁଠି ରୁହ ଶାନ୍ତିରେ ରୁହ ଭଲରେ ରୁହ। ମୋର ବି କାମ ସରିଗଲାଣି ମୁଁ ବି ଫେରିଯିବି ତୁମ ପାଖକୁ।

+ଗୁଲନଗର, କେନ୍ଦ୍ରାପଡା
ମୋ: ୯୯୩୭୦୭୮୯୧୬

## ପଦ୍ମାଳୟା ସାମଲ

# କାନ୍ଧ

ମାମୁଁ, ସତ୍ୟାନନ୍ଦଙ୍କର କୋକେଇକୁ କାନ୍ଧେଇ ଭାବବିହ୍ୱଳ ହୋଇପଡୁଥିଲା ବିକାଶ। 'ରାମ ନାମ ସତ୍ୟ ହେ, ହରି ନାମ ସତ୍ୟ ହେ ' ଧ୍ୱନିରେ ପ୍ରକମ୍ପିତ ହେଉଥିଲା ହରିପୁର ଗାଁ ଦାଣ୍ଡ । ଆଗେ ଆଗେ ଖଇ କଉଡ଼ି ବିଞ୍ଚି ବିଞ୍ଚି ଚାଲିଥିଲେ ମାମୁଁଙ୍କର ଦୁଇ ଝିଅ ଲିନା ଓ ଇନା । ଗାଁ ଦାଣ୍ଡଠାରୁ ମଶାଣି ଦେଢ଼ କିଲୋମିଟର । ମଶାଣିକୁ ଯିବା ବାଟରେ ଲୁହ ଟଳମଳ ଆଖିରେ ବିକାଶର ମନେପଡ଼ିଗଲା ମାମୁଁଙ୍କ ସହ ବିତିଥିବା ପିଲାଦିନର କଥାସବୁ । ଘରକୁ ମାମୁଁ ଆସିଲେ ତାଙ୍କ କୋଳରେ ବସି ଖାଇବାକୁ କେମିତି ଜିଦ୍ କରେ । ପ୍ରଥମାଷ୍ଟମୀ ଦିନ ନୂଆ ଜାମା ପିନ୍ଧି ମାମୁଁଙ୍କୁ ମୁଣ୍ଡିଆମାରି ତାଙ୍କ ସହ ଏଣ୍ଡୁରି ପିଠା ଖାଇବାର ମଜା । ଏମିତି କେତେ କଣ କଥା ମନେ ପଡିଯାଉଥାଏ ।

ଦିନକର କଥା। ଜାହାଜ ଆସି ଲାଗିଥାଏ ପାରାଦ୍ୱୀପ ବନ୍ଦରରେ । ବିକାଶର ବାପା ରହୁଥାନ୍ତି ତାଙ୍କ ଚାକିରି ଜାଗାରେ । ମାମୁଁଘର ତାଙ୍କ ଗାଁ ପାଖାପାଖି ହୋଇଥିବାରୁ ମାମୁଁ ଆସି ତାଙ୍କ ଭଲମନ୍ଦ ବୁଝି ଯାଆନ୍ତି । ଗାଁ ପିଲାମାନେ ଯିଏ ଯେମିତି ଜାହାଜ ଦେଖିବାକୁ ଗଲେ । ବିକାଶର ବୋଉ ତାଙ୍କ ଭାଇକୁ କହିବାରୁ ଦିନେ ମାମୁଁଙ୍କ ସହ ବିକାଶ ବସ୍ ଯୋଗେ ପାରାଦ୍ୱୀପରେ ପହଞ୍ଚିଗଲା । ହେଲେ ବସଷ୍ଟାଣ୍ଡରୁ ଜାହାଜ ଦେଖିବା ସ୍ଥାନ ଥିଲା ଦୁଇ କିଲୋମିଟର ଯାହାକି ପାଦଚଲା ରାସ୍ତା । କୁନି କୁନି ପାଦକୁ କଷ୍ଟ ହେବ ଭାବି ମାମୁଁ ବିକାଶକୁ କାନ୍ଧରେ ବସେଇ ଜାହାଜ ପାଖରେ ପହଞ୍ଚାଇଦେଲେ । ଜାହାଜକୁ ଦେଖି ବିକାଶର ଖୁସି କହିଲେ ନସରେ । ସେଦିନ ବିକାଶର ଖୁସି ଦେଖି ମାମୁଁ ବି ବହୁତ ଖୁସି ହେଲେ।

ଆଉ ଦିନକର କଥା । ଓଳକଣା ମେଳଣ ଦେଖିବାକୁ ଦିନେ ଜିଦ୍ ଧରି ବସିଲା ବିକାଶ । ଯୋଗକୁ ସେଦିନ ବସ ଚଳାଚଳ ବନ୍ଦ ଥାଏ । ପିଲାଟା ଦେଖିବାକୁ ଇଚ୍ଛା କରିଛି କହି ବିକାଶର ମାମୁଁ ତା ବୋଉକୁ ବୁଝେଇ ମେଳଣ ଦେଖେଇବାକୁ ନେଲେ। ସେଠାରେ ଭଳିକିଭଳି ଦୋଳ ବିମାନ ଏବଂ ଘୋଡାନାଚ ଦେଖେଇ



ପେଟେ ଖୁଆଇ ଘରକୁ ଫେରିଲାବେଳେ ଅଧା ରାସ୍ତା ପର୍ଯ୍ୟନ୍ତ ଅଟୋ ମିଳିଗଲା । ଆଉ ଅଧା ରାସ୍ତାରୁ ବିକାଶକୁ କାନ୍ଧରେ ବସେଇ ଘରକୁ ଫେରିଲେ । ମାମୁଁଙ୍କ କାନ୍ଧରେ ବିକାଶକୁ ଦେଖି ତା ବୋଉ ଗରଗର ହେଇ କହିଲା, 'ଏଡୁଟିଏ ହେଲୁଣି ମାମୁଁ କାନ୍ଧରେ ବସିବାକୁ ତତେ ଟିକେ ଖରାପ ଲାଗୁନି ।' ସାଙ୍ଗେ ସାଙ୍ଗେ ବିକାଶ ରାଗିଯାଇ କହିଲା ,'ମୁଁ ତ ମନା କରୁଥିଲି ହେଲେ ମାମୁଁ ମତେ ବାଧ କଲେ । 'କଥା ଛଡେଇ ତା ବୋଉ କହିଲା,'ତୁ ଏମିତି ମନା କଲୁ ଯେ ମାମୁଁ ତତେ ଏତେ ବାଟ କାନ୍ଧେଇ କାନ୍ଧେଇ ଆଣିଲା। ଗଲାବେଳେ କଣ କହି ଯାଇଥିଲୁ ମନେନାହିଁ? କହିଥିଲୁ ଫେରିଲାବେଳେ ଗାଡି ନ ମିଳିଲେ ମାମୁଁ ସହିତ ଚାଲି ଚାଲି ଫେରିବୁ । ଆଗକୁ ଆଉ ମାମୁଁ ସହିତ କୁଆଡେ ଯିବାକୁ ମନ କରିବୁନି ।'ବୋଉ ପାଟିରୁ ଏମିତି କଥା ଶୁଣି ସେଦିନ ମନଦୁଃଖ କରିଥିଲା ବିକାଶ । ହେଲେ ଚାରି ବର୍ଷର ପିଲାକୁ କାନ୍ଧରେ ବସେଇ ବୁଲେଇ ନେବା ଯେ କେତେ କଷ୍ଟ ସେକଥା ଆଜି ପିଲାଛୁଆର ବାପା ହୋଇ ବୁଝୁଛି ବିକାଶ ।

ଓ. ଇ. ଏସ୍ ପରୀକ୍ଷାରେ ବିକାଶ କୃତକାର୍ଯ୍ୟ ହୋଇଥିଲା ବୋଲି ସେଦିନ ଗାଁ ସାରା ଚହଳ ପଡିଥାଏ । ମାମୁଁ ଖବର ପାଇ ଚାଷ କାମ ଅଧା ପକେଇ ଦଉଡି ଆସିଥିଲେ ଭଉଣୀ ଘରକୁ । ମିଠା ପୁଡିଆଟିଏ ଭଉଣୀର ହାତକୁ ବଢ଼େଇ ଦେଉ ଦେଉ କହିଲେ,'ଆଜି ମୋ ଭଣଜା କାନ୍ଧରେ କାନ୍ଧ ଲଗେଇଦେଇଛି। ୟା ଠାରୁ ବଳି ଖୁସିର କଥା ମୋ ପାଇଁ ଆଉ କଣ ହେଇ ପାରେ! ଏ ବୟସରେ ତ ପିଲାମାନଙ୍କ ଠାରୁ ଆମେ ଏତିକି ଆଶା କରିବା । ଯେଉଁଦିନ ଭଦ୍ରକ କଲେଜରେ ଅଧ୍ୟାପକ ଚାକିରିରେ ଜଏନ୍ କରିବାପାଇଁ ବିକାଶ ବାହାରିଲା ମାମୁଁଙ୍କୁ ପାଦ ଛୁଇଁ ପ୍ରଣାମ କଲା । ଦୁଇ ହଜାର ଟଙ୍କା ତା ପକେଟରେ ଗୁଞ୍ଜି ଦେଇ ମାମୁଁ ପିଠି ଥାପୁଡ଼େଇ କହିଲେ,'ନୂଆ ଜାଗା ନୂଆ ଲୋକ,ସେଠି ଦେଖିଚାହିଁ ଚଳିବୁ । ତୁ ସେଠି ଭଲରେ ରହିଲେ ଆମେ ଏଠି ସମସ୍ତେ ଭଲରେ ରହିବୁ ।' ହଠାତ୍ ଭାରି ଭାରି ଲାଗିଲା ବିକାଶର କାନ୍ଧ । ସମବେତ ସ୍ୱରରେ ମାମୁଁମାନେ କହିଲେ,' କାନ୍ଧରୁ ଖସେଇ ଦେ କୋକେଇ । ମଶାଣିରେ ପହଞ୍ଚିଗଲେଣି ପରା !'ମାମୁଁଘର ଗାଁ ମୁଖିଆ ସାନ୍ତ୍ୱନା ଦେଲେ - 'କାନ୍ଦେନା ପୁଅ । ମାମୁଁ କଣ ଆଉ ଫେରିବ? ତୁ ଯଦି ଏମିତି ଅଧର୍ଯ୍ୟ ହେବୁ ମାମୁଁଙ୍କର ଦୁଇ ଝିଅ କେମିତି ଧୈର୍ଯ୍ୟ ଧରିବେ କହିଲୁ ? ତତେ ସେ ତାଙ୍କ ଝିଅ ଦୁଇଜଣଙ୍କ ଠୁଁ ବଳି ଭଲ ପାଉଥିଲେ । କାଠ ଲଦା ସରିଲେ ମାମୁଁଙ୍କର ଶେଷଇଚ୍ଛା ପୂରଣ କରି ତାଙ୍କ ମୁହଁରେ ନିଆଁ ଦେଇଦେବୁ । ତେବେ ଯାଇ ତାଙ୍କ ଆତ୍ମା ଶାନ୍ତି ପାଇବ ।'

ମାମୁଁଙ୍କ ମର ଶରୀରରେ ଅଗ୍ନି ସଂଯୋଗ କରି ଖଣ୍ଡେ ଦୂରରେ ଠିଆ ହୋଇ ତାଙ୍କ ବିଶାଳ ହୃଦୟକୁ ଅନୁଭବ କରୁଥିଲା ବିକାଶ। ଆଉ ଧୀରେ ଧୀରେ ତା ଆଖିର ଦୃଷ୍ଟି ଝାପ୍ସା ହୋଇ ଆସୁଥିଲା ।

+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ତଦାରଖ କମିଟି ବୈଠକ

ଜୟପୁର , ୨୨/୦୯ (ନି.ପ୍ର): କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ ଠାରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ତଦାରଖ (ଦିଶା) କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ସାଂସଦ ସପ୍ତଗିରି ଉଲାକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜନ ସାଧାରଣ ଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା କାର୍ଯ୍ୟକାରିତକୁ ନେଇ ସମୀକ୍ଷା କରଯାଇଥିଲା । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ମାନେ ଯେପରି ନିର୍ଦ୍ଧାରିତ ସମୟରେ ଗୃହକାର୍ଯ୍ୟ ସମ୍ପନ୍ନ କରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁଠି ହିତାଧୀକାରୀ ମାନେ ଅର୍ଥ ପାଇବାରେ ବିଳମ୍ବ ହେଉଛି ତାହାର ତଦାରଖ କରି ଉଚିତ ସମୟରେ ଅର୍ଥ ପ୍ରଦାନ କରାଯିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ରାସ୍ତା ନିର୍ମାଣ ବେଳେ ବିଭାଗୀୟ ଅଧିକାରୀ ତଥା ମାନ ନିର୍ଦ୍ଧାରକ ମାନଙ୍କ ଦ୍ୱାରା ରାସ୍ତାର ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । କୋରାପୁଟ ଜିଲ୍ଲା ଏକ ଅପହଞ୍ଚ ପାହାଡ଼ ଜଙ୍ଗଲ ଘେରା ହୋଇଥିବାରୁ ଅଧିକାଂଶ ଅଞ୍ଚଳ କୁ ଗମନା ଗମନ ହୋଇପାରୁନାହିଁ । ଯାହା ଫଳରେ ସେ ଅଞ୍ଚଳ ବାସୀଙ୍କ ଜୀବନ ଜୀବିକାରେ ବାଧା ସୃଷ୍ଟି କରୁଛି ବୋଲି ମତ ପ୍ରକାଶ ପାଇଛି । ବୈଠକରେ କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୂପ ଭତ୍ରା , ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ପ୍ରମୁଖ ଉପସ୍ଥିତ ଥିଲେ ।ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ ଯୋଗଦେଇ ପରିଚାଳନା କରିଥିଲେ।

# ବଲାଙ୍ଗିର କନ୍ଧପାଲିପଡ଼ା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ବୟସ୍କ ବିସିଜି ଟୀକାକରଣ ଆରମ୍ଭ

ବଲାଙ୍ଗିର, ୨୨/୦୯ (ନି.ପ୍ର): ଆଜି ପୂର୍ବାହ୍ନରେ ବଲାଙ୍ଗିର କନ୍ଧପାଲିପଡ଼ା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସ୍ୱାସ୍ଥ୍ୟମନ୍ତ୍ରୀ ଡଃ. ମୁକେଶ ମହାଲିଙ୍ଗ ରାଜ୍ୟସ୍ତରୀୟ ଯୁବା ବିସିଜି ଟୀକାକରଣ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଜିଲ୍ଲାପାଳ ଗୌରବ ଶିବାଜୀ ଇସଲ୍ୱାର୍, ଆରକ୍ଷୀ ଅଧିକ୍ଷକ ରିଷିକେଶ ଖିଲାରୀ, ସିଡ଼ିଏମ୍‌ଓ ଡଃ. ପ୍ରଦୀପ ଗୁରୁ, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡଃ. ସଂଯୁକ୍ତା ସାହୁ, ରାଜ୍ୟ ଟିବି ଅଫିସର ଡଃ.ପ୍ରଶାନ୍ତ କୁମାର ହୋତା, ରାଜ୍ୟ ଟିବି ସେଲ୍ ଅଧିକାରୀ ଡଃ. ବୀଣାପାଣି ନନ୍ଦ, କନ୍ଧପାଲିପଡ଼ା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିଚାଳନା ସଂସ୍ଥା ରାଜେନ୍ଦ୍ର ଯୁବକ ସଂଘର ସଂପାଦକ ରାଜେନ୍ଦ୍ର ପାଣିଗ୍ରାହି ସମେତ ସମସ୍ତ କର୍ମକର୍ତ୍ତା କର୍ମଚାରୀ ଓ ବହୁ ସରକାରୀ ଅଧିକାରୀମାନେ ଯୋଗଦାନ କରିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡଃ. ମହାଲିଙ୍ଗ କହିଛନ୍ତି ଯେ, ୨୦୨୫ ସୁଦ୍ଧା ଯଶସ୍ୱୀ ପ୍ରଧାନମନ୍ତ୍ରୀ ଭାରତକୁ ଯକ୍ଷ୍ମା ମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖିଥିବା ବେଳେ ଓଡ଼ିଶାର ବଲାଙ୍ଗିର ଜିଲ୍ଲା ସହ ୧୫ ଟି ଜିଲ୍ଲାରେ ଆଜି ଓଡ଼ିଶା ସରକାରଙ୍କ ପକ୍ଷରୁ ବିସିଜି ଟୀକାକରଣ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି । ଅଗରୁ ଶିଶୁମାନଙ୍କ ପାଇଁ ଏହି ଟୀକାକରଣ ବ୍ୟବସ୍ଥା ଥିଲା ଏଥର ୧୬ ବର୍ଷରୁ ୬୦ ବର୍ଷ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ଟୀକା ଦିଆଯିବ।

# ଦୀନକୃଷ୍ଣ ପୀଠର ପ୍ରବେଶ ପଥରେ ନିର୍ମିତ ଗେଟ କାର୍ଯ୍ୟର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ?



ଜଳେଶ୍ୱର , ୨୨/୦୯ (ନି.ପ୍ର): ଓଡ଼ିଆ ଜାତିର ପରିଚୟକୁ ଲୋକୟତ କରିବା ପାଇଁ ଐତିହାସିକ ପୀଠର ଉନ୍ନତି କରଣ ପାଇଁ ପୂର୍ବ ସରକାରଙ୍କ ତରଫରୁ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ରାଇବଣିଆ ଦୁର୍ଗ ଓ ଭକ୍ତ କବୀ ଦୀନ କୃଷ୍ଣଙ୍କ ପୀଠର ଉନ୍ନତି କରଣ ପାଇଁ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ପୂର୍ବ ସରକାରଙ୍କ ପ୍ରଚେଷ୍ଟାରେ ରାଇବଣିଆ ଦୁର୍ଗର ଉନ୍ନତି କରଣ ପାଇଁ ୧୬କୋଟି ଓ ମୁଣୁତୁଣିଆ ଠାରେ ଭକ୍ତ କବୀ ଦୀନକୃଷ୍ଣଙ୍କ ଜନ୍ମ ପୀଠର ଉନ୍ନତି କରଣ ପାଇଁ ୪, କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ଉନ୍ନୀତ ମୂଳକ କାର୍ଯ୍ୟ ଚାଲିଅଛି ଦୀନ କୃଷ୍ଣଙ୍କ ପୀଠର ୧୦ ଲକ୍ଷ୍ୟ ଟଙ୍କା ବ୍ୟୟରେ ଦୀନ କୃଷ୍ଣଙ୍କ ପୂର୍ଣ୍ଣ ପ୍ରତିମୂର୍ତ୍ତି ସାଙ୍ଗକୁ ଦୀନ କୃଷ୍ଣଙ୍କ ପ୍ରବେଶ ପଥରେ ଆଉ ଏକ ୧୦ଲକ୍ଷ୍ୟ ଟଙ୍କାରେ ପ୍ରବେଶ ଗେଟ୍ ନିର୍ମାଣ ଚାଲିଅଛି ଯାହାକି ଉଭୟ ପାର୍ଶ୍ୱରେ ପୋଖରୀ ଥିବାରୁ ଓ ବେଶ୍ ପିଲର୍ ପରିବର୍ତ୍ତେ ବୋରିଂଙ୍ଗ ପିଲର ହେଉଅଛି ସେ ବି ପୁଣି ଅତି ନିମ୍ନ କମ୍ପାନୀର ଲୁହା ଛଡରେ ଓ ରାସ୍ତାର ଉଭୟ ପାର୍ଶ୍ୱକୁ ଲାଗି ରହିଛି । ଯାହାକି ଆଗାମୀ ଦିନରେ ସେହି ରାସ୍ତାର ଉନ୍ନୀତ କରଣ ଓ ସମ୍ପ୍ରସାରଣ ପାଇଁ ପ୍ରଧାନନ୍ତ୍ରୀସଡ଼କ ଯୋଜନାରେ ୩୩ କୋଟି ଟଙ୍କା ବ୍ୟୟରେ ଶିଖରପୁର ନାଣ୍ଡି ପୋଖରୀ ଠାରୁ କୁଣ୍ଡୁଳି ଦେଇ ଦୀର୍ଘ ୩୩କିଲୋମିଟର ଦୂର ଶ୍ରୀରାମପୁର, ଦକ୍ଷିଣ ପ୍ରହରାଜପୁର ଦେଇ କେଏମ୍ ସାହି ଗ୍ରାମପଞ୍ଚାୟତର ଦେଇ କେନାଲ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରସସ୍ତିକରଣ ହେବାକୁ ଯାଉଛି ସେଥିପାଇଁ ଆଗାମୀ ଦିନରେ ଏହି ଗେଟ୍ ମଧ କ୍ଷତି ଗ୍ରସ୍ତ ହେବାକୁ ଯାଉଛି ତେଣୁ ଏହାକୁ ଉପଯୁକ୍ତ ସ୍ଥାନରେ ନିର୍ମାଣ ସହିତ ଉନ୍ନତ ମାନର କାର୍ଯ୍ୟ ହେଉ ବୋଲି ଅଞ୍ଚଳ ବାସୀ ଦାବୀ କରିଛନ୍ତି ।

# ବଲାଙ୍ଗିରରେ ପ୍ରଗତିର ନୂତନ ସୂର୍ଯ୍ୟୋଦୟ ଓ ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ

ବଲାଙ୍ଗିର , ୨୨/୦୯ (ନି.ପ୍ର): ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ନୂତନ ଓ ଲୋକଙ୍କ ସରକାର୧୦୦ ଦିନ ପୂରଣ କରିଛି । ଏହି ୧୦୦ ଦିନ ମଧରେ ରାଜ୍ୟ ସରକାର ଓଡିଶାବାସୀଙ୍କ ସର୍ବାଙ୍ଗୀନ ଉନ୍ନତିପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଆପଣମାନେ ମର୍ମେ ମର୍ମେ ଅନୁଭବ କରୁଥିବେ ପ୍ରତି ନିଷ୍ପତ୍ତିରେ ରହିଛି ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଏବଂ ନବଜାଗରଣର ସୁବର୍ଣ୍ଣ ସ୍ୱର୍ଶ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଓ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି ।

ବଲାଙ୍ଗିରର ପଥରଚେପା ପଡିଆରେ ଅନୁଷ୍ଠିତ ପ୍ରଗତିର ନୂତନ ସୂର୍ଯ୍ୟୋଦୟ ଓ ଜିଲ୍ଲାସ୍ତରୀୟ ବିକାଶ ମେଳାରେ ମନ୍ତ୍ରୀ ଡ଼ଃ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମେଳାକୁ ଉଦଘାଟିତ କରିବା ସହ ପ୍ରତିଶୃତି ଅନୁଯାଇ ନୂଆ ସରକାର ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିବା ସହ ରତ୍ନଭଣ୍ଡାର ଖୋଲିଛନ୍ତି । ସୁଭଦ୍ରା ଯୋଜନା ଆରମ୍ଭ କରି ମହିଳାଙ୍କୁ ସ୍ୱାବଲମ୍ବୀ ହେବାର ରାସ୍ତା ଦେଖାଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ଏଥିପାଇଁ ତିନି ଲକ୍ଷରୁ ଉର୍ଦ୍ଧ ମହିଳା ପଞ୍ଜୀକୃତ କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି । ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓଡିଶାରେ ଲାଗୁ ହେବ । ଯାହାଫଳରେ ରାଜ୍ୟର ପ୍ରାୟ ଏକ କୋଟି ପରିବାର ଦେଶର ୨୭ ହଜାରରୁ ଉର୍ଦ୍ଧ ହସ୍ପିଟାଲରେ ନିଃଶୁଳ୍କ ଚିକିତ୍ସାସେବା ପାଇବେ । ରାଜ୍ୟରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବ ଦୂର କରି ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବ୍ୟାପକ ସୁଧାର ଆଣିବା ପାଇଁ ରାଜ୍ୟ ସରକାର ୩ ହଜାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ସମସ୍ତ ଜ୍ଲିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ସହ ନର୍ସିଂ ଶିକ୍ଷାର ସୁଦୃଢ଼ୀକରଣ ପାଇଁ ବଲାଙ୍ଗୀର ସମେତ ୭ଟି ନୂତନ ନର୍ସିଂ କଲେଜ ପ୍ରତିଷ୍ଠା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଚାଷ ଏବଂ ଚାଷୀଙ୍କର ଉନ୍ନତି ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ୩୧ଶହ ଟଙ୍କାକୁ ବର୍ଦ୍ଧିତ କରାଯାଇଛି । ଧାନ ବିକ୍ରିର ୪୮ ଘଂଟା ମଧରେ ଟଙ୍କା ସିଧା ଚାଷୀଙ୍କ ଖାତାକୁ ଯିବ । ଆଳୁ ମିଶନକୁ ଗତିଶିଳ କରି ପ୍ରତି ଉପଖଣ୍ଡରେ ଶୀତଳ ଭଣ୍ଡାର ଖୋଲାଯିବ । ପିଏମ କିଷାନ ସହ ଏବେ ସିଏମ କିଷାନରେ ଚାଷିଙ୍କୁ ସହାୟତା ଦିଆଯାଉଛି । ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧମିକ ସ୍ତରରେ ମଧ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନାରେ ୫ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଦିଆଯିବ ବୋଲି ମନ୍ତ୍ରୀ ଡ଼ଃ ମହାଲିଙ୍ଗ କହିଛନ୍ତି । ରାଜ୍ୟରେ ତୃଣମୂଳସ୍ତରରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାପାଇଁ ସରକାର ପ୍ରଥମ ପର୍ଯ୍ୟାୟରେ ୧୮ ହଜାର ତାମଧରୁ ବଲାଙ୍ଗୀର ଜ୍ଲିଲାରେ ୧ହଜାର ରୁ ଅଧିକ ଶିକ୍ଷକଙ୍କୁ ନିଯୁକ୍ତି ଦେବାପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବଲାଙ୍ଗିର ଲୋକସଭା ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂଦେଓ, ଟିଟିଲାଗଡ ବିଧାୟକ ଶ୍ରୀ ନବୀନ କୁମାର ଜୈନ, କଂଟାବାଞ୍ଜି ବିଧାୟକ ଶ୍ରୀ ଲକ୍ଷ୍ମଣ ବାଗ ଯୋଗଦେଇ ସରକାରଙ୍କ ୧୦୦ ଦିନର ସଫଳତା ଉପରେ ଆଲୋକପାତ କରିଥିଲେ ।ରାଜ୍ୟସଭା ସାଂସଦ ଶ୍ରୀ ନିରଞ୍ଜନ ବିଶି ମଧ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ । ଜିଲ୍ଲାପାଳ ଶ୍ରୀ ଗୌରବ୍ ଶିଓ୍ୱାଜୀ ଈଶାଲୱାର ସଭାରେ ସଭାପତିତ୍ୱ କରି ସ୍ୱାଗତ ଭାଷଣରେ ନୂଆ ସରକାର ସମୟରେ ଜିଲ୍ଲାରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସୁଭଦ୍ରା ଯୋଜନା, ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କ ଲିଙ୍କେଜ, ଲକ୍ଷପତି ଦିଦି, ସ୍ୱଚ୍ଛ ଭାରତ ମିଶନ ଯୋଜନାର ହିତାଧିକାରୀମାନଙ୍କୁ ଅତିଥିମାନେ ଅର୍ଥରାଶି ଓ କାର୍ଯ୍ୟାଦେଶ ବଂଟନ କରିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଭାତ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଆରକ୍ଷୀ ଅଧିକ୍ଷକ ରଷିକେଶ ଖିଲାରୀ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀଯୁକ୍ତ ପବିତ୍ର ବେହେରାଙ୍କ ସମେତ ସ୍ଥାନୀୟ ରାଜନେତା, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଅଧିକାରୀ, ବୁଦ୍ଧିଜୀବୀ, ଗଣାମାଧମପ୍ରତିନିଧି ଓ ହଜାର ହଜାର ସଂଖ୍ୟାରେ ଲୋକମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ମେଳା ଶେଷରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପ୍ରଶାସନ ତରଫରୁ ବିକାଶ ମେଳାରେ ୨୫ଟି ଷ୍ଟଲରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବିକାଶ ଓ ସଫଳତା ପ୍ରଦର୍ଶିତ ହୋଇ ଲୋକମାନଙ୍କ ଦ୍ୱାରା ବିଶେଷ ଭାବରେ ଆଦୃତ ହୋଇପାରିଛି ଏହି କାର୍ଯ୍ୟକ୍ରମ ପୂର୍ବରୁ ମନ୍ତ୍ରୀ ଡ଼ଃ ମହାଲିଙ୍ଗ ବଲାଙ୍ଗୀର କନ୍ଧପାଲି ପଡ଼ା ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଠାରେ ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ଟୀକାକରଣର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦେଶକୁ ଯକ୍ଷ୍ମା ମୁକ୍ତ କରିବା ପାଇଁ ପ୍ରତିଷେଧକ ଟୀକା ନେବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସାରା ରାଜ୍ୟ ରେ ଏଥିପାଇଁ ୧୫ ଟି ଜିଲ୍ଲାକୁ ବଛା ଯାଇଛି । ୨୦୨୫ ସୁଦ୍ଧା ଭାରତ କୁ ଯକ୍ଷ୍ମା ମୁକ୍ତ କରିବାକୁ ନିଷ୍ପତି ନିଆ ଯାଇଥିବାର ସେ କହିଛନ୍ତି ।

# ମହିଳା ବିରୋଧୀ ହିଂସା ପ୍ରତି 'ଶୂନ୍ୟ ସହନଶୀଳତା' ନୀତି ଅବଲମ୍ବନ ପାଇଁ ବିଜେପି ସରକାର ବଦ୍ଧପରିକର: ବିଜେପି

ଭୁବନେଶ୍ୱର, ୨୨/୦୯ (ନି.ପ୍ର): ମହିଳା ବିରୋଧୀ ହିଂସାକୁ ବିଜେପି ସରକାର ବରଦାସ୍ତ କରିବ ନାହିଁ । ଭରତପୁର ଥାନା ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା । ଘଟଣାରେ ସମ୍ପୃକ୍ତ ୫ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଲମ୍ବନ କରାଯିବା ସହିତ ନିରପେକ୍ଷତା, ସ୍ୱଚ୍ଛତା ପାଇଁ ତଦନ୍ତଭାର କ୍ରାଇମବ୍ରାଂଚ୍‌କୁ ଦାୟିତ୍ୱ ଦିଆଯାଇଛି । ଘଟଣା ସଂପର୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ସରକାରଙ୍କ ଆଭିମୁଖ୍ୟ ଉପରେ ସ୍ପଷ୍ଟୀକରଣ ଦେବା ସହ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପ୍ରଭାତୀ ପରିଡ଼ା ନିଜେ ଡାକ୍ତରଖାନା ଯାଇ ପୀଡ଼ିତାଙ୍କୁ ଭେଟି ଆଶ୍ୱାସନା ଦେବା ସହିତ ସ୍ଥିତି ସଂପର୍କରେ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଏହି ଘଟଣାରେ ବିଜେପି ସରକାର "ଶୂନ୍ୟ ସହନଶୀଳତା ନୀତି" ଅବଲମ୍ବନ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବଦ୍ଧପରିକର ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ଅନିଲ ବିଶ୍ୱାଳ କହିଛନ୍ତି । ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ବିଜେଡି ସରକାର ସମୟରେ ଗଣ ବଳାତ୍କାର, ଦୁଷ୍କର୍ମ, ବ୍ୟଭୀଚାର ଭଳି ଅନେକ ମହିଳା ବିରୋଧୀ ହିଂସାକାଣ୍ଡ ଘଟିଯାଇଛି । କିନ୍ତୁ ସମ୍ବେଦନହୀନ ବିଜେଡି ସରକାର ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ସମେତ କୌଣସି ମନ୍ତ୍ରୀ, ବିଧାୟକ କିମ୍ବା ସାଂସଦ ପୀଡିତାଙ୍କୁ ଭେଟୁନଥିଲେ । ମାତ୍ର ଏବେ ଏହି ଘଟଣାକୁ ନେଇ ହୀନ ରାଜନୀତି କରିବାକୁ ଉଭୟ ବିଜେଡି ଏବଂ କଂଗ୍ରେସ ଦଳ ଉଦ୍ୟମ କରୁଛି । ବିଜେଡି ସରକାରଙ୍କ ଗତ ୨୪ ବର୍ଷର ଶାସନ ସମୟରେ ମହିଳା ବିରୋଧି ହିଂସା ଚରମସୀମାରେ ପହଂଚିଥିଲା । ସେହି ବିଜୁ ଜନତା ଦଳ ଆଜି ମହିଳା ବିରୋଧି ହିଂସା ସମ୍ପର୍କରେ ମନ୍ତବ୍ୟ ଦେବା ଅତ୍ୟନ୍ତ ହାସ୍ୟାସ୍ପଦ ଏବଂ କବି ରବି ସିଂଙ୍କ କବିତା "ଯାଦୁଆ ବିକୁଛି ଯାଦୁ ମଲମ" ଓ "ମଦୁଆ କରୁଛି ନିଶା ନିବାରଣ"କୁ ମନେ ପକାଇଦେଉଛି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

# ୨୧କେଜି ଗଞ୍ଜେଇ କାର ସହ ଜବତ: ଜଣେ ଗିରଫ

ସୁବର୍ଣ୍ଣପୁର, ୨୨/୦୯ (ନି.ପ୍ର): ୨୧ କେଜି ଗଞ୍ଜେଇ ଜବତ କରିବା ସହ ଏକ କାର ଓ ଜଣଙ୍କୁ ଗିରଫ କରିଛି ସୋନପୁର ଅବକାରୀ ବିଭାଗ। ଏକ କାରରେ ସୋନପୁର ଦେଇ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ବିଭାଗ ସୋନପୁର ଜିଲ୍ଲାପାଳ ଅଫିସ ନିକଟ ଆଶା ନର୍ସିଂ ହୋମ ପାଖରେ ଯାଂଚ କରିଥିଲା। ଉକ୍ତ ସମୟରେ ଆସୁଥିବା ଓଆର ୦୫ଏଏଲ -୦୨୧୧ କାରକୁ ଧରାଯାଇଥିବା ବେଳେ ଯାଂଚ କରାଯିବାରୁ ଉକ୍ତ କାର କାରରୁ ୨୧ କେଜି ଗଞ୍ଜେଇ ବାହାରିଥିଲା ବେଳେ କାର ରେ ଥିବା ସାଗରପାଲି ଗ୍ରାମର ମୁକେଶ ମେହେରଙ୍କୁ ଅଟକ ରଖିଥିଲେ। ଅବକାରୀ ବିଭାଗ ପରେ ଏକ ମାମଲା କେସ ନଂ ୧୭୮/୨୦୨୪ ରେ ରୁଜୁ କରି ଉକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ବେଳେ ବ୍ୟବହୃତ କାରକୁ ମଧ ଜବତ କରିଛି। ଅବକାରୀ ଅଧୀକ୍ଷକ ପ୍ରବୀର ସାମଲଙ୍କ ନିର୍ଦ୍ଦେଶରେ ଏହି ଚଢ଼ଉରେ ଅବକାରୀ ଇନ୍ସପେକ୍ଟର ପ୍ରକାଶ ସାଙ୍କ ନେତୃତ୍ୱରେ ମୋବାଇଲ ଟିମର ଅଧିକାରୀ ସାମିଲ ହୋଇଥିଲେ। ସେହିପରି ଧଉରାଖମନ ଛକ ପାଖରେ ଜିଲ୍ଲା ଅବକାରୀ ୟୁନିଟ ପକ୍ଷରୁ ଚଢାଉ କରି ଏକ ମୋଟର ସାଇକେଲ ରେ ୧୫ ଲିଟର ଦେଶୀ ମଦ ଜବତ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରି କେସ ନଂ ୧୭୯/୨୦୨୪ ରେ ମାମଲା ରୁଜୁ କରିଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବିକଶିତ ଭାରତ ୨୦୪୭ ଉପରେ ଆଲୋଚନାଚକ୍ର

ମାଲକାନଗିରି, ୨୨/୦୯ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ +୩ ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଓ ବିକଶିତ ଭାରତ ୨୦୪୭ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଲିଙ୍ଗରାଜ ମିଶ୍ର ସଭାପତିତ୍ୱ କରିଥିବାବେଳେ ସରକାରୀ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ଡଃ ଆଲୋକ ।ତ୍ର ମୁଖ୍ୟ ଅତିଥି , ବାଣିଜ୍ୟ ବିଭାଗର ସହକାରୀ ଅଧାପକ ଡଃ ପ୍ରସନ୍ନ କୁମାର ବରାଳ ମୁଖ୍ୟବକ୍ତା , ମାଲକାନଗିରି ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ବରିଷ୍ଠ ଅଧାପକ ଅଶୋକ କୁମାର ଷଡଙ୍ଗୀ ଓ ଚିତ୍ରକୋଣ୍ଡା ସରକାରୀ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ଡଃ ଚିନ୍ମୟ କୁମାର ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧାପିକା ଦିପ୍ତୀରେଖା ମିଶ୍ର ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରିଥିବା ବେଳେ ବାଣିଜ୍ୟ ବିଭାଗର ଅଧାପିକା ଆରତୀ ଲୁଗୁନ୍ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ।ବାଣିଜ୍ୟ ବିଭାଗର ଆରାଧ୍ୟା ଦେବୀ ମା ଲକ୍ଷ୍ମୀଙ୍କର ତୈଳଚିତ୍ରରେ ମଂଚାସୀନ ଅତିଥିମାନେ ପ୍ରଦୀ_ଜ୍ୱଳନ ସହିତ ପୁଷ୍ପ ମାଲ୍ୟ ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଆଲୋଚନାଚକ୍ର ର ଅବ୍ୟବହିତ ପୂର୍ବରୁ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଅଧାପକ ଡଃ ରଞ୍ଜନ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ସହ ଆଲୋଚନା ଚକ୍ରର ଉଦ୍ଦେଶ୍ୟ ଜ୍ଞାନ ସହ ସେମିନାରର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ ଓ ସମ୍ମାନୀତ ଅତିଥି ଶ୍ରୀ ଷଡ଼ଙ୍ଗୀ ଭାରତୀୟ ଅର୍ଥନୀତିର ବିଭିନ୍ନ ଦିଗ , ଚରିତ୍ରାବଳୀ , ଦୁର୍ବଳତା ଓ ଭବିଷ୍ୟତ ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଡଃ ବରାଳ ବିକଶିତ ଭାରତ ଗଠନର , ଦୁର୍ବଳତା ଓ ଏହାର ନିରାକରଣ ନିମିତ୍ତ ଆବଶ୍ୟକ ଦକ୍ଷେ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ସଭାପତି ଶ୍ରୀଯୁକ୍ତ ମିଶ୍ର ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସବୁ ଭାରତୀୟ ନାଗରିକଙ୍କର ସହଯୋଗ କାମନା କରିଥିଲେ। ପରିଶେଷରେ ବାଣିଜ୍ୟ ବିଭାଗର ଅଧାପକ ବି . ଗୁପ୍ତେଶ୍ୱର ରାଓ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ମହାବିଦ୍ୟାଳୟର କମ୍ପ୍ୟୁଟର ଅଧାପିକା ସ୍ନିଗ୍ଧା ସରକାର ଓ ଶତାଧିକ ଛାତ୍ର ଛାତ୍ରୀ ସକ୍ରିୟ ଅଂଶ ଗ୍ରହଣକରି କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲେ।

# ବିକାଶ ମେଳାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରଦର୍ଶନୀ

ପୁରୀ, ୨୨/୦୯ (ନି.ପ୍ର): ପୁରୀ ଅର୍ବାନ ହାଟ ଠାରେ ଆରମ୍ଭ ହୋଇଥିବା ରାଜ୍ୟ ସ୍ତରୀୟ ବିକାଶ ମେଳାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଗୋଟିଏ ଷ୍ଟଲ ପ୍ରଦର୍ଶିତ ହେଉଛି। ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କ ପରାମର୍ଶ କ୍ରମେ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଏହା ପ୍ରଦର୍ଶିତ ହେଉଛି। ଏହାକୁ ପୁରୀ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ପରିଚାଳନା କରୁଛନ୍ତି। ସାଧାରଣ ଜନତା ଓ ଛାତ୍ରଛାତ୍ରୀ ମାନେ ଅର୍ବାନ ହାଟର ବିଭିନ୍ନ ଷ୍ଟଲ ବୁଲିବା ମଧରେ ସୂଚନା ଓ ଲୋକ ସମ୍ପର୍କ ଷ୍ଟଲ ନିକଟରେ ଅଟକି ବିଭିନ୍ନ ଫଟୋ ଚିତ୍ର କୁ ଦେଖିବା ସହ ସେମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସୂଚନା, ସଚେତନତାକୁ ଅନୁଧ୍ୟାନ କରୁଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଦର୍ଶିତ ତଥ୍ୟ ସେମାନଙ୍କୁ ଆକୃଷ୍ଟ କରୁଛି। ବିଭାଗର ଏଆଇଓ ରାଜେନ୍ଦ୍ର କୁମାର ପାତ୍ର, ଏସଡିଆଇପିଆରଓ ପ୍ରଦୀପ୍ତ ସେନାପତି, ବରିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର ସ୍ୱାଇଁ, ଅପରେଟର ପ୍ରସନ୍ନ ସାହୁ, ଲାଇବ୍ରେରିଆନ ମିନତୀ ଦାସ ପ୍ରମୁଖ ପ୍ରଦର୍ଶନୀରେ ସହଯୋଗ କରୁଛନ୍ତି।

# ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ

ସମ୍ବଲପୁର, ୨୨/୦୯ (ନି.ପ୍ର): ସମ୍ବଲପୁର ମନ୍ଦେଲିଆ ପଡିଆ ଠାରେ ସରକାର ଙ୍କ ୧୦୦ ଦିନ ପୂର୍ତ୍ତି ପାଳନ ଉପଲକ୍ଷେ ଆୟୋଜିତ ବିକାଶ ମେଳାରେ ଆଜି ପୂର୍ବାହ୍ନ ରେ ମାନ୍ୟବର ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡିଶା ରବିନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି। ସେ ପ୍ରଥମେ ସମସ୍ତ ଉପସ୍ଥିତ ଅତିଥି ବୃନ୍ଦ, ଆସିଥିବା ମହିଳା, ସ୍ଥାନୀୟ ବୁଦ୍ଧିଜୀବୀ, ଜନସାଧାରଣ, ସ୍ୱୟଂ ସହାୟକ ଗୋଷ୍ଠୀ, ଗଣମାଧମ ପ୍ରତିନିଧିଙ୍କୁ ସ୍ୱାଗତ ଜଣାଇ ତାଙ୍କ ନିଜ ଅଭିଭାଷଣରେ କହିଥିଲେ ୨୦୩୬ ମସିହା ସୁଦ୍ଧା ଓଡିଶାକୁ ବିକଶିତ ଓଡିଶାରେ ପରିଣତ କରିବାର ଲକ୍ଷ ରଖାଯାଇଛି। ବର୍ତ୍ତମାନ ସାଧାରଣ ଲୋକଟିଏ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଂଚି ପାରୁଛି କାରଣ ଏ ସରକାର ହେଉଛି ଲୋକଙ୍କ ସରକାର ଏହା ଜନ ଭାଗିଦାରୀରେ ଚାଲୁଛି। ଦେଇଥିବା ସମସ୍ତ ପ୍ରତିଶୃତିକୁ ପୁରଣ କରାଯାଉଛି । ଯେଉଁଥିରୁ ପ୍ରଥମେ ସୁଭଦ୍ରା ଯୋଜନା ଆରମ୍ଭ କରି ମହିଳାଙ୍କୁ ସ୍ୱାବଲମ୍ବୀର ରାସ୍ତା ଦେଖାଇଛନ୍ତି । ଚାଷୀର ଉନ୍ନତି ପାଇଁ ଧାନର ମୂଲ୍ୟକୁ ୩୧ଶହ ଟଙ୍କା କରାଯାଇଛି। ନୂଆ ସରକାର ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା ସହ ରତ୍ନଭଣ୍ଡାର ଖୋଲିଛନ୍ତି । ଶ୍ରୀମନ୍ଦିର ପାଇଁ ୫ଶହ କୋଟିର କର୍ପୋସ ଫଣ୍ଡର ବ୍ୟବସ୍ଥା କରିଛନ୍ତି ।ଚାଷୀଙ୍କ ଜୀବନରେଖା ହେଉଛି ହୀରାକୁଦ ବନ୍ଧ। ହୀରାକୁଦ କମାଣ୍ଡ ଏରିଆରେ ଜଳସେଚନ ସୁବିଧା ପାଇଁ ୮୫୫ କୋଟି ଟଙ୍କାର ବ୍ୟୟ ଅଟକଳ କ୍ୟାବିନେଟରେ ମଞ୍ଜୁର ହୋଇଛି ବୋଲି କହିଥିଲେ । ଏହା କାର୍ଯ୍ୟକାରୀ ହେଲେ କେନାଲର ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳସେଚନ ସୁବିଧା ହୋଇପାରିବ । ସମ୍ବଲପୁରରେ ଅତ୍ୟାଧୁନିକ ବହୁମୁଖୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣର ଯୋଜନା ଅଛି ଏବଂ ପର୍ଯ୍ୟଟନ ପ୍ରୋତ୍ସାହିତ କରିବା ଲାଗି ସମ୍ବଲପୁର ଓ ଅନାନ୍ୟା ସ୍ଥାନରେ ମହାନଦୀ ରିଭର ଫ୍ରଂଟ ବିକାଶ ପରିଯୋଜନା ମଧ ଆଗକୁ କରାଯିବାର ବ୍ୟବସ୍ଥା ଅଛି । ପିଏମ କିଷାନ ସହ ଏବେ ସିଏମ କିଷାନରେ ଚାଷିଙ୍କୁ ସହାୟତା ଦିଆଯାଉଛି। ସେହିଭଳି ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ଓଡିଶାକୁ ମଧ କରାଯିବ ବୋଲି କହିଛନ୍ତି ମନ୍ତ୍ରୀ ମହୋଦୟ । ସେତୁ ବନ୍ଧ ଯୋଜନା ରେ ଗ୍ରାମାଂଚଳ ସଂଯୋଗୀ କରଣ ପାଇଁ ୫୦୦ ଟି ନୂତନ ସେତୁ ନିର୍ମାଣ କରାଯିବ ଯେଉଁଥିରୁ ୭୫ ଟି ନିର୍ମାଣ ସରିଛି । ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ରେ ସଂଯୋଗ ବିହୀନ ଗ୍ରାମକୁ ସର୍ବକାଳୀନ ସଡକ ଯୋଗାଯୋଗ ମଧ କରାଯିବ ବୋଲି କହିଛନ୍ତି । ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧମରେ ପ୍ରଥମ କରି ୨୦୦ ଦିନ ଲୋକ କାମ କରିବାର ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି । ସମ୍ମାନୀତ ଅତିଥି ଭାବେ ସମ୍ବଲପୁର ବିଧାୟକ ଶ୍ରୀଯୁକ୍ତ ଜୟନାରାୟଣ ମିଶ୍ର ଯୋଗଦେଇ ସରକାରଙ୍କ ୧୦୦ ଦିନର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ୱାଗତ ଭାଷଣରେ ସମ୍ବଲପୁର ରେ ଅତ୍ୟାଧୁନିକ ବହୁମୁଖୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣର ଯୋଜନା ଅଛି ,ଏବଂ ପର୍ଯ୍ୟଟନ ପ୍ରୋତ୍ସାହିତ କରିବା ଲାଗି ସମ୍ବଲପୁର ଓ ଅନାନ୍ୟା ସ୍ଥାନରେ ମହାନଦୀ ରିଭର ଫ୍ରଂଟ ବିକାଶ ପରିଯୋଜନା ଆଦି କାର୍ଯ୍ୟକାରୀ ହେବ ବୋଲି ଆଦି ସମ୍ପର୍କରେ ସୂଚନା ଦେଇଥିଲେ । ଏହା ପରେ ଉତ୍ତରାଂଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ସରକାରଙ୍କ ଦିଗଦର୍ଶନରେ ଜଣସାଧାରଣଙ୍କ ପାଖେ ସରକାରଙ୍କ ସମସ୍ତ ଜନ ବିକାଶ ବହୁମୁଖୀ ଯୋଜନା ଶତପ୍ରତିଶତ ପହଂଚାଇବା ଏବଂ ସମସ୍ତ ଉନ୍ନତି ମୂଳକ କାମ ର ତ୍ୱରାନ୍ୱିତ କରାଇବାପାଇଁ ଆଶ୍ୱାସନା ଦେଇଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଚଂଚଳା ପାଣ୍ଡେ, ଅମ୍ବିକା ମୁଣ୍ଡା ,ସୁରୁବାଲି ଭୁଏ ,ଚିତ୍ରା କିସାନ ଏବଂ ସୁଭଦ୍ରା ଯୋଜନାରେ ସଂଯୁକ୍ତା ଜେନା , ନିରୁପମା ଓରାମ ଓ ଅନିତା ମୁଣ୍ଡା ହିତାଧିକାରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ଅର୍ଥରାଶି ପ୍ରଦାନ କରାଯାଇଥିଲା । ଶେଷରେ ସମ୍ବଲପୁର ମହାନଗର ନିଗମର କମିଶନର ଶ୍ରୀ ବେଦଭୂଷଣ ଧନ୍ୟବାଦ ଭାଷଣ ଦେଇଥିଲେ । ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଥିଲା ।ଏହି ପ୍ରରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ତରଫରୁ ବିକାଶ ମେଳାରେ ୨୫ରୁ ଉର୍ଦ୍ଧ୍ୱ ଟି ଷ୍ଟଲ କରାଯାଇଛି କ୍ଷ ଯେଉଁଥିରେ ବିଭିନ୍ନ ବିଭାଗର ବିକାଶ ଓ ସଫଳତା ସମ୍ପର୍କରେ ପ୍ରଦର୍ଶନୀ ହେଉଥିଲା ।

# ଜିଲ୍ଲାସ୍ତରୀୟ ଆପାତକାଳୀନ ବୈଠକ

ବଲାଙ୍ଗିର, ୨୨/୦୯ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଆପାତକାଳୀନ ବୈଠକ ବଲାଙ୍ଗିର ଜିଲ୍ଲାପାଳ ଶ୍ରୀ ଗୌରବ୍ ଶିଓ୍ୱାଜୀ ଇସଲୱାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ରିଷିକେଷ ଖିଲାରୀ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ପବିତ୍ର ବେହେରା , ପାଟଣାଗଡ ଉପଜିଲ୍ଲାପାଳ ଅମିତ ନାୟକ ଓ ଜିଲ୍ଲା ଆପାତକାଳୀନ କମିଟିର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । ଆପାତ କାଳୀନ ସମୟରେ ସମସ୍ତ ବିଭାଗର ଅଧିକାରୀମାନେ ସମନ୍ୱୟ ରକ୍ଷା କରି ଏହାର ମୁକାବିଲା କିପରି ସୁଚାରୁ ରୂପେ ସମ୍ପାଦନା କରିବେ ଏହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାରେ ଅବସ୍ଥିତ ଥିବା ସମସ୍ତ ଶିଳ୍ପ ଅନୁଷ୍ଠାନ ଗୁଡ଼ିକର କଳକାରଖାନା ନିୟମ ଅନୁଯାୟୀ ଠିକ ସମୟରେ ମକଡ୍ରିଲ କରିବା ଏବଂ ଯେ କୌଣସି ସମ୍ଭାବ୍ୟ ବିପଦ କୁ ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତ ରହିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ବଡମାଳ ଗୋଳାବାରୁଦ କାରଖାନା ଓ ଭାରତ ପେଟ୍ରୋଲିୟମ ଗ୍ୟାସ ଲିମିଟେଡ଼ର ଅଧିକାରୀମାନେ ଯୋଗଦାନ କରି ତାଙ୍କର କାର୍ଯ୍ୟପନ୍ଥା ବିଷୟରେ ଉପସ୍ଥାପନା କରିଥିଲେ।

# ବାଲେଶ୍ୱର ଜିଲ୍ଲାରେ ଉଦ୍ଘାଟିତ ହେଲା ଜିଲ୍ଲାସ୍ତରୀୟ ବିକାଶ ମେଳା




ବାଲେଶ୍ୱର, ୨୨/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ମହକୁମାସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବିକାଶ ମେଳାର ଉଦଘାଟନୀ ସମାରୋହରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ, ସାର୍ବଜନୀନ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ ଓ ସମ୍ମାନିତ ଅତିଥି ଭାବେ ମାନ୍ୟବର ସାଂସଦ, ବାଲେଶ୍ୱର ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦାନ କରିଥିଲେ ଓ ଏଥି ସହିତ ବରଣ୍ୟେ ଅତିଥି ଭାବେ ଶାସକ ଦଳର ଉପମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ, ରେମୁଣା ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ବିଧାୟକ, ସିମୁଳିଆ ଶ୍ରୀଯୁକ୍ତ ପଦ୍ମଲୋଚନ ପଣ୍ଡା, ମାନ୍ୟବର ବିଧାୟକ, ବାଲେଶ୍ୱର ସଦର ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ଓ ମାନ୍ୟବର ବିଧାୟକ, ନୀଳଗିରି ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ମଞ୍ଚାସୀନ ଥିଲେ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥ ମଧ୍ୟ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ତଥା ମଞ୍ଚାସୀନ ଅତିଥି ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ଓ ଉକ୍ତ ସଭାରେ ମାନ୍ୟବର ମନ୍ତ୍ରୀ ଡ଼. ମହାପାତ୍ର ଉପସ୍ଥିତ ଜନସାଧାରଙ୍କୁ ସମ୍ବୋଧିତ କରି କହିଥିଲେ ଯେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ନବ ଗଠିତ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଓଡିଶା ତଥା ବାଲେଶ୍ୱର ଜିଲ୍ଲାକୁ ବିକାଶର ଜୟ ଯାତ୍ରାରେ ଆଗେଇ ନେଉଛି । ଦେଶ ଓ ରାଜ୍ୟ ବିକାଶର ସ୍ରୋତରେ ବାଲେଶ୍ୱର ଜିଲ୍ଲା ମଧ ବିକାଶର ଶିଢି ଚଢିଚାଲିଛି। ଜିଲ୍ଲାରେ ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଅନେକ ଜନହିତକର ଯୋଜନା ବିକାଶକୁ ବଳ ଦେଇଛି । ସାଧାରଣ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି ଦୃଢ ଅଭିଯୋଗର ସମାଧାନ ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯାଇଛି । କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି, ଦକ୍ଷତା ବିକାଶ ଆଦି କ୍ଷେତ୍ରରେ ଓଡିଶା ସରକାରଙ୍କର ବିଭିନ୍ନ ପଦକ୍ଷେପ ସମସ୍ତଙ୍କୁ ଜାଗ୍ରତ କରିବାରେ ସହାୟକ ହୋଇଛି । ମହିଳା, ଗରିବ, ଯୁବବର୍ଗ, କୃଷକ, ଶ୍ରମିକ, ବୁଣାକାର ଏବଂ କଳାକାରଙ୍କ ଆବଶ୍ୟକତାକୁ ସରକାର ପ୍ରାଥମିକତା ଦେଇ ବିଭିନ୍ନ ସରକାରୀ ଯୋଜନା ଲାଗୁ କରିଛନ୍ତି । ରାଜ୍ୟର ମହିଳାମାନଙ୍କ ଆର୍ଥିକ ଉନ୍ନତି ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନାରେ ବର୍ତ୍ତମାନ ସୁଧା ବାଲେଶ୍ୱର ଜିଲ୍ଲାର ସାଢେ ୫ ଲକ୍ଷରୁ ଅଧିକ ମହିଳା ନିଜର ନାମ ପଞ୍ଜୀକରଣ କରିଛନ୍ତି । ସେହି ଭଳି ମଞ୍ଚାସୀନ ଅତିଥିମାନେ ନିଜ ବକ୍ତବ୍ୟରେ ନାରୀ ସଶକ୍ତିକରଣଠାରୁ ଆରମ୍ଭ କରି ଶିକ୍ଷାୟନ, କୃଷି, ସ୍ୱାସ୍ଥ୍ୟ, ଗମନାଗମନ, ଜଳସଚେନ ଏମିତିକି ନିଯୁକ୍ତି କ୍ଷେତ୍ରରେ ସରକାରଙ୍କର ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ବାଲେଶ୍ୱର ଜିଲ୍ଲାକୁ ବିକାଶ ପଥରେ ଆଗେଇ ନେଇପାରିଛି ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ ଓ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓଡିଶାରେ ଲାଗୁ ହେବ। ଯାହାଫଳରେ ରାଜ୍ୟର ପ୍ରାୟ ଏକ କୋଟି ପରିବାର ଦେଶର ୨୭ ହଜାରରୁ ଉର୍ଦ୍ଧ ହସ୍ପିଟାଲରେ ନିଃଶୁଳ୍କ ଚିକିତ୍ସାସେବା ପାଇବେ। ରାଜ୍ୟରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବ ଦୂର କରି ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବ୍ୟାପକ ସୁଧାର ଆଣିବା ପାଇଁ ରାଜ୍ୟ ସରକାର ୩ ହଜାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଚାଷ ଏବଂ ଚାଷୀଙ୍କର ଉନ୍ନତି ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ୩୧ ଶହ ଟଙ୍କାକୁ ବର୍ଦ୍ଧିତ କରାଯାଇଛି । ପିଏମ କିଷାନ ସହ ଏବେ ସିଏମ କିଷାନରେ ଚାଷିଙ୍କୁ ସହାୟତା ଦିଆଯାଉଛି । ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ମଧ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନାରେ ୫ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଦିଆଯିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ୫ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଅର୍ଥରାଶି ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ସଭାରେ ସଭାପତିତ୍ୱ କରି ସ୍ୱାଗତ ଭାଷଣରେ ଜିଲ୍ଲାରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଅଧିକାରୀ, ବୁଦ୍ଧିଜୀବୀ, ଗଣାମାଧ୍ୟମପ୍ରତିନିଧି ଓ ହଜାର ହଜାର ସଂଖ୍ୟାରେ ଲୋକମାନେ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସଭା ଶେଷରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପ୍ରଶାସନ ତରଫରୁ ବିକାଶ ମେଳାରେ ୨୫ଟି ଷ୍ଟଲରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବିକାଶ ଓ ସଫଳତା ପ୍ରଦର୍ଶିତ ହୋଇ ଲୋକମାନଙ୍କ ଦ୍ୱାରା ବିଶେଷ ଭାବରେ ଆଦୃତ ହୋଇପାରିଛି । ଏଠାରେ ସୂଚନା ଥାଉ କି, ଆଜିଠୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୩ ଦିନ ବ୍ୟାପୀ ଏହି ବିକାଶ ମେଳା ଚାଲୁ ରହିବ ।

# କପ୍ତିପଦା ବ୍ଲକ ପ୍ରାଥମିକ ଶିକ୍ଷାର ବିକଳ ଚିତ୍ର: ଛେଳିଗୁହାଳରେ ଚାଲିଛି ପ୍ରାଥମିକ ଶିକ୍ଷା



କପ୍ତିପଦା, ୨୨/୯ (ନି.ପ୍ର): କପ୍ତିପଦା ବ୍ଲକରେ ଥିବା ବିଦ୍ୟାଳୟମାନଙ୍କରେ ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟା ଲାଗି ରହିଥିବାର ଦେଖିବାକୁ ମିଳୁଛି । କେଉଁଠି ପିଲା ସଂଖ୍ୟା ଠାରୁ କମ୍ ଶିକ୍ଷକ ଅଛନ୍ତି ତ ଆଉ କେଉଁଠି ପିଲା ସଂଖ୍ୟା ଠାରୁ ଅଦିକ ଶିକ୍ଷକ ଅଛନ୍ତି । ପୁଣି ବିଦ୍ୟାଳୟମାନଙ୍କୁ ମଧ୍ୟାହ୍ନ ଭୋଜନ ଚାଉଳ ବଣ୍ଟନରେ ବିଭାଗୀୟ ଅଧିକାରୀଙ୍କ ପାତରଅନ୍ତର ନୀତି ଚାଲିଥିବାବେଳେ ଆଉ କେଉଁ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ଦ୍ୱାରା ଜାଲି ରସିଦ୍‌ରେ ବିଦ୍ୟାଳୟର ଅର୍ଥ ହଡପ ଚାଲିଛି କେତେକ ବିଦ୍ୟାଳୟର ଶିକ୍ଷକ ଦୀର୍ଘଦିନ ଧରି ବିଦ୍ୟାଳୟକୁ ନଯାଇ ଦରମା ନେଉଛନ୍ତି ତ ଆଉ କେଉଁଠି ଶିକ୍ଷକମାନେ ପାଳି କରି ବିଦ୍ୟାଳୟକୁ ଯାଉଛନ୍ତି । କେଉଁଠି ଶିକ୍ଷକମାନେ ପାଳି କରି ଦିନ ୧୧ଟା ସମୟରେ ବିଦ୍ୟାଳୟକୁ ଯାଇ ଦିନ ୩ଟା ସମୟରେ ପଳାଇ ଆସୁଛନ୍ତି ତ ଆଉ କେଉଁଠି ଶିକ୍ଷକ ନିଶା ଖାଇ ବିଦ୍ୟାଳୟକୁ ଯାଉଥିବାର ସମ୍ବାଦ ବିଭିନ୍ନ ସମୟରେ ପ୍ରକାଶ ପାଇବାରେ ଲାଗିଛି । ଏହି ଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଜଡିଦା ଗ୍ରାମ ପଞ୍ଚାୟତର ଠାକରାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ । ଏହି ଗ୍ରାମରେ ବିଦ୍ୟାଳୟ ଗୃହ ନଥିବାରୁ ଶ୍ରୀ ଠାକୁରା କିସ୍କୁଙ୍କର ଛେଳିଗୁହାଳ ପିଣ୍ଡାରେ ୨୪ଜଣ ଶିକ୍ଷାର୍ଥୀଙ୍କୁ ପଠାଇବାକୁ ଆସୁଛନ୍ତି ୩ଜଣ ଶିକ୍ଷକ । ପ୍ରଧାନଶିକ୍ଷୟତ୍ରୀ ବବିରେଖା ବିଶ୍ୱାଳ ଓ ଶିକ୍ଷକ ପ୍ରଶାନ୍ତ ମହାକୁଡ ଦିନ ୧୧ଟା ୩୦ମିନିଟ ସମୟରେ ଗାଁରୁ ଡାକି ଆଣି ମାତ୍ର ୪ଜଣ ପିଲାଙ୍କୁ ନେଇ ପ୍ରର୍ଥନା କରିଥିବାବେଳେ ଆଉ ଜଣେ ଶିକ୍ଷକ ସିଦ୍ଧେଶ୍ୱର ପ୍ରଧାନ ଛୁଟିରେ ଥିବାର ପ୍ରଧାନଶିକ୍ଷୟତ୍ରୀ ପ୍ରକାଶ କରିଥିଲେ । ଏସବୁର କାରଣ ସଂପର୍କରେ ଗାଁ ମୁଖିଆ ଠାକୁରା କିସ୍କୁ କହନ୍ତି ଶିକ୍ଷକ ଶ୍ରୀ ପ୍ରଧାନ ବିଦ୍ୟାଳୟ ଅର୍ଥ ହଡପ କରିବାରୁ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ଅଧାପନ୍ତରିଆ ହୋଇପଡିଛି । ଏବେ ଶ୍ରୀ ପ୍ରଧାନ ଅସୁସ୍ଥତା ଯୋଗୁଁ ଦୀର୍ଘଦିନ ଧରି ବିଦ୍ୟାଳୟକୁ ଆସୁନଥିବାର କଥା ଗ୍ରାମବାସୀ କହୁଥିବାବେଳେ ଶିକ୍ଷକ ଶ୍ରୀ ପ୍ରଧାନ ମଝିରେ ମଝିରେ ବିଦ୍ୟାଳୟକୁ ଆସୁଥିବାର କଥା ପ୍ରଧାନଶିକ୍ଷୟତ୍ରୀ କହିଛନ୍ତି । ତେବେ ବିଇଓ ଶ୍ରୀ ଦୀପକ କୁମାର ମିଶ୍ରଙ୍କ ମୋବାଇଲ ବନ୍ଦ ଥିବାରୁ କାର୍ଯ୍ୟରତ ବଡବାବୁ ଅଲେଖ କୁମାର ପାତ୍ର ଶିକ୍ଷକ ଶ୍ରୀ ପ୍ରଧାନ ଅସୁସ୍ଥତା ପାଇଁ ଅଗଷ୍ଟ ୧ ତାରିଖ ଠାରୁ ଅଗଷ୍ଟ ୧୫ତାରିଖ ପର୍ଯ୍ୟନ୍ତ ଛୁଟି ନେଇଥିବାରୁ ତାଙ୍କର ଦରମା ବନ୍ଦ ଅଛି । ପରବର୍ତ୍ତୀ ଖବର ମୋପାଖରେ କିଛି ନଥିବାର ସେ ପ୍ରକାଶ କରିଥିଲେ ।ତେବେ ଗ୍ରାମବାସୀଙ୍କ କହିବାର କଥା ବିଦ୍ୟାଳୟର ବିଭିନ୍ନ ସମସ୍ୟା ସଂପର୍କରେ ବହୁବାର ବିଭାଗୀୟ ଅଧିକାରୀଙ୍କୁ କୁହାଯିବା ସତ୍ତ୍ୱେ ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି ।ତେବେ କେଉଁ କାରଣରୁ ବିଦ୍ୟାଳୟ ଗୃହ ଦୀର୍ଘଦିନ ଧରି ନିର୍ମାଣ ହୋଇପାରିନାହିଁ ଏ ସଂପର୍କରେ ସର୍ବଶିକ୍ଷା ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ରାକେଶ କୁମାର ଜେନା କହିଛନ୍ତି ଶିକ୍ଷକଙ୍କ ନିକଟରୁ ବିଇଓ ବଳକା ଅର୍ଥ ଫେରସ୍ତ କରାଇଛନ୍ତି ଓ ପୂର୍ବରୁ ୨ଲକ୍ଷ ୩୦ହଜାର ଟଙ୍କା ବିଦ୍ୟାଳୟ ଜମା ଖାତାରେ ଅଛି । ଏବେ ଜଡିଦା ପଞ୍ଚାୟତ ଏହାର ଦାୟିତ୍ୱ ନେଇଛି । ପଞ୍ଚାୟତ ତରଫରୁ ଛାତ ପଡି ସାରିବାପରେ ଆମେ ଫିନିସିଙ୍ଗ କରିବୁ ବୋଲି କହିଥିଲେ । ତେବେ ନିର୍ମାଣଧୀନ ବିଦ୍ୟାଳୟ ଗୃହ ନିକଟକୁ ଯିବାପାଇଁ ରାସ୍ତା ଭଲ ନଥିବାରୁ ଗୃହ ଉପକରଣ ନେଇ ଗାଡି ଯାଇପାରୁନାହିଁ ।ତେବେ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ପଞ୍ଚାୟତର କନିଷ୍ଠଯନ୍ତ୍ରୀ ପବିତ୍ର ମୋହନ ସ୍ୱାଇଁ ପ୍ରକାଶ କରିଛନ୍ତି। କିନ୍ତୁ ଶ୍ରେଣୀଗୃହ ନଥିବାରୁ ପିଲାମାନେ ଛେଳିଗୁହାଳ ପିଣ୍ଡାରେ ଦୀର୍ଘଦିନ ଧରି ବସି ପାଠପଢିବା ଘଟଣା ପ୍ରାଥମିକ ଶିକ୍ଷାର ଅସଲ ସ୍ୱରୂପକୁ ପଦାରେ ପକାଇଦେଇଛି ।

## ଖଇରାରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ଖଇରା, ୨୨/୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ହାଇସ୍କୁଲ ପରିସରରେ ରବିବାର ଦିନ ବ୍ଲକ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଆୟୋଜିତ ଏହି ପପ୍ରେଯାଗିତାକୁ ଖଇରା ମହାବିଦ୍ୟାଳୟ ର ଅଧ୍ୟକ୍ଷ ତଥା ସଂସ୍କୃତ ବିଶାରଦ ନିରଞ୍ଜନ ପଣ୍ଡା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଖଇରା ହାଇସ୍କୁଲର ପ୍ରଧାନଶିକ୍ଷୟତ୍ରୀ ସୁଜାତା ସାହୁ,ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ,ରମାକାନ୍ତ ଶତପଥ.ଶିବ ପ୍ରସାଦ ବଳ ପ୍ରମୁଖ ଉଦ୍‌ଘାଟନୀ ସଭାରେ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ପଣ୍ଡିତ ପୁର୍ଣ୍ଣଚନ୍ଦ୍ର ମିଶ୍ର,ଅଧ୍ୟାପକ ଉଦୟରଞ୍ଜନ ଦାସ,ଦେବବ୍ରତୀ ଦାସ, ଚିନ୍ମୟୀ ପଣ୍ଡା ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । ପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ମାନେ ଗୀତାର ଚତୁର୍ଥ ଅଧ୍ୟାୟ ଜ୍ଞାନକର୍ମ ସନ୍ୟାସ ଯୋଗର ଶ୍ଳୋକ ଆବୃତ୍ତି କରି ନିଜର ଦକ୍ଷତା ପ୍ରତିପାଦିତ କରିଥିଲେ । ଶେଷରେ ଜିଲା ସ୍ତରକୁ ମନୋନୀତ ହୋଇଥିବା ପିଲାମାନଙ୍କର ନାମ ଘୋଷଣା କରାଯାଇଥିଲା । ଜିଲା ସଂଯୋଜକ ଅକ୍ଷୟ କୁମାର ପଣ୍ଡା,ପ୍ରଦ୍ୟୁମ୍ନ କୁମାର ନାୟକ ପ୍ରମୁଖଙ୍କ ତତ୍ୱାବଧାନରେ ଏହି ପ୍ରତିଯୋଗିତା ସମ୍ପର୍ଣ୍ଣ ହୋଇଥିଲା ।

## 'ଆଗେଇବା'ର ଭୁବନ ଶାଖା କାର୍ଯ୍ୟାଳୟ ଲୋକାର୍ପଣ

ଭୁବନ, ୨୨/୯ (ନି.ପ୍ର): ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ମହେଶ ସାହୁ ଙ୍କ ସଂପାଦକୀୟ ରେ ପ୍ରକାଶ ପାଉଥିବା ସାପ୍ତାହିକ ଖବରକାଗଜ ' ଆଗେଇବା' ର ଭୁବନ କାର୍ଯ୍ୟାଳୟ ଲୋକାର୍ପଣ କରାଯାଇଛି। ଭୁବନ ଏନ୍ ଏ ସି ଅନ୍ତର୍ଗତ ୱାର୍ଡ ନଂ ୨ ନୂଆ ଭୁବନ ଠାରେ ପ୍ରଥମେ ପୂଜା ପାଠ କରାଯିବା ପରେ ଯୁବ ବିଜେଡ଼ି ନେତା ସଞ୍ଜିବ ପୃଷ୍ଟି ନଡ଼ିଆ ଭାଙ୍ଗି ଉକ୍ତ ଶାଖା କାର୍ଯ୍ୟାଳୟକୁ ଉଦ୍ଘାଟନ କରିଥିଲେ। 'ଆଗେଇବା'ର ଭୁବନ ବ୍ଲକ, ଏନ୍‌ଏସି ମୁଖ୍ୟ ଦେବାନନ୍ଦ ସାହୁ, ଜୟଗୁରୁ ପାତ୍ର ଏବଂ ସାମ୍ବାଦିକ ସୁଶାନ୍ତ କୁମାର ପୋଥାଳ ଙ୍କ ସମେତ ଯୁବ ନେତା ମନୋଜ ସାହୁ, ଅନାମ ସାହୁ, ଟିଟୁ ଦାସ, ଆଦିତ୍ୟ ବାହିନୀ ଭୁବନ ଶାଖା ପ୍ରମୁଖ ମଳୟ ତ୍ରିପାଠୀ,କମଳ ଲୋଚନ ମିଶ୍ର ,ଜୟନ୍ତ ବାରିକ୍, ପ୍ରକାଶ ପୃଷ୍ଟି , ସିପୁନ ଜେନା ଏବଂ ପଣ୍ଡିତ ମତ୍ୟପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମୟୂରଭଞ୍ଜର ସଫଳତା: ୭ ସ୍ୱର୍ଣ୍ଣ ସହ ୨୦ ମେଡେଲ



ବାରିପଦା , ୨୨/୯ (ନି.ପ୍ର): ଓଡିଶା ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମୟୂରଭଞ୍ଜର ଖେଳାଳିମାନେ ୭ ସ୍ୱର୍ଣ୍ଣ ସହ ୨୦ ମେଡେଲ ଅକ୍ତିଆର କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଓ ୨୦ ବର୍ଷରୁ କମ ବର୍ଗରେ ୫ ହଜାର ମି. ଦୌଡରେ ପ୍ରଦୀପ ମହାନ୍ତ ସ୍ୱର୍ଣ୍ଣ ପଦକ ହାସଲ କରି ନୂଆ ରେକର୍ଡ ସୃଷ୍ଟି କରିବା ସହ ୧୦ ହଜାର ମି. ରେ ମଧ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓ ୨୩ ବର୍ଷରୁ କମ ବର୍ଗରେ କପିଳ କୁମାର ୫ ହଜାର ମି.ଦୌଡରେ ସ୍ୱର୍ଣ୍ଣ ପଦକ ହାସଲ କରି ନୂଆ ରେକର୍ଡ କରିବା ସହ ୧୦ ହଜାର ମି. ଦୌଡରେ ରୌପ୍ୟ ପଦକ ହାସଲ କରିଛନ୍ତି ଓ ସେହି ବର୍ଗର ସୁନାରାମ ମୁର୍ମୁ ଜାଭେଲିନ ଥ୍ରୋ ରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଜାତୀୟ ରେକର୍ଡ ଭାଙ୍ଗିଥିବା ବେଳେ ୧୫ ଶହ ମି. ଦୌଡରେ ସୁରେନ୍ଦ୍ର ସିଂ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଏବଂ ରାଉତ ସିଂ ୪ ଶହ ମି. ହାର୍ଡ଼ଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓ ମହିଳା ବିଭାଗରେ ସଂଧ୍ୟା ମୁର୍ମୁ ଦଶ ହଜାର ମି. ଦୌଡରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ୫ ହଜାର ମି. ଦୌଡରେ ରୌପ୍ୟ ପଦକ ହାସଲ କରିଛନ୍ତି ଓ ୨୦ ବର୍ଷରୁ କମ ବର୍ଗରେ ଧର୍ମେନ୍ଦ୍ର ୫ ହଜାର ଓ ୧୦ ହଜାର ମି. ଦୌଡରେ ରୌପ୍ୟ ପଦକ ହାସଲ କରିଛନ୍ତି ଓ ୨୩ ବର୍ଷରୁ କମ ବର୍ଗରେ ନାମସି ସମାଦ ୫ ହଜାର ମି. ଦୌଡରେ ରୌପ୍ୟ, ସଟ ପୁଟ ଥ୍ରୋ ରେ ନେତ୍ରମଣୀ ସିଂ ରୌପ୍ୟ, ଡେକାଥେଲନରେ ରାଲିଆ ମୁର୍ମୁ ରୌପ୍ୟ, ୧୫ ଶହ ମି. ଦୌଡରେ ମିତା ଗୋଇପାଇ ରୌପ୍ୟ ଏବଂ ୮ ଶହ ମି. ଦୌଡରେ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ୮ ହଜାର ମି. ଦୌଡରେ ପ୍ରିୟଦର୍ଶନ ହୋ, ୨୦ ହଜାର ମି. ୱାକିଙ୍ଗରେ ଦଲନ ଚନ୍ଦ୍ର କୁଁଅର ଦେଓ, ୪ ଶହ ମି. ଦୌଡରେ ରାଜେଶ୍ୱରୀ ସିଂ ଓ ପ୍ରେମରାଜ ଟୁଡୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ଓ ଖବର ପାଇ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଏଥଲେଟିକ ସମ୍ପାଦକ ଅମ୍ବିକା ରାଉତ ସମେତ ସମସ୍ତ କାଉନସିଲ ସଦସ୍ୟ ତଥା କ୍ରୀଡ଼ାପ୍ରେମୀ ସମସ୍ତ କୃତୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଜିଲ୍ଲା କ୍ରୀଡା ବିଭାଗ ତରଫରୁ ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି ମଧ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

## ସରିଲା ଶ୍ରୀମନ୍ଦିର ...

ପ୍ରସ୍ତୁତ କରିପାରିବେ ଘଏଜଓ ବିଶେଷଜ୍ଞ। ଉଭୟ ଭିତର ଓ ବାହାର ରତ୍ନ ଭଣ୍ଡାରରେ ରାଡର ସର୍ଭେ କରାଯାଇଛି। ପୂର୍ବରୁ ଏଏସ୍‌ଆଇ ମଧ ରତ୍ନ ଭଣ୍ଡାର ବାହାର କାନ୍ଥର ଲେଜର ସର୍ଭେ କରି ବିଭିନ୍ନ ଦିଗରେ ଫାଟ ଚିହ୍ନଟ କରିଥିଲା। ତେବେ ଚଳିତ ମାସ ୧୮ ତାରିଖରେ ଘଏଜଓ ଟିମ୍ ମଧ ଲେଜର୍ ସର୍ଭେ କରିଥିଲା। ଶନିବାର ଆଉ ଗୋଟିଏ ରାଉଣ୍ଡ ସର୍ଭେ ହୋଇଥିଲା। ଆଜି ପ୍ରାୟ ୮ ଘଣ୍ଟା କାଳ ଭର୍ଟିକାଲ ଓ ହୋରାଇଜେଣ୍ଟାଲ ସର୍ଭେ କରି ବିଭିନ୍ନ ଡାଟା ସଂଗ୍ରହ କରିଛନ୍ତି ଘଏଜଓ ବୈଜ୍ଞାନିକ। ପ୍ରାୟ ଅଧ ମିଟର ଅନ୍ତରରେ ବାରମ୍ବାର ସର୍ବେକ୍ଷଣ କରାଯାଇଛି। ଜୁଲାଇ ୧୪ ତାରିଖରୁ ରତ୍ନଭଣ୍ଡାର ଖୋଲିବା ଓ ମରାମତି ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମରାମତି ପୂର୍ବରୁ ପୂର୍ଣ୍ଣାଙ୍ଗ ବୈଷୟିକ ସର୍ଭେ ରିପୋର୍ଟ ହସ୍ତଗତ କରିବାକୁ ଏସ୍‌ଓପିରେ ଉଲ୍ଲେଖ ରହିଛି। ଆସନ୍ତାକାଲି ଭକ୍ତମାନେ ମହାପ୍ରଭୁଙ୍କୁ ବିନା ଦ୍ୱିଧାରେ ମହାପ୍ରଭୁଙ୍କୁ ଦର୍ଶନ ପାଇପାରିବେ। ତେବେ ଛତିସାନିଯୋଗ ନାୟକ କହିଛନ୍ତି ସବୁ ସର୍ଭେ କାମ ଶେଷ ହୋଇଛି। ରତ୍ନଭଣ୍ଡାର ଭିତରେ ଆଉ କିଛି କୋଠରୀ ଅଛି କି ନାହିଁ ତାହା ମହାପ୍ରଭୁ ଜାଣନ୍ତି। ହେଲେ କିଛି ଥାଇପାରେ ବୋଲି ସନ୍ଦେହ ରହିଛି। ରିପୋର୍ଟ ଆସିବା ପରେ ସବୁ ସ୍ପଷ୍ଟ ହୋଇଯିବ।

## ଏୟାପୋର୍ଟ ନାଁରେ ମାଲକାନଗିରିବାସୀଙ୍କୁ ...

ଏୟାରପୋର୍ଟ ପରିଚାଳନା ଉଦ୍ଦେଶ୍ୟରେ ଏରୋଡ୍ରମ୍ ଲାଇସେନ୍ସ ଲାଗି ଆବେଦନ ଆସି ନଥିବା ମଧ ସ୍ପଷ୍ଟ କରିଛି ଡିଏଡଇ। ତେବେ ଏଠି ପ୍ରଶ୍ନ ଉଠୁଛି, ୨୦୨୪ ଜାନୁଆରୀ ୯ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିମାନବନ୍ଦର ଉଦ୍‌ଘାଟନ ହେଲା ବୋଲି କାହିଁକି ମିଛ କହିଥିଲେ ? ଯଦି ବିମାନବନ୍ଦର ଉଦଘାଟନ ହୋଇ ନଥିଲା, ତାହାହେଲେ ଏଥିପାଇଁ ଖବର କାଗଜରେ କାହିଁକି ଦିଆଯାଇଥିଲା ଲମ୍ବା ଲମ୍ବା ବିଜ୍ଞାପନ ? କାହିଁକି କରାଯାଇଥିଲା ମାଳ ମାଳ ପ୍ରଚାର ପ୍ରସାର ? ନିର୍ବାଚନକୁ ଦୃଷ୍ଟିରେ ରଖି ମାଲକାନଗିରିର ନିରୀହ ଜନତାଙ୍କୁ ଭୂଆଁ ବୁଲାଇଥିଲା କି ପୂର୍ବର ବିଜେଡି ସରକାର ? ସେପଟେ ବିମାନ ସେବା ବିଶେଷଜ୍ଞଙ୍କ ମତ, ଡିଏଡଇର ବିନା ଅନୁମତିରେ ଚାଲିପାରିବନି ବିମାନବନ୍ଦର। ଏୟାରପୋର୍ଟରେ ଯାତ୍ରୀଙ୍କ ଲାଗି ଟିକେଟ କାଉଣ୍ଟର, ଆନୁସଙ୍ଗିକ ବ୍ୟବସ୍ଥା ସହ ସୁରକ୍ଷା ଲାଗି ଚେକ୍ ଇନ୍ ବ୍ୟବସ୍ଥା ରହିବା ଜରୁରୀ। ତେବେ ରାଜ୍ୟରେ ହେଲିକପ୍ଟର ଉଡ଼ାଣ ଉଦ୍ଦେଶ୍ୟରେ ଏୟାରଷ୍ଟ୍ରିପ୍ ସ୍ଥାପନ ପାଇଁ ଡିଜିସିଏର ଅନୁମତି ଆବଶ୍ୟକ ନାହିଁ। ତେଣୁ ଏହା ବିମାନବନ୍ଦର ଥିଲା ନା ଏୟାରଷ୍ଟ୍ରିପ୍ ତାକୁ ନେଇ ପୁଣି ଉଠିଛି ପ୍ରଶ୍ନ। କିଛି ଦିନ ତଳେ ମାଲକାନଗିରି ବିମାନବନ୍ଦରରେ ଦେଖିବାକୁ ମିଳିଥିଲା ବିଚିତ୍ର ଚିତ୍ର। ତଥାକଥିତ ବିମାନବନ୍ଦର ଭିତରେ ଚରୁଥିଲେ ଗାଇପଲ। ଟର୍ମିନାଲରେ ଶୋଇଥିଲେ ବୁଲା କୁକୁର। ବିମାନବନ୍ଦର ଟର୍ମିନାଲରୁ ରନୱେକୁ ଯାଇଥିବା ରାସ୍ତାରେ ଘାଇ ପଡ଼ିଥିଲା। ପାଚେରୀରୁ ଝରଣା ଭଳି ପାଣି ଝରୁଥିଲା। ଏବେ ଅପେକ୍ଷା ମାଲକାନଗିରିର ଏହି ତଥାକଥିତ ବିମାନ ବନ୍ଦର ଆଗକୁ କେଉଁ ରୂପ ନେଉଛି।

## 'ସୁଭଦ୍ରା' ପାଇଁ ଅଙ୍ଗନୱାଡ଼ି ...

ଅଙ୍ଗନୱାଡ଼ି ଦିଦି କେନ୍ଦ୍ରରେ ନିଜର କାମ କରୁଥିଲେ। ଠିକ୍ ସେହି ସମୟରେ ଗାଁର କିଛି ଅଙ୍ଗନୱାଡ଼ି କେନ୍ଦ୍ରରେ ପଶି ଉର୍ମିଳାଙ୍କ ସହିତ ଯୁକ୍ତିତର୍କ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଏକ ଗଛରେ ବାନ୍ଧି ଦେଇ ନିସ୍ତୁକ ମାଡ଼ ମାରିଥିଲେ। ଖବର ପାଇ ମହାପଦା ଗାଁରେ ପହଞ୍ଚିଥିଲେ ବାଲିଆପାଳ ସିଡିପିଓ ପାର୍ବତୀ ମୁର୍ମୁ ଓ କିଛି ଅଙ୍ଗନୱାଡ଼ି କର୍ମୀ। ମହିଳାଙ୍କୁ ବୁଝାସୁଝା କରିବା ସହିତ ଉର୍ମିଳାଙ୍କୁ ଉଦ୍ଧାର କରି ପ୍ରଥମେ ବସ୍ତା ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତ୍ୱର ହେବାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଏବେ ସେ ମେଡ଼ିକାଲ୍‌ରେ ଚିକିତ୍ସାଧୀନ ଥିବା ବେଳେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ୍ ୩ ଜଣ ମହିଳାଙ୍କୁ ଗିରଫ କରିଛି। ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଅଙ୍ଗନୱାଡି ଦିଦିଙ୍କୁ ମାଡ଼ ଘଟଣାକୁ ଗୁରୁତର ସହ ନେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ସେ କହିଛନ୍ତି, ବାଲେଶ୍ୱର ଘଟଣାରେ ଦୃଷ୍ଟାନ୍ତମୂଳକ ଶାସ୍ତିବିଧାନ ହେବ। ଦଳମତ ନିର୍ବିଶେଷରେ 'ସୁଭଦ୍ରା' ଯୋଜନା ଦିଆଯାଇଛି। ଏଥିରେ ଯଦି କାହାକୁ ପୀଡା ହେଉଛି ସରକାର ନିଷ୍ପତ୍ତି ନେବେ। ମନ୍ଦ ଉଦ୍ଦେଶ୍ୟ ରଖି କିଛି ଲୋକ ଏଭଳି କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟରରେ...

ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଟେକ୍‌ଅପ୍ କରିପାରିନଥିଲା। ବର୍ଷା କମିବା ପରେ ମୁଖ୍ୟମନ୍ତ୍ରୀ ଓ ସାଂସଦ ହେଲିକପ୍ଟରରେ ବସିବା ପାଇଁ ଆସିଥିଲେ। ହେଲେ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ ବାତିଲ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦୁଝର ସାଂସଦ ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ ତେଲକୋଇ ବିଧାୟକ ଡକ୍ଟର ଫକୀର ମୋହନ ନାଏକ ସଡ଼କ ପଥରେ ଭୁବନେଶ୍ୱର ଫେରୁଥିବା ଜଣାପଡ଼ିଛି।

## ବନ୍ଦ ପାଇଁ ବୈଠକ ଡାକିଥିଲା ...

ଦୁଇ ଜଣ କାଉନ୍‌ସିଲରଙ୍କୁ ବିରୋଧ କରି ଅନ୍ୟ କାଉନ୍‌ସିଲର ଓ କର୍ମକର୍ତ୍ତାମାନେ ବୈଠକରୁ ଉଠି ଆସି ହୋ-ହଲ୍ଲା କରିଛନ୍ତି। ଏନେଇ ବୈଠକରେ ହୋଇଥିବା ହୋହାଲ୍ଲା ଉପରେ ବିଜେଡି ନେତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ସୂଚନାଯୋଗ୍ୟ, କମିସନରେଟ୍ ପୁଲିସ ଅଧୀନ ଭରତପୁର ଥାନାରେ ଗତ ୧୫ ତାରିଖ ରାତି ସେନାବାହିନୀର ମେଜର ଓ ତାଙ୍କ ବାନ୍ଧବୀଙ୍କୁ ହୋଇଥିବା ଦୁର୍ବ୍ୟବହାର ମାମଲାରେ ବିଜେଡି ଆସନ୍ତା ୨୪ ତାରିଖ ଦିନ ଭୁବନେଶ୍ୱରରେ ୬ ଘଣ୍ଟିଆ ବନ୍ଦ ଡାକରା ଦେଇଛି। ଏହି ଆନ୍ଦୋଳନ ସକାଳ ୬ଟାରୁ ଆରମ୍ଭ ହୋଇ ଦିନ ୧୨ଟା ପର୍ଯ୍ୟନ୍ତ ଜାରି ରହିବ। ଆନ୍ଦୋଳନ ପୂର୍ବରୁ ଆଜି ଅପରାହ୍ନରେ ବିଜେଡି ମୁଖ୍ୟ କାର୍ଯ୍ୟାଳୟ 'ଶଙ୍ଖ ଭବନ'ରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ବୈଠକରେ ଭୁବନେଶ୍ୱରର ୩ ନିର୍ବାଚନମଣ୍ଡଳୀର ସଙ୍ଗଠକ ଓ ସମସ୍ତ କାଉନ୍‌ସିଲର ଯୋଗଦେଇଥିଲେ। ଏଥିରେ ବିଜେଡିର ବରିଷ୍ଠ ନେତୃମଣ୍ଡଳୀ ମଧ ଉପସ୍ଥିତ ରହିଥିଲେ। ତେବେ ବୈଠକ ଆରମ୍ଭ ହେବା ପୂର୍ବରୁ ବିଶୃଙ୍ଖଳା ପରିସ୍ଥିତି ଦେଖାଯାଇଥିଲା। ବିଜେଡି କାଉନ୍‌ସିଲ୍‌ର ବିରଞ୍ଚି ନାରାୟଣ ମହାସୁପକାର ଓ ଅମରେଶ ଜେନାଙ୍କୁ ଅନ୍ୟ କାଉନ୍‌ସିଲରମାନେ ତୀବ୍ର ବିରୋଧ କରିଥିଲେ। ଦଳ ବିରୋଧରେ କାମ କରୁଥିବା ଅଭିଯୋଗ ଆଣି ଏହି ଦୁଇ କର୍ପୋରେଟରଙ୍କୁ ବିରୋଧ କରି ଅନ୍ୟ କର୍ପୋରେଟରମାନେ ବୈଠକକୁ ବର୍ଜନ କରିଥିଲେ। ଫଳରେ କିଛି ସମୟ ପର୍ଯ୍ୟନ୍ତ ବୈଠକରେ ହୋ-ହଲ୍ଲା ହୋଇଥିଲା। ପରିସ୍ଥିତି ଏମିତି ହୋଇଥିଲା ଯେ ବରିଷ୍ଠ ବିଜେଡି ନେତା ଦେବୀ ମିଶ୍ର ଓ ବିଧାୟକ ଅରୁଣ ସାହୁଙ୍କୁ ଘଟଣାର ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଉଭୟ ନେତା ବୈଠକରୁ ଉଠି ଆସିଥିବା କାଉନ୍‌ସିଲରଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ପ୍ରତ୍ୟାଶା ରାୟ ପାଇବେ...

ଏକଲବ୍ୟ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ତାଙ୍କୁ ପୁରସ୍କାର ବାବଦକୁ ୭ ଲକ୍ଷ ଟଙ୍କା ଓ ମାନପତ୍ର ପ୍ରଦାନ କରାଯିବ। ଏହି ଅବସରରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଧାବକ ଦଣ୍ଡପତି ମୃତ୍ୟୁମ୍ ଜୟରାମ ଓ ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍ୱୀ ପତ୍ରୀଙ୍କୁ ମଧ ପୁରସ୍କୃତ କରାଯିବ। ସେମାନଙ୍କୁ ୧.୫ ଲକ୍ଷ ଟଙ୍କା ଲେଖାଏଁ ସହିତ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯିବ। ଭାରତର ପ୍ରମୁଖ ଫେରୋ ଆଲଏଜ୍ ଉତ୍ପାଦନକାରୀ କମ୍ପାନୀ (ଇମ୍ପା) ଦ୍ୱାରା ପରିଚାଳିତ 'ଇଣ୍ଡିଆନ୍ ମେଟାଲସ୍ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ' (ଇମ୍ପାକ୍ଟ) ୧୯୯୩ ମସିହାରେ ଏକଲବ୍ୟ ପୁରସ୍କାର ପ୍ରତିଷ୍ଠା କରିଥିଲା। ଜାତୀୟ ସ୍ତରର ବହୁ ପୁରସ୍କାର ସମାନ୍ତରାଳରେ ଏବେ ଏହା ଓଡ଼ିଶାର ସବୁଠାରୁ ମର୍ଯ୍ୟାଦା ଜନକ କ୍ରୀଡା ସମ୍ମାନ ରୂପେ ପ୍ରଖ୍ୟାତ। କ୍ରୀଡାକ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ ଯୁବ ଓଡ଼ିଆ କ୍ରୀଡାବିତମାନଙ୍କୁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଚଳିତବର୍ଷ ଏକଲବ୍ୟ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରିବା ଅବସରରେ 'ଇମ୍ପାକ୍ଟ'ର ଟ୍ରଷ୍ଟି ତଥା ଏକଲବ୍ୟ ପୁରସ୍କାର କମିଟିର ଅଧକ୍ଷ ବୈଜୟନ୍ତ ପଣ୍ଡା କହିଛନ୍ତି, ଏହି ପୁରସ୍କାର ମାଧ୍ୟମରେ ରାଜ୍ୟର ଉଦୀୟମାନ କ୍ରୀଡାବିତ୍‌ମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ହେଉଛି ଆମର ମୂଳ ଲକ୍ଷ୍ୟ। ଯାହାଫଳରେ ସେମାନେ ଅଧିକରୁ ଅଧିକ ଉନ୍ନତ କ୍ରୀଡା ପ୍ରଦର୍ଶନ କରି ରାଜ୍ୟ ତଥା ଦେଶ ପାଇଁ ସୁନାମ ଅର୍ଜନ କରିପାରିବେ। କ୍ରୀଡା ବ୍ୟତୀତ ସାହିତ୍ୟ, କଳା, ସ୍ଥାପତ୍ୟ ଓ ସ୍ୱାସ୍ଥ୍ୟସେବା ଆଦିକୁ ମଧ ପ୍ରୋତ୍ସାହନ ପ୍ରଦାନ କରାଉଛି। ଯାହା ଆଗକୁ ମଧ ଜାରି ରହିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ଟ୍ରେନ୍ ଦୁର୍ଘଟଣା...

ସୁରକ୍ଷା ବାହିନୀ ଏବଂ ଅନ୍ୟ ଦଳ ସିଲିଣ୍ଡର ଯାଞ୍ଚ କରି ଟ୍ରାକରୁ ହଟାଇଛନ୍ତି। ଏନେଇ ତଦନ୍ତ ଜାରି ରହିଛି। କାନପୁରରେ ଏହା ହେଉଛି ତୃତୀୟ ଘଟଣା। କିଛି ଦିନ ପୂର୍ବରୁ ପଙ୍କି ଶିଳ୍ପାଞ୍ଚଳ ନିକଟରେ ସାବରମତୀ ଏକ୍ସପ୍ରେସର ଇଞ୍ଜିନ ଏବଂ ୨୦ଟି ବଗି ଟ୍ରାକ୍‌ରୁ ଲାଇନ୍‌ଚ୍ୟୁତ ହୋଇଥିଲା। ଉକ୍ତ ମାମଲାରେ ଅଜ୍ଞାତ ବ୍ୟକ୍ତିଙ୍କ ବିରୋଧରେ ଏକ ଏଫ୍‌ଆଇଆର ଦାଖଲ କରାଯାଇଥିଲା। ଗୁଜରାଟର ସୁରଟ ନିକଟରେ ରେଳ ଟ୍ରାକ୍‌ରେ ଥିବା ମାଛ ପ୍ଲେଟ ଏବଂ ଚାବି ରଖାଯାଇଥିବା ଦେଖିବାକୁ ମିଳିଥିଲା। ଏହି ଘଟଣା ଶନିବାର ଘଟିଥିବା ବେଳେ ଆଜି ଟ୍ରାକ୍‌ରୁ ଗ୍ୟାସ୍ ସିଲିଣ୍ଡର ମିଳିଥିବା ଅଧିକାରୀମାନେ କହିଛନ୍ତି।

# ମୀରାବାଇ କଳା ବିକାଶ କେନ୍ଦ୍ର ତରଫରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

ଭୁବନ, ୨୨/୯ (ନି.ପ୍ର): ଭୁବନର ସର୍ବପୁରାତନ କଳା,ସଂସ୍କୃତି ଅନୁଷ୍ଠାନ ମିରାବାଇ କଳା ବିକାଶ କେନ୍ଦ୍ର ତରଫରୁ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନାଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଦେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କଳା ବିକାଶ କେନ୍ଦ୍ର ମୁଖ୍ୟ ଭଗବାନ ଗୁରୁଙ୍କ ସଭପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜିବୀ ସନାତନ ଗୁରୁ, କାଳୀ ବଜାର ବଣିକ ସଂଘ ସଭାପତି ସମୀର କୁମାର ସାହୁ ଓ ପୂର୍ବତନ କାଉନସିଲର ସନ୍ତୋଷ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ ।

ସୋମବାର, ୨୩ ସେପ୍ଟେମ୍ବର , ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ୫ବର୍ଷ ପରେ ବି ଖଇରାରେ କାର୍ଯ୍ୟକ୍ଷମ ହୋଇପାରିଲାନି କୋର୍ଟ

ଖଇରା, ୨୨/୯ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରାରେ କୋର୍ଟ ଖୋଲିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇବାର ୫ବର୍ଷ ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ କୋର୍ଟ ବିଧିବଦ୍ଧ ଭାବେ ଖୋଲି ପାରିଲାନି । ଏଭଳି ଅସ୍ଥାୟୀ କୋର୍ଟ ପାଇଁ ଖଇରା ରାଜିବଗାନ୍ଧୀ ଭବନରେ ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ସରିଥିଲେ ହେଁ ଏ ପର୍ଯ୍ୟନ୍ତ କୋର୍ଟ ଚାଲିବା ପାଇଁ ଅନୁମତି ମିଳି ପାରୁନି । ଖଇରା ପ୍ରତି ଏଭଳି ଅବହେଳାକୁ ନେଇ ଖଇରାର ପ୍ରାୟ ସମସ୍ତ ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ସଙ୍ଗଠନ ଦାବୀ କରିଆସୁଥିଲେ ହେଁ ଏ ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଶିତଳ ଭଣ୍ଡାରରେ ପଡି ରହିଛି । ପୁଣି ଥରେ କୋର୍ଟ କାର୍ଯ୍ୟକ୍ଷମ କରିବା ନେଇ ଖଇରା ବରିଷ୍ଠ ନାଗରିକ ମଞ୍ଚ ଅଣ୍ଟା ଭିଡିଛି । ଏ ସମ୍ପର୍କରେ ଲିଖିତ ଦାବୀପତ୍ର ଖଇରା ବିଡିଓ ଅନନ୍ତ କୁମାର ହାଁସଦାଙ୍କ ଜରିଆରେ ହାଇକୋର୍ଟ ମୁଖ୍ୟବିଚାରପତି ଚକ୍ରଧାରି ସରଣସିଂ ଓ ରାଜ୍ୟ ଆଇନମନ୍ତ୍ରୀ ପୃଥିରାଜ ହରିଚନ୍ଦନଙ୍କୁ ପ୍ରଦାନ କରିଛନ୍ତି । ୨୦୧୯ମସିହା ରେ ଖଇରାରେ ଜେଏମଏଫସି କୋର୍ଟ ଖୋଲିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ନିଜସ୍ୱ ଯାଗାରେ କୋର୍ଟ ଚାଲିବା ପୂର୍ବରୁ ଅସ୍ଥାୟୀ ଖଇରା ବ୍ଲକ ପରିସରରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଚଳାଇବା ପାଇଁ ୨୦୨୨ ଅକ୍ଟୋବର୧୦ ତାରିଖରେ ଜିଲା ବିଚାରପତିଙ୍କ ନେତୃତ୍ୱରେ ଯାଗା ପରିଦର୍ଶନରେ ଆସିଥିବା ଟିମ୍ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଭିତ୍ତିରେ କାର୍ଯ୍ୟ କରାଯିବା ପରେ ଜାନୁଆରୀ ରେ ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ଶେଷ ହୋଇଥିଲା । ୮ମାସ ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ କୋର୍ଟ ଖୋଲିବା ଦିନକୁ ଖଇରାବାସୀ ଚାତକ ଭଳି ଅପେକ୍ଷା କରି ରହିଛନ୍ତି । ପୂର୍ବଭଳି ଖର୍ଚ୍ଚାନ୍ତ ହୋଇ ୩୦କିମି ଦୂର ସୋରଦୌଡିବା କଷ୍ଟରୁ ମୁକୁଳିପାରୁ ନାହାଁନ୍ତି । ନିକଟରେ ଖଇରା ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ କୋର୍ଟ ଖୋଲାଯିବା ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ସମ୍ପାଦକ ମୁକ୍ତିକାନ୍ତ ଶତପଥିଙ୍କ ନେତୃତ୍ୱରେ ସଦସ୍ୟ ମାନେ ବିଡିଓଙ୍କୁ ତାଙ୍କର ଦାବୀପତ୍ର ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସହ ଯୋଗାଯୋଗ କରିବାରେ କିଭଳି କୋର୍ଟ ଶିଘ୍ର ଖୋଲିବ ସେଥିପାଇଁ ସେ ପ୍ରୟାଶ କରୁଥିବା କହିଛନ୍ତି ।

## ବହୁଦେଶୀୟ କମ୍ପାନୀକୁ ମିରିଗିଣିରେ ବିରୋଧ: ପ୍ରତିବାଦରେ ଖଣ୍ଡିଆ ହୁଡ଼ି ସୁରକ୍ଷା ମଞ୍ଚପକ୍ଷରୁ ଜନ ସମାବେଶ



ନୀଳଗିରି, ୨୨/୯ (ନି.ପ୍ର): ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ମିରିଗିଣି ଖଣ୍ଡିଆ ହୁଡ଼ିକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିବା ପରେ 'ଖଣ୍ଡିଆହୁଡ଼ି ସୁରକ୍ଷାମଞ୍ଚ' ତରଫରୁ ଗତ ବୁଧବାର ସନ୍ଧ୍ୟାରେ ମିରିଗିଣୀ ଠାରେ ବହୁଦେଶୀୟ କମ୍ପାନୀକୁ ଉକ୍ତ ପଥର ଖାଦାନ ନ ଦେବାପାଇଁ ଉକ୍ତ ସୁରକ୍ଷା ମଞ୍ଚ ପକ୍ଷରୁ ଏକ ବୈଠକ କରାଯାଇଥିଲା । ମଞ୍ଚ ପକ୍ଷରୁ ନିଷ୍ପତିର ପୁନର୍ବିଚାର ପାଇଁ ଉପରିସ୍ଥ ଅଧିକାରୀ ମାନଙ୍କୁ ଲିଖିତ ଭାବେ ଅଭିଯୋଗ ଦିଆଯାଇଅଛି । ଏନେଇ ଆଜି ଅପରାହ୍ନ ରେ ନିକଟ ଶାଳବନ୍ଧ ପଡ଼ିଆରେ ଖଣ୍ଡିଆ ହୁଡ଼ି ସୁରକ୍ଷାମଞ୍ଚ ପକ୍ଷରୁ ଏକ ଜନ ସମାବେଶ କରାଯାଇଥିଲା । ସରକାରୀ ନିୟମ ଅନୁଯାଇ, ଇକୋ ସେନସେଟିଭ ଜୋନ ବାଉଣ୍ଡାରି ଠାରୁ ୧୦୦୦ ମିଟର ମଧରେ କୌଣସି ଖନନ କାର୍ଯ୍ୟ ହୋଇପାରିବ ନାହିଁ । ତେଣୁ ଉଦେଶ୍ୟ ମୂଳକ ଭାବେ ଏହି ପାହାଡ଼ାକୁ ଏସ -୧, ଓ ଏସ -୨ ଦୁଇ ଭାଗରେ ବିଭକ୍ତ କରି ଏସ -୨ କୁ ହଜାରେ ମିଟର ଦୂରରେ ଦର୍ଶାଇ, ଏସ - ୧ କୁ ୧୪୦ ମିଟର ଦୂରରେ ରହିଥିବାର ଦର୍ଶାଯାଇଅଛି । ମାତ୍ର ଏହି ସର୍ଭେ ରିପୋର୍ଟ କୁ ଚାଲେଞ୍ଜ କରି ଏହା ଜନବସତି ଭିତରେ ରହିଥିବା ବେଳେ ଇକୋ ସେନସେଟିଭ ଜୋନ ରେ ଯାଉଥିବା ବେଳେ ଖଣ୍ଡିଆହୁଡ଼ି ସୁରକ୍ଷା ମଞ୍ଚପକ୍ଷରୁ ଏହାକୁ ଅବଗତ କରିଛନ୍ତି । ପଥର ଖନନ ହେଲେ ନିକଟସ୍ଥ ବାସ ଗୃହ ଉପରେ ପ୍ରତିକୂଳ ପ୍ରଭାବ ପକାଇବ, କର୍ତ୍ତୃପକ୍ଷ ଙ୍କ ଦ୍ୱାରା ଏହି ମାଇନିଂ କାର୍ଯ୍ୟ ପାଇଁ କୌଣସି ଜନ ଶୁଣାଣି ବା ଗ୍ରାମ ସଭା ଅଦ୍ୟାବଧି କରାଯାଇ ନାହିଁ । ଖଣି ଖନନହେଲେ ପ୍ରସ୍ତାବିତ ଅଞ୍ଚଳରେ ଭୂତଳ ଜଳ ସ୍ତର ହ୍ରାସ ପାଇବା ଯୋଗୁଁ ଭବିଷ୍ୟତ ରେ ପାନୀୟ ଜଳ ସଙ୍କଟ ଆଶଙ୍କା, ବ୍ଲାଷ୍ଟିଙ୍ଗ ହେଲେ ଖଣ୍ଡିଆହୁଡ଼ି ପାର୍ଶ୍ୱବର୍ତ୍ତୀ ଗ୍ରାମ ଶାଳବନ୍ଧ, ଚତୁରୀ ସାହି, ଧଡ଼ା ସାହି, ବେତଶୁଳ, ମିରିଗିଣି, ପଥୁରିଆ, ଯାଉଁରୀ, ବେତଶୁଳ, ଧଡ଼ା ସାହି, ସିଆଡ଼ିମାଳ, ସୀତାପତିପୁର, ଗକୁଳପାଣି, କାନପୁର, ନିଶ୍ଚନ୍ତପୁର ପ୍ରମୁଖ ଗ୍ରାମ ମାନଙ୍କରେ ବସବାସ କରୁଥିବା ଲୋକଙ୍କ ବାସ ଗୃହର ସ୍ଥାୟିତ୍ୱ ପ୍ରତି ବିପଦ ବଢ଼ିବା ସହ ସ୍ଥାନୀୟ ଅଞ୍ଚଳବାସୀ, ଶ୍ୱାସ, କାଶ ଭଳି ମାରାତ୍ମକ ରୋଗରେ ଶିକାର ହେବେବୋଲି ଉପସ୍ଥିତ ନେତୃ ମଣ୍ଡଳୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ରାଜ୍ୟ ଓ କେନ୍ଦ୍ର ସରକାର ସ୍ଥାନୀୟ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ପରିବେଶ ମଞ୍ଜୁରୀର ପୁନର୍ବିଚାର କରି ମଞ୍ଜୁରୀ ବାତିଲ କରିବା ପାଇଁ ଖଣ୍ଡିଆ ହୁଡ଼ି ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଇଛି । ଯଦି ଆଗାମୀ ଦିନରେ ଉଚିତ ନ୍ୟାୟ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ରେ ଆଶ୍ରୟ ନିଆଯିବବୋଲି ପ୍ରକାଶ କରିଛନ୍ତି । ଅନୁଷ୍ଠିତ ଜନ ସମାବେଶରେ ସୁରକ୍ଷାମଞ୍ଚର ଉପଦେଷ୍ଟା ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଅଧକ୍ଷତା କରିଥିଲା ବେଳେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡ଼ି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହି, ରାଜ୍ୟ ବିଜେଡ଼ି ପ୍ରବକ୍ତା ଡଃ ଲେଖାଶ୍ରୀ ସାମନ୍ତ ସିଂହାର, ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ଆବାହକ ପୂର୍ବତନ ନଗରପାଳ କ୍ଷେତ୍ରମୋହନ ସିଂ, ପୂର୍ବତନ କାଉନସିଲର ଲୋକନାଥ ଦଳେଇ, ନିଜଗଡ ସମବାୟ ସମିତି ସଭାପତି ରାମଚନ୍ଦ୍ର ଦାସ, ଯୁବ ସମାଜସେବୀ ଶରତ ଦାସ, ସୁନିଲ କୁମାର ପ୍ରଧାନ, ରବିନ୍ଦ୍ର ସିଂ, ବୈଦ୍ୟନାଥ ସିଂ ମାନସ ବେହେରା ଅଭିରାମ ପାତ୍ର, ବିଷ୍ଣୁନାରାୟଣ ଜେନା, ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଟୁଆ ସମେତ ବହୁ ଅଞ୍ଚଳବାସୀ ଏହି ବୈଠକରେ ଯୋଗଦେଇ ଆଲୋଚନା କରିଥିଲେ।

## ବାଲିଆପାଳ ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ




ଲଙ୍ଗଳେଶ୍ୱର, ୨୨/୯ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପ୍ରତାପପୁର ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଦଶମ ବ୍ଲକ ସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ।ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷଇତ୍ରୀ ରେବତୀ ଜେନା ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବାଲିଆପାଳ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, ଶୁକଦେବ ମହାନ୍ତି, ବିନୋଦ କୁମାର ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଦ୍ୟାଳୟର ଶିକ୍ଷକ ପୁଲକ କୁମାର ସ, କମଳ ଲୋଚନ ପାଢ଼ୀ, ହରେକୃଷ୍ଣ ମାଝୀ, ଅନୀଲ ଧଳ, ରାମଚନ୍ଦ୍ର ସେଠୀ, ଶିକ୍ଷୟିତ୍ରୀ ଶୁମତି ସି, ମାମିନା ଦାସ, ପ୍ରତିମା ଦାସ, ମୌସୁମୀ ଦାସ, ସୁଚିସ୍ମିତା ପରିଡ଼ା, ସଂଯୁକ୍ତା ତ୍ରିପାଠୀ, କର୍ମଚାରୀ ଜୟନ୍ତୀ ପଣ୍ଡା, ସଶିଧର ମଣ୍ଡଳ, ଚିନ୍ମୟ ପ୍ରାମାଣିକ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ପରିଚାଳନା କମିଟି ର ଚେୟାରମେନ ସୃଜୟ କୁମାର ପାତ୍ର ତଥା ସମସ୍ତ ସଦସ୍ୟ ସଦସ୍ୟା, ଶିରିଡି ସାଇ ଗ୍ରୁପ ର ସମସ୍ତ ସଦସ୍ୟା ମାନେ ମଧ ସହଯୋଗ କରିଥିଲେ।

## ପୋଖରୀରୁ ଉଦ୍ଧାର ମୃତ ବୃଦ୍ଧଙ୍କ ଶବକୁ ନେଇ ସନ୍ଦେହ: ବୁଡି ମରିଥିବା ଅଭିଯୋଗ

ନୀଳଗିରି , ୨୨/୯ (ନି.ପ୍ର): ବରହମପୁର ଥାନା ପିଠାହଟା ପଞ୍ଚାୟତ ପିଠାହଟା ଗ୍ରାମର ଜଣେ ବୃଦ୍ଧ ପୋଖରୀରେ ବୁଡି ମରିଥିବା ନେଇ ବରହମପୁର ଥାନାରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ଉକ୍ତ ଗ୍ରାମର ବାଇନ ମହାକୁଡ (୬୫) ପୂର୍ବାହ୍ନ ୯ଟା ସମୟରେ ନିକଟସ୍ଥ ମା ଥାନମାତା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ମାତ୍ର ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ବାଇନଙ୍କ ପତ୍ତା ମିଳିନଥିଲା। ଶେଷରେ ନୀଳଗିରି ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଅପରାହ୍ନ ୫ଟା ସମୟରେ ଉକ୍ତ ପୋଖରୀରୁ ବୃଦ୍ଧ ବାଇନଙ୍କ ମୃତଦେହ ଅଗ୍ନିଶମ ବିଭାଗ ଉଦ୍ଧାର କରି ବରହମପୁର ପୋଲିସକୁ ଜିମା ଦେଇଥିବା ଜଣା ପଡ଼ିଛି। ଅପର ପକ୍ଷରେ ମୃତ ବୃଦ୍ଧଙ୍କ ପୁତୁରା ରାଜେନ୍ଦ୍ର ମହାକୁଡ ବରହମପୁର ଥାନାରେ ଲିଖିତ ଏତଲା ଦେଇଥିବା ଜଣାଯାଇଛି। କିନ୍ତୁ ମୃତ ବୃଦ୍ଧଙ୍କ ମୁହଁରୁ ରକ୍ତ ବାହାରୁଥିବା ବେଳେ ମୃତ୍ୟୁକୁ ନେଇ ସନ୍ଦେହ ଉପୁଜିଛି। ଖବର ଲେଖାହେବା ବେଳକୁ ବୃଦ୍ଧଙ୍କ ମୃତଶରୀର ନିକଟରେ ପୋଲିସ ଉପସ୍ଥିତ ରହି ଘଟଣାର ତଦନ୍ତ ଜାରି ରଖିଛି।

## ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଏସଏସର ୭ଦିନିଆ ଶିବିର ଉଦ୍ଘାଟିତ




ଲଙ୍ଗଳେଶ୍ୱର,୨୨/୯ (ନିପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ଏନ ଏସ ଏସ ର ୭ଦିନିଆ ସ୍ୱତନ୍ତ୍ର ଶିବିରକୁ ରବିବାର ବିଦ୍ୟାଳୟର ଅଧକ୍ଷା ସୁଦୀପ୍ତା ବିଶ୍ୱାଳ ପତାକା ଉତ୍ତୋଳନ ପୂର୍ବକ ଉଦ୍ଘାଟନ କରିଥିଲେ। ଅଧକ୍ଷା ଶ୍ରୀମତୀ ବିଶ୍ୱାଳ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସଭାରେ ଶିବିରର ପ୍ରୋଗ୍ରାମ ଅଫିସର ରମେଶ ଚନ୍ଦ୍ର ପଣ୍ଡା ଉପସ୍ଥିତ ସେଛାସେବି ମାନଙ୍କୁ ୭ଦିନ ଧରି ହେବାକୁ ଥିବା ଶିବିରର କାର୍ଯ୍ୟ ସୂଚୀ ସହିତ ଶିବିରାର୍ଥୀ ମାନଙ୍କର କର୍ତ୍ତବ୍ୟ ବିଷୟ ରେ ଅବଗତ କରାଇ ଥିଲେ। ଇତିହାସ ଅଧାପକ ରାଜେନ୍ଦ୍ର କୁମାର ବାରିକ କାର୍ଯକ୍ରମ ରେ ଯୋଗ ଦେଇ ଏନ୍ ଏସ ଏସ ର ଇତିହାସ ବିଷୟ ରେ ସେଛସେବୀ ମାନଙ୍କୁ ବକ୍ତବ୍ୟ ମାଧମରେ ସମ୍ୟକ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧାପକ ବରେନ୍ଦ୍ର ବେହେରା, ଉତ୍ତମ ମାହାନା, ଅପର୍ଣ୍ଣା ମାଜୀ, ସନ୍ନ୍ୟାସୀ ବେହେରା, ବିନୋଦ ବେହେରା, ଦିଗମ୍ବର ରଣା, ପ୍ରମୁଖ ଉଦ୍ଘାଟନୀ ସଭାରେ ଉପସ୍ଥିତ ଥିଲେ।

## ବିକାଶ ମେଳାରେ ଷ୍ଟଲ ପ୍ରଦର୍ଶନୀ



ଭଦ୍ରକ, ୨୨/୯ (ନି.ପ୍ର): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ଓରମାସ୍ ଓ ପାନୀୟଜଳ ଯୋଗାଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ସହଯୋଗରେ ତା ୨୧-୦୯-୨୦୨୪ରିଖ ଠାରୁ ୨୩-୦୯-୨୦୨୪ରିଖ ୩ଦିନ ଧରି ଆୟୋଜନ ହେଉଥିବା ବିକାଶ ମେଳାର ଷ୍ଟଲ ପ୍ରଦର୍ଶନୀ ମାନ୍ୟବର ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ଜିଲ୍ଲା ବିଜେପି ସଭାପତି ହେମନ୍ତ ପାଢ଼ୀ, ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସରୋଜ କୁମାର ଦତ୍ତ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କୁଶଳ ଚନ୍ଦ୍ର ନାୟକଙ୍କ କରକମଳରେ ଶୁଭଉଦ୍‌ଘାଟିତ ହୋଇଥିଲା । ଉକ୍ତ ବିକାଶ ମେଳାରେ ଓରମାସ ସହାୟତାରେ ଜିଲ୍ଲାରେ ଥିବା ସ୍ୱୟଂସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ଗୁଡ଼ିକ ପ୍ରଦର୍ଶନୀ ଓ ବିକ୍ରି କରାଯିବାକୁ ବ୍ୟବସ୍ଥା କରାଯାଇଛି । ଓରମାସର ଏକ ଥିମ୍ ଷ୍ଟଲ ମାଧ୍ୟମରେ ଜିଲ୍ଲାରେ ଉତ୍ପାଦିତ ଦ୍ରବ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟାବଳୀ ଯଥା ଦକ୍ଷତା ଓ ଜୀବିକା ନିର୍ବାହ ନିମନ୍ତେ ଓରମାସର ପ୍ରଚେଷ୍ଟାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ ଚେଷ୍ଟା କରାଯାଇଛି । ଉକ୍ତ ବିକାଶ ମେଳାରେ ଓରମାସର ୭ଟି, ମିଶନ ଶକ୍ତିର ୨ଟି, ମହିଳା ଓ ଶିଶୁ ବିକାଶ ଯୋଜନା, ଜିଲ୍ଲାଶିକ୍ଷ କେନ୍ଦ୍ର, କୃଷି ବିଭାଗ, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ସୂଚନା ଓ ଲୋକସମ୍ପର୍କ, ମୃତ୍ତିକା ସଂରକ୍ଷଣ, ଭିନ୍ନକ୍ଷମ ଓ ସାମାଜିକ ସୁରକ୍ଷା, ସ୍ୱଚ୍ଛ ସଞ୍ଚୟ ଯୋଜନା, ପୌରପାଳିକା, ହସ୍ତତନ୍ତ, ହସ୍ତଶିଳ୍ପ, ମତ୍ସ୍ୟସମ୍ପଦ, ପରିଚାଳନା ଓ ସଂଯୋଜନା, ଜିଲ୍ଲାପରିଷଦରର ସ୍ୱଚ୍ଛ ଭାରତ ମିଶନ, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଆବାସ ଯୋଜନା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଶିକ୍ଷା ଓ ଶ୍ରମ ବିଭାଗର ଷ୍ଟଲମାନ ମଧ ପ୍ରଦର୍ଶିତ ହୋଇଛି । ୨ ଗୋଟି ଖାଦ୍ୟ ଷ୍ଟଲ ମଧ ହୋଇଛି । ଉକ୍ତ ମେଳାରେ ୨୦୦୦ରୁ ଅଧିକ ଜନସମାଗମ ହେବା ସହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଓରମାସ ମୁଖ୍ୟ କାର୍ଯ୍ୟନିର୍ବାହୀ ଭାଗ୍ୟଲକ୍ଷ୍ମୀ ରାଉତ, ଓଡ଼ିଶା ଜୀବୀକା ମିଶନ ଜିଲ୍ଲା ସଂଯୋଜକ ସଞ୍ଜୟ କୁମାର ବାରିକ୍, ମିଶନ ଶକ୍ତିର ଜିଲ୍ଲା ସଂଯୋଜକ ଅଭିକ୍ ନାରାଇନ୍ଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ଏହି ମେଳାରେ ଓରମାସ, ଓଡ଼ିଶା ଜୀବୀକା ମିଶନ ଓ ମିଶନ ଶକ୍ତି ବିଭାଗର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବିକାଶ ମେଳାରେ ପ୍ରଥମ ଦିନରେ ୩୦ ହଜାର ଟଙ୍କାର ବ୍ୟବସାୟ ହୋଇଥିଲା ।

## କ୍ୟାପଟେନ୍ ଗୁରୁବଂଶ ସିଂଙ୍କୁ ବୟାନ ରେକର୍ଡ କଲା କ୍ରାଇମବ୍ରାଂଚ

ଭୁବନେଶ୍ୱର, ୨୨/୯ (ନି.ପ୍ର): ଭରତପୁର ଥାନାରେ ଆର୍ମି ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ଆଜି କ୍ରାଇମବ୍ରାଂଚ କ୍ୟାପଟେନ୍ ଗୁରୁବଂଶ ସିଂଙ୍କ ବୟାନ ରେକର୍ଡ କରଛି । ଭୁବନେଶ୍ୱର ୧୨୦ ବାଟାଲିଅନରେ ଗୁରୁବଂଶଙ୍କୁ ପଚରାଉଚରା କ୍ରାଇମବ୍ରାଂଚ ତାଙ୍କର ବୟାନ ରେକର୍ଡ କରିଛି । ଉଲ୍ଲେଖନୀୟ ଯେ ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ସମୟରେ ପୋଲିସ କିଭଳି ଆଚରଣ କରିଥିଲା ତାକୁ ନେଇ କ୍ରାଇମବ୍ରାଂଚ ଜାଂଚ କ କରୁଛି । କ୍ରାଇମବ୍ରାଂଚ ଗତକାଲି ଗୁରୁବଂଶଙ୍କ ବାନ୍ଧବୀଙ୍କ ବୟାନ ରେକର୍ଡ କରିଥିଲା ।

## ଆଧାର ନାହିଁ ବୋଲି ନେଲେନାହିଁ ଆଡ଼ମିସନ: ପାଠପଢ଼ାରେ ଡ଼ୋରି ବାନ୍ଧିଲେ କେନ୍ଦୁଘାଟିର 'ବାଲି'



ଉଦଳା , ୨୨/୯ (ନି.ପ୍ର): କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ କେନ୍ଦୁଘାଟି ଗ୍ରାମର ଦୃଶ୍ୟ । ଏହିଗ୍ରାମର ବାସିନ୍ଦା ଭଜ ମୁର୍ମୁ ଓ ମାତା – ମାଳତି ମୁର୍ମୁଙ୍କ କନ୍ୟା 'ବାଲି' ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ ଜଣାଯାଇଛି 'ବାଲି' ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରୁ ୫ମଶ୍ରେଣି ପାସ କରିଛନ୍ତି । ପରେ ଷଷ୍ଠ ଶ୍ରେଣିରେ ନାମ ଲେଖାଇବାକୁ ଯିବାରୁ କାର୍ଯ୍ୟରତ ଶିକ୍ଷକ ଆଧାର କାର୍ଡ଼ ମାଗିଲେ । 'ବାଲି' ଆଧାର କାର୍ଡ଼ ଦେଇନପାରିବାରୁ ତାଙ୍କୁ କୌଣସି ବିଦ୍ୟାଳୟ ଆଡ଼ମିସନ ନେଇନଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଫଳରେ ଅନ୍ୟ କୌଣସି ଉପାୟ ନପାଇ ବାଧ ହୋଇ 'ବାଲି' ଆଜକୁ ୨ ବର୍ଷ ହେବ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଛନ୍ତି । 'ବାଲି' ଙ୍କୁ ବର୍ତମାନ ବୟସ ୧୨ ବର୍ଷ ଛୁଇଁଲା । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ 'ବାଲି'ଙ୍କ ପରି ବିଭିନ୍ନ କାରଣରୁ ବର୍ତମାନ ମଧ ବହୁ ପିଲା ବିଦ୍ୟାଳୟ ବାହାରେ ଅଛନ୍ତି । ତାଛଡ଼ା ଆଦିବାସି ଲୋକଙ୍କର ସବୁ ପ୍ରକାରର ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସି ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଅଥଚ କପ୍ତିପଦା ଉପଖଣ୍ଡ ମଧରେ ଶହ ଶହ ସଂଖ୍ୟାରେ ଆଦିବାସି ପିଲା ଅଧାରୁ ପାଠପଢ଼ା ଛାଡ଼ୁଥିବା ବେଳେ, ବହୁସଂଖ୍ୟାରେ ପିଲା ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ରାଜ୍ୟ ସରକାର ତୁରନ୍ତ ଏ ବାବଦରେ ପଦକ୍ଷେପ ନେବାକୁ ଜିଲ୍ଲାରେ କାର୍ଯ୍ୟରତ ଏକ ଲୋକ ସଂଗଠନର ସଦସ୍ୟ ମାନେ ଦାବି ଜଣାଇଛନ୍ତି ।

## ଚାରିଦିନିଆ ଦିଲ୍ଲୀ ଗସ୍ତରେ ବାଚସ୍ପତି

ଭୁବନେଶ୍ୱର, ୨୨/୯ (ନି.ପ୍ର): ଦଶମ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ, ଭାରତୀୟ ଆଂଚଳିକ ସମ୍ମିଳନୀ ଦିଲ୍ଲୀର ।ର୍ଲିଆମେଂଟ ଠାରେ ଅନୁଷ୍ଠିତ ହେଉଅଛି । ଲୋକସଭାର ବାଚସ୍ପତି ଶ୍ରୀ ଓମ୍ ବିର୍ଲାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ରାଜ୍ୟର ବାଚସ୍ପତି ଓ ଉପବାଚସ୍ପତି ଯୋଗଦେଉଛନ୍ତି । ଏଥିରେ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀସୁରମା ପାଢ଼ୀ, ଉ ବାଚସ୍ପତିଶ୍ରୀ ଭବାନୀଶଙ୍କର ଭୋଇ, ରାଜ୍ୟ ବିଧାନସଭାର ସଚିବ ଶ୍ରୀ ଦାଶରଥି ଶତପଥୀ ପ୍ରମୁଖ ଯୋଗଦେଉଛନ୍ତି ।

## 'ଶୋଭା' ନାଟ୍ୟାନୁଷ୍ଠାନର ୯ମ ବାର୍ଷିକ ନାଟ୍ୟୋତ୍ସବ

### 'ଯାହା କହି ହୁଏନା' ନାଟକ ମଞ୍ଚସ୍ଥ




ବାଲେଶ୍ୱର, ୨୨/୯ (ନି.ପ୍ର): ଓଡ଼ିଶାର ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ଶୋଭା'ର ନବମ ବାର୍ଷିକୋତ୍ସବ ଅବସରରେ ୨୫ତମ ନାଟ୍ୟାର୍ଘ୍ୟ ଡ. ନାରାୟଣ ସାହୁଙ୍କ ରଚିତ 'ଯାହା କହି ହୁଏନା' ନାଟକ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂପ୍ରତି ୭୫ବର୍ଷର ସ୍ୱାଧୀନତାପ୍ରାପ୍ତି ପରେ ବି ଆମ ସମାଜର ଘଟିଚାଲିଥିବା ଅନେକ ମଧରୁ ଦାଦନ ସମସ୍ୟାର କର୍କଟରୋଗ ନିରାକରଣ କରିବାରେ ଆମ ଚଳନ୍ତି ବ୍ୟବସ୍ଥା ଅସଫଳ ହେବାର ବାସ୍ତବ ଚିତ୍ର ନାଟ୍ୟାଗ୍ରହୀ ଦର୍ଶକମାନଙ୍କୁ ସମ୍ମୋହିତ କରିଥିଲା। ଏହି ବାର୍ଷିକୋତ୍ସବର ନିର୍ଦ୍ଦେଶକ ଅର୍ଣ୍ଣବ କରଙ୍କ ଦ୍ୱାରା ମଞ୍ଚ ଆହ୍ୱାନ ତଥା ଅତିଥି ପରିଚୟ କରିଥିବା ବେଳେ 'ଶୋଭା' ର ଉପଦେଷ୍ଟା ପ୍ରବୀଣ ଅଭିନେତା ଲକ୍ଷ୍ମୀନାରାୟଣ ଘୋଷଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବରେ 'ଚନ୍ଦ୍ରଭାଗା'ର ପ୍ରତିଷ୍ଠାତା କବି ଶ୍ରୀଦେବ ନାଟକ ହିଁ ସର୍ବକାଳୀୟ ପ୍ରଭାବଶାଳୀ ମାଧମ ଯାହା ଯୁଗେଯୁଗେ ସାହିତ୍ୟ ଓ ସମାଜକୁ ଏକ ଶକ୍ତିଶାଳୀ ମାର୍ଗଦର୍ଶକ ଭାବରେ ଅଭୂତପୂର୍ବ ଭୂମିକା ବହନ କରିଥିବାର ମତପୋଷଣ କରିଥିଲେ। ନିର୍ଦ୍ଦେଶକ-ଅଭିନେତା-ଲେଖକ ବିଜୟ ମହାକୁଡ଼ ସମ୍ମାନିତ ଅତିଥିଭାବରେ ନାଟକ ହିଁ ସାମାଜିକ ସ୍ୱଚ୍ଛତା ଆଣିପାରେ ବୋଲି ତାଙ୍କ ବକ୍ତବ୍ୟ ରଖି 'ଶୋଭା' ଅନୁଷ୍ଠାନର ନିରବଚ୍ଛିନ୍ନ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବକାଶରେ ଅନୁଷ୍ଠାନର ସଂପାଦକ ଆଶିଷ ବର୍ଦ୍ଧନ ସଂପାଦକୀୟ ବିବରଣୀ ଉପସ୍ଥାପନ କରିଥିଲାବେଳେ ଅତିଥିମାନଙ୍କ ଦ୍ୱାରା ବେହେଲା ବାଦକ ଗୁରୁ ମନୋରଞ୍ଜନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। 'ଯାହା କହି ହୁଏନା' ନାଟକରେ ଆଶିଷ, ମଦନ, ରମ୍ୟା, ସୂରଜକାନ୍ତ, ଅନନ୍ତ, ସୁବ୍ରତ, ପ୍ରମଥେଶ, ପୂଜା, ଦେବସ୍ମିତା, ମଧୁସ୍ମିତା ନିଜନିଜର ସଫଳ ଅଭିନୟ ଉପସ୍ଥାପନ କରିଥିଲାବେଳେ ଗୀତିକାର ପୂର୍ଣ୍ଣେନ୍ଦୁ ଦାସମହାପାତ୍ର, ସଂଗୀତନିର୍ଦ୍ଦେଶକ ଗୁରୁ ନନ୍ଦକିଶୋର ଦାସ, ମଂଚ ଓ ରୂପସଜ୍ଜାରେ ସନ୍ତୋଷ କମିଳା, ଆଲୋକ ପରିବେଷଣରେ ସନ୍ତୋଷ ମହାନ୍ତି (ଛୁଆ) ଏବଂ ନିର୍ଦ୍ଦେଶନାରେ ଅର୍ଣ୍ଣବଙ୍କ ଆନ୍ତରିକ ସହଭାଗିତାରେ ନାଟକଟିକୁ ସଫଳ ରୂପାୟନ କରିପାରିଥିଲେ।

## ହ୍ୟୁମାନ ରାଇଟ୍ସ ୟା.ଡ଼ି.ସି.ର ସାଙ୍ଗଠନିକ ବୈଠକ ଓ ବାଲେଶ୍ୱର ଜିଲ୍ଲା କମିଟି ଗଠିତ

ବାରିପଦା, ୨୨/୯ (ନି.ପ୍ର): ହ୍ୟୁମାନ ରାଇଟ୍ସ ୟା.ଡ଼ି.ସି ରାଷ୍ଟ୍ରୀୟ ସଭାପତି ଶ୍ରୀଯୁକ୍ତ ଶିଶିର କୁମାର ମଜୁମଦାରଙ୍କ ଆହ୍ୱାନ କ୍ରମେ ଓଡିଶା ଇନଚାର୍ଜ ବିକାଶ କୁମାର ଦାସଙ୍କ ସଭପତିତ୍ୱରେ ବାଲେଶ୍ୱର ଟାଉନସ୍ଥିତ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ସୁକୁମାର ରଞ୍ଜନ ପ୍ରଧାନ ଯୋଗଦେଇ ମାନବାଧିକାର ର ବିଚାରଧାରା ଓ କିପରି ଉକ୍ତ ସଂଗଠନରେ କାର୍ଯ୍ୟକରି ଏହାକୁ ଆହୁରି ଲୋକାଭିମୁଖୀ କରାଯାଇପାରିବ ତାଉପରେ ଆଲୋଚନା କରିବା ସହିତ ବାଲେଶ୍ୱର ଜିଲ୍ଲା ର ନୂତନ କମିଟି ଶ୍ରୀ ସରୋଜ କୁମାର ଲେଙ୍କାଙ୍କ ନେତୃତ୍ୱ ରେ ଗଠନ କରାଗଲା । ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ଶ୍ରୀକାନ୍ତ କୁମାର ବୁଗୁଡ଼ାଇ, ଉପ ସଭାପତି ଦୁଇ ଜଣ ଯଥାକ୍ରମେ ଜୀବନଜ୍ୟାତି ମହାପାତ୍ର ଓ ଏସ. କେ. ସାମସୁଦିନ,ସାଧାରଣ ସମ୍ପାଦକ ଏସ. କେ. ଅସଗର ଅଲି,ସମ୍ପାଦକ ପାଞ୍ଚଜଣ ଯଥାକ୍ରମେ ସନ୍ତୋଷ କୁମାର ଦାଶ,ଏସକେ ନିଜାମୁଦିନ,ଚନ୍ଦ୍ରଶେଖର ଦେ, ଲୋକନାଥ ରାଉଳ,ସୌରୋଜ ଚନ୍ଦ୍ର ସେନ,ଆଡ଼ଭାଇଜର କମିଟି ମେମ୍ବର ବିଦ୍ୟାଧର ମହାନ୍ତି,ଏସକେ ଅରଫାନଉଦିନ ଓ ବଡି ମେମ୍ବର ଭାବେ ସୁମିତ ସାଗର ଦାଶ, ଓମପ୍ରକାଶ ସାହୁ,ରିୟାସାତ ଖାନ ଓ ଏସକେ ମୋହମ୍ମଦ ପ୍ରମୁଖ ନିଯୁକ୍ତ ହୋଇ କାର୍ଯ୍ୟକ୍ରମ କରିବେ ବୋଲି ଶପଥ ନେଇଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo